# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୫/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 15/2025 Page 16 ₹ 7.00 | DHENKANAL

www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada

୫୧ଶ ଭାଗ ୩୪୯ ସଂଖ୍ୟା VOLUME 51 ISSUE 349 ମୂଲ୍ୟ ₹୭/-


# ବିହାର: ଏନ୍‌ଡିଏର ବିପୁଳ ବିଜୟ


ନୀତୀଶ କୁମାର


ସମ୍ରାଟ ଚୌଧରୀ


ଚିରାଗ ପାଶ୍ୱାନ

**ପାଟନା,୧୪।୧୧**

ହିନ୍ଦୀଭାଷୀ ରାଜ୍ୟ ବିହାରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)କୁ ଏକତରଫା ସଫଳତା ମିଳିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଶାସକ ମେଣ୍ଟ ୨୦୨ ଆସନ ଦଖଲ କରି ପୁଣି ଥରେ ସରକାର ଗଠନ ଦିଗରେ ଅଗ୍ରସର ହେଉଥିବାବେଳେ ବିରୋଧୀ ମହାମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି। ଭାଜପା ୯୦ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି। ସଂଯୁକ୍ତ ଜନତା ଦଳ (ଜେଡିୟୁ) ୮୫ ଆସନରେ ସଫଳତା ହାସଲ କରି ଦ୍ୱିତୀୟ ଦଳର ମାନ୍ୟତା ଲାଭ କରିଥିବାବେଳେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମାତ୍ର ୨୫ ଆସନରେ ସୀମିତ ରହିଛି। ବିରୋଧୀ ମହାମେଣ୍ଟର ଅନ୍ୟତମ ଅଂଶୀଦାର କଂଗ୍ରେସକୁ ମାତ୍ର ୬ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ନିର୍ବାଚନରେ ପ୍ରଥମ ଥର ପାଇଁ ଭାଗ୍ୟ ପରୀକ୍ଷା କରିଥିବା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି (ଜେଏସ୍‌ପି) ଖାତା ଖୋଲିବାରେ ସକ୍ଷମ ହୋଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଧୂଆଁଧାର ପ୍ରଚାର ସାଙ୍ଗକୁ ନୀତୀଶଙ୍କ ଲୋକପ୍ରିୟତା ଏନ୍‌ଡିଏ ପାଇଁ ବିପୁଳ ବିଜୟ ଆଣିଦେଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ବିହାର ବିଧାନସଭାର ୨୪୩ ଆସନ ପାଇଁ ୨ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନଭେମ୍ବର ୬ରେ ୧୨୧ ଏବଂ ୧୧ ତାରିଖରେ ୧୨୨ ନିର୍ବାଚନମଣ୍ଡଳୀରେ ମୋଟ ୬୬.୯୧% ମତଦାନ ହୋଇଥିଲା, ଯାହାକି ☞ପୃଷ୍ଠା-୪

# ନୂଆପଡ଼ାରେ ଭାଜପା

**ଭୁବନେଶ୍ୱର/ ନୂଆପଡ଼ା, ୧୪।୧୧**
**(ରବିନାରାୟଣ ଜେନା/ ମକାରୁ ବେମାଲ)**

ବହୁ ପ୍ରତୀକ୍ଷିତ ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ଭୋଟରେ ବିଜୟ ଲାଭ କରିଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହା ଗଣତନ୍ତ୍ର ତଥା ଲୋକଙ୍କ ବିଜୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଭାଜପା ଯେଉଁ ମିଶନ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ


ଜୟ ଢୋଲକିଆ

ନେଇ କାର୍ଯ୍ୟ କରୁଛି ତାହାକୁ ନୂଆପଡ଼ାବାସୀ ସ୍ୱୀକୃତି ଦେଇଛନ୍ତି ବୋଲି ସେ କହିଛନ୍ତି।

ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ନିର୍ବାଚନ ଫଳାଫଳ ଅନୁଯାୟୀ, ଭାଜପା ପ୍ରାର୍ଥୀ ଜୟଙ୍କୁ ସର୍ବାଧିକ ୧ ଲକ୍ଷ ୨୩ ହଜାର ୮୬୯ ଖଣ୍ଡ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ପନ୍ତଙ୍କ ବଦଳି**




# ମୋଦିଙ୍କ ପ୍ରଚାର, ନୀତୀଶଙ୍କ ଜନକଲ୍ୟାଣ ଯୋଜନା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ,୧୪।୧୧**

ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଏକତରଫା ବିଜୟର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଦିଆଯାଉଛି। ରାଜ୍ୟ ଓ କେନ୍ଦ୍ରର ଜନକଲ୍ୟାଣକାରୀ ଯୋଜନା, ମହିଳାଙ୍କୁ ଆର୍ଥିକ ସହାୟତା ସାଙ୍ଗକୁ ମୋଦିଙ୍କ ଧୂଆଁଧାର ପ୍ରଚାର ପାଇଁ ଏତେ ବଡ଼ ବିଜୟ ହାସଲ ହୋଇଥିବା କୁହାଯାଉଛି। ଏହାବାଦ୍ ମୋଦି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ପୂର୍ବ ଶାସନ କାଳରେ 'ଜଙ୍ଗଲରାଜ' କଥାକୁ ଭୋଟରଙ୍କୁ ବାରମ୍ବାର ମନେପକାଇ ଦେଇଥିଲେ। ପ୍ରାୟ ସବୁ ନିର୍ବାଚନୀ ସଭାରେ ମୋଦି ଲାଲୁ ଯାଦବ ଓ ରାବ୍ରୀ ଦେବୀଙ୍କ ଶାସନରେ କିପରି ଜଙ୍ଗଲରାଜ ଚାଲିଥିଲା ଓ ସନ୍ଧ୍ୟା ହେଲେ ମହିଳାମାନେ ବାହାରକୁ ବାହାରିପାରୁ ନ ଥିଲେ ତା'ର ଅବତାରଣା କରିଥିଲେ। ଶାସକ ମେଣ୍ଟ ସପକ୍ଷରେ ଉକ୍ତ ଐତିହାସିକ ବିଜୟ ପଛରେ ମୋଦିଙ୍କ ଏହି କୌଶଳ କାମ କରିଥିବା ବିଶ୍ଲେଷକମାନେ କହୁଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଏଥର ବିହାର ସାରା ୧୩ଟି ରାଲିକୁ ସମ୍ବୋଧିତ କରିଥିଲେ। ପାଟନାରେ ଏକ ବିଶାଳ ରୋଡ୍‌ଶୋ' କରିବିହାରୀ ଅସ୍ମିତା ପ୍ରସଙ୍ଗ ଉଠାଇଥିଲେ। ଏଥିସହ ଛଟ୍‌ପୂଜା ଭଳି ପରମ୍ପରାରେ ଭାଗନେଇ ଆର୍‌ଜେଡି-କଂଗ୍ରେସ ମେଣ୍ଟକୁ ଟାର୍ଗେଟ କରିଥିଲେ। ଅନୁପ୍ରବେଶକାରୀଙ୍କ ପାଇଁ ମହାମେଣ୍ଟର ନରମ ଆଭିମୁଖ୍ୟକୁ ମୋଦି ସମାଲୋଚନା କରିଥିଲେ।

## ଜଙ୍ଗଲରାଜ ସୂତ୍ରକୁ ଧ୍ୱଂସ କରିଛି ଏନ୍‌ଡିଏର ବିଜୟ: ପ୍ରଧାନମନ୍ତ୍ରୀ

ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ବିପୁଳ ବିଜୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ବିଜୟ ଜଙ୍ଗଲରାଜ ସହ ଜଡ଼ିତ ଲୋକଙ୍କ ସାମ୍ପ୍ରଦାୟିକ ଏମ୍‌ୱାଇ (ମୁସଲମାନ-ଯାଦବ) ସୂତ୍ରକୁ ଧ୍ୱଂସ କରିଥିବା ଲୋକଙ୍କ ନୂଆ ଏମ୍‌ୱାଇ (ମହିଳା ଓ ଯୁବ) ଫର୍ମୁଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାଜପା ମୁଖ୍ୟାଳୟରେ ଦଳୀୟ କର୍ମୀ ଓ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବିହାର ସେହି ଭୂମି, ଯିଏ ଭାରତକୁ ଗଣତନ୍ତ୍ରର ଜନନୀ ହେବାର ଗୌରବ ଦେଇଥଲା। ସେହି ଭୂମି ଗଣତନ୍ତ୍ର ଉପରେ ଆକ୍ରମଣକାରୀଙ୍କୁ ମାଟି କାମୁଡ଼ିବାକୁ ବାଧ କରିଛି। ମିଥ୍ୟାର ପରାଜୟ ଏବଂ ଲୋକଙ୍କ ଆସ୍ଥାର ବିଜୟକୁ ବିହାର ପୁନର୍ବାର ପ୍ରଦର୍ଶିତ କରିଛି। ଏହି ବିଜୟ ନିର୍ବାଚନ କମିଶନଙ୍କ ଉପରେ ଲୋକଙ୍କ ଆସ୍ଥାକୁ ଦୃଢ଼ୀଭୂତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।


ନିର୍ବାଚନୀ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱର ଉଚ୍ଚ ପ୍ରଶଂସା କରିବା ସହ ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ବିହାର ଜନସାଧାରଣ ଏହି ବିଶାଳ ବିଜୟ ଏବଂ ସେମାନଙ୍କ ଦୃଢ଼ ଆତ୍ମବିଶ୍ୱାସ ସହ ରାଜ୍ୟରେ ତୋଫାନ ସୃଷ୍ଟି କରିଥିବା ମୋଦି କହିଛନ୍ତି। ମୁସଲମାନ-ଯାଦବ ସମର୍ଥିତ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)କୁ ଲକ୍ଷ୍ୟ କରି ମୋଦି କହିଛନ୍ତି, ବିହାରରେ କେତେକ ଦଳ ଏମ୍‌ୱାଇ ଫର୍ମୁଲା ସୃଷ୍ଟି କରିଥିଲେ। ଆଜିର ବିଜୟ ଏକ ନୂଆ ସକାରାତ୍ମକ ଏମ୍‌ୱାଇ (ମହିଳା ଓ ଯୁବ) ସୂତ୍ର ଦେଇଛି।

## ଆର୍‌ଜେଡିକୁ ସର୍ବାଧିକ ୨୨.୯୯ % ଭୋଟ



**ପାଟନା,୧୪।୧୧**

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ୨୦୨୦ ବିଧାନସଭା ନିର୍ବାଚନରେ ସବୁଠୁ ବଡ଼ ଦଳ ଭାବେ ଉଭାହୋଇଥିଲା। ଏହାସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଭାଜପା ମେଣ୍ଟ ସରକାରରେ ରହିଥିଲା। କିନ୍ତୁ ୨୦୨୫ ନିର୍ବାଚନରେ ଆର୍‌ଜେଡି ସର୍ବାଧିକ ୧୪୩ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୨୫ ଆସନରେ ସୀମିତ ହୋଇ ରହିଯାଇଛି। ଏସବୁ ଭିତରେ ଆର୍‌ଜେଡି ଖୁସି ହେବା ଭଳି ଗୋଟିଏ କାରଣ ସାମ୍ନାକୁ ଆସିଛି। ତାହା ହେଉଛି ସର୍ବାଧିକ ଭୋଟ ଶେୟାର। ତେଜସ୍ୱୀଙ୍କ ପାର୍ଟି ଆର୍‌ଜେଡି ଶାସକ ଭାଜପା ଏବଂ ଜେଡିୟୁଠାରୁ ଭୋଟ ହାରରେ ଆଗରେ ରହିଛି। ୨୪୩ ଆସନ ମଧ୍ୟରୁ ୧୪୩ରେ ଲଢ଼ିଥିବା ଆର୍‌ଜେଡିକୁ ସର୍ବାଧିକ ୨୨.୯୯% ଭୋଟ ମିଳିଥିବାବେଳେ ୧୦୧ ଲେଖାଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଭାଜପା ଏବଂ ଜେଡିୟୁକୁ ଯଥାକ୍ରମେ ୨୦.୦୭% ଓ ୧୯.୨୮% ଭୋଟ ମିଳିଛି। ବିରୋଧୀ ମହାମେଣ୍ଟରେ ସାମିଲ ଥିବା କଂଗ୍ରେସ ୮.୭୨%, ସିପିଆଇଏମ୍(ଏଲ୍)୨.୮୫% ଏବଂ ସିପିଆଇଏମ୍ ୦.୬୦% ଭୋଟ ପାଇଛନ୍ତି।



ରାତି ୯ଟା ସୁଦ୍ଧା ମିଳିଥିବା ତଥ୍ୟ।

## ଜାତିବାଦ, ପରିବାରବାଦ ରାଜନୀତିକୁ ପ୍ରତ୍ୟାଖ୍ୟାନ କଲେ ବିହାରବାସୀ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୪।୧୧(ସୁନିତ୍ ମିଶ୍ର)**

ବିହାରର ଜନତା ପୁଣିଥରେ ପ୍ରମାଣିତ କରିଛନ୍ତି, ବିକାଶ, ସୁଶାସନ ଏବଂ ସ୍ଥାୟୀ ସରକାର ହିଁ ସେମାନଙ୍କର ପ୍ରାଥମିକତା। ଏନଡିଏକୁ ମିଳିଥିବା ଏହି ପ୍ରଚଣ୍ଡ ଜନାଦେଶ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାରର ଜନକଲ୍ୟାଣକାରୀ ନୀତିଗୁଡ଼ିକ ଉପରେ ସାଧାରଣ ଜନତାଙ୍କ ବଡ଼ ମୋହର ବୋଲି ବିହାରର ଭାଜପା ପ୍ରଭାରୀ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବିହାର ଫଳାଫଳ ବାହାରିବା ପରେ ଧର୍ମେନ୍ଦ୍ର ଆହୁରି କହିଛନ୍ତି, ବିହାରର ଜନତା ଜଙ୍ଗଲରାଜ, ଜାତିବାଦ, ପରିବାରବାଦ ଏବଂ ନକାରାତ୍ମକ ରାଜନୀତିକୁ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ବିହାରବାସୀ ନିରନ୍ତର ପ୍ରଗତି ଏବଂ 'ବିକଶିତ ବିହାର'ର ମାର୍ଗକୁ ବାଛିଥିବା ଏହି ବିଜୟ ଦର୍ଶାଉଛି। ବିହାରର ଏହି ଐତିହାସିକ ବିଜୟ ଏନଡ଼ିଏର ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ, ସମର୍ପଣ ଏବଂ ଜନତାଙ୍କ ପ୍ରତି ନିଷ୍ଠାର ପ୍ରତିଫଳନ। ଜନସାଧାରଣଙ୍କର ବିଶ୍ୱାସ ହିଁ ସେମାନଙ୍କ ଦଳର ଶକ୍ତି। ଏହି ଜନାଦେଶ ଆମର ସଂକଳ୍ପକୁ ଆହୁରି ମଜଭୂତ କରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ବିହାର ବିଧାନସଭା ନିର୍ବାଚନରେ ଏନଡିଏ ମେଣ୍ଟର ଐତିହାସିକ ବିଜୟ ପାଇଁ ସ୍ଥାନୀୟ ଜନସାଧାରଣ ଓ ଭାଜପାର ଶୀର୍ଷ ନେତୃତ୍ୱ ତଥା କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅଭୂତପୂର୍ବ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ମୋଦି, ନୀତୀଶ କୁମାର, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ବିହାର ପ୍ରଦେଶ ନେତୃତ୍ୱ ସହିତ ଏନଡିଏର ସମସ୍ତ ନେତା ଓ କାର୍ଯ୍ୟକର୍ତ୍ତାମାନଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଧର୍ମେନ୍ଦ୍ର ବିହାର ନିର୍ବାଚନ ପୂର୍ବରୁ ଭାଜପାର ପ୍ରଭାରୀ ନିଯୁକ୍ତ ହୋଇଥିଲେ। ଏହାପରେ ସେ ବିହାର ନିର୍ବାଚନର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱରେ ରହିଥିଲେ।



ଧର୍ମେନ୍ଦ୍ର ପ୍ରଧାନ


DSPL-355



150th Birth Anniversary Year of Bhagwan Birsa Munda
JANJATIYA GAURAV VARSH



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଧରତି ଆବା
ଭଗବାନ ବିର୍ସା ମୁଣ୍ଡାଙ୍କ
୧୫୦ତମ ଜୟନ୍ତୀ ଅବସରରେ

ଜନଜାତୀୟ ଗୌରବ ଦିବସ

ରାଜ୍ୟସ୍ତରୀୟ ସମାରୋହ

ଅଂଶଗ୍ରହଣ କରିବାକୁ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ସାଦର ନିମନ୍ତ୍ରଣ

୧୫ ନଭେମ୍ବର ୨୦୨୫ । ରାଉରକେଲା

OIPR-

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଉମର ନବୀଙ୍କ ପୁଲ୍‌ୱାମା ଘର ବିସ୍ଫୋରଣରେ ଉଡ଼ାଇ ଦିଆଗଲା

## ଦିଲ୍ଲୀ ବିସ୍ଫୋରଣ ମାମଲା



ବିସ୍ଫୋରଣରେ ଡା. ଉମର ନବୀଙ୍କ ଘରକୁ ଧ୍ୱଂସ କରାଯାଇଛି।

**ଶ୍ରୀନଗର,୧୪।୧୧**

ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଘଟିଥିବା ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ଡା. ଉମର ନବୀଙ୍କର ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଥିବା ବାସଭବନକୁ ସୁରକ୍ଷା ବଳ ବିସ୍ଫୋରଣରେ ଉଡ଼ାଇ ଦେଇଛି। ଗୁରୁବାର ବିଳମ୍ବିତ ରାତିରେ ଆଇଇଡି ସହାୟତାରେ ଏହାକୁ ଧ୍ୱଂସ କରାଯାଇଥିଲା।

ଲାଲ୍‌କିଲ୍ଲା ନିକଟରେ ସୋମବାର ସନ୍ଧ୍ୟାରେ ଏକ କାର୍‌ରେ ବିସ୍ଫୋରଣ ଘଟିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଜଣ ଆହତ ହୋଇଥିଲେ। ଉକ୍ତ ହ୍ୟୁଣ୍ଡାଇ ଆଇ୨୦ କାର୍‌କୁ ଉମର ଚଳାଉଥିଲେ। ବିସ୍ଫୋରଣ ସ୍ଥଳରୁ ସଂଗୃହୀତ ଡିଏନ୍‌ଏ ନମୁନା ସହ ଉମରଙ୍କ ମାଆଙ୍କ ଡିଏନ୍‌ଏ ନମୁନା ମେଳ ଖାଇବା ପରେ ତାଙ୍କ ପରିଚୟ ସ୍ପଷ୍ଟ ହୋଇଛି। କଶ୍ମୀରର ଏହି ଡାକ୍ତରଙ୍କର ଆକ୍ରମଣରେ ରହିଥିବା ଭୂମିକା ସମ୍ପର୍କରେ ତଦନ୍ତ ଜାରି ରହିଛି। ବିସ୍ଫୋରଣ ପରେ ଜମ୍ମୁ-କଶ୍ମୀର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉମରଙ୍କ ପରିବାରର ୩ ଜଣଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିଲା। ଉମର କଶ୍ମୀରର ଅନ୍ୟ ୨ ଡାକ୍ତରଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ଫରିଦାବାଦ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ ହେବା ସହ ଉକ୍ତ ୨ ଡାକ୍ତରଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉ ବେଳେ ୨,୯୦୦ କେ.ଜି. ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଉମର ପେସାରେ ଡାକ୍ତର ହୋଇଥିବାବେଳେ ୨ ବର୍ଷ ହେଲା ସେ କଠୋରପନ୍ଥୀ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ। ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅନେକ ରେଡିକାଲ ମେସେଜିଂ ଗ୍ରୁପ୍ ସହ ଜଡ଼ିତ ଥିଲେ। ସେ ଅଳ୍ପ କେତେଜଣଙ୍କୁ ନେଇ ଏକ ଛୋଟ ସିଗ୍‌ନାଲ ଗ୍ରୁପ୍ ଗଠନ କରିଥିଲେ, ଯାହା ଆତଙ୍କବାଦୀ କାର୍ଯ୍ୟକଳାପର କେତେକ ଅଂଶକୁ ପରିଚାଳନା କରୁଥିଲା। ଏହି ଗ୍ରୁପ୍ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରି ଆକ୍ରମଣ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଉମରଙ୍କୁ ଦେଇଥିବା ପୋଲିସ କହିଛି। ଉକ୍ତ ଅର୍ଥରେ ବିସ୍ଫୋରକ ପ୍ରସ୍ତୁତି ପାଇଁ ୨୬ କୁଇଣ୍ଟାଲ ଏନ୍‌ପିକେ ସାର କିଣାଯାଇଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି।

# ସ୍ପେସ୍ ଷ୍ଟେଶନରେ ଫସିଥିବା ଚାଇନା ମହାକାଶଚାରୀ ସୁରକ୍ଷିତ ଫେରିଲେ

**ବେଜିଂ,୧୪।୧୧**

ସ୍ପେସ୍‌କ୍ରାଫ୍ଟରେ ମହାକାଶ ବର୍ଜ୍ୟ ଧକ୍କା ହେବାରୁ ଚାଇନାର ୩ ମହାକାଶଚାରୀ ଅଟକି ରହିଥିବାବେଳେ ସେମାନେ ଶୁକ୍ରବାର ସୁରକ୍ଷିତ ଭାବେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେନ୍‌ଝୁ-୨୧ ସ୍ପେସ୍‌ଶିପ୍‌ର ପତ୍ୟାବର୍ତ୍ତନ କ୍ୟାପ୍‌ସୁଲ୍ ମହାକାଶଚାରୀ ଚେନ୍ ଡୋଙ୍ଗ୍, ଚେନ୍ ଝୋଙ୍ଗ୍ରୁଇ ଏବଂ ୱାଙ୍ଗ୍ ଜିଙ୍କୁ ଆଣି ଚାଇନାର ମଙ୍ଗୋଲିଆ ସ୍ୱୟଂଶାସନ ଅଞ୍ଚଳ ଅନ୍ତର୍ଗତ ଡୋଙ୍ଗଫେଙ୍ଗ ଲ୍ୟାଣ୍ଡିଂ ସାଇଟ୍‌ରେ ଅବତରଣ କରିଛି। ମହାକାଶଚାରୀମାନେ ନଭେମ୍ବର ୫ରେ ଫେରିବାକୁ ଥିବାବେଳେ ଏକ କ୍ଷୁଦ୍ର ସ୍ପେସ୍ ଡେବ୍ରିଜ୍ ସ୍ପେସ୍ ଷ୍ଟେଶନକୁ ଧକ୍କା ଦେବାରୁ ଶେଷ ମୁହୂର୍ତ୍ତରେ ଯାତ୍ରାକୁ ସ୍ଥଗିତ ରଖାଯାଇଥିଲା। ୨୦୧୧ରେ ସ୍ପେସ୍‌ଷ୍ଟେଶନ କାର୍ଯ୍ୟକାରୀ ହେବା ପରଠାରୁ ଏହା ପ୍ରଥମ ଘଟଣା ଥିଲା।



ସ୍ୱଦେଶୀ ଏବଂ ସୂକ୍ଷ୍ମ ଉଦ୍ୟୋଗ ପ୍ରତି ଆତ୍ମନିର୍ଭର
ଆନ୍ତରିକ କୃତଜ୍ଞତା
ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ
ଗର୍ବରେ କୁହନ୍ତୁ - ଏହା ସ୍ୱଦେଶୀ
Khadi India
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ବ୍ୟବସାୟ କରିବାରେ ସହଜତା ସିଧାସଳଖ ଜନସାଧାରଣଙ୍କୁ ପ୍ରଦାନ କରି ଆତ୍ମନିର୍ଭରଶୀଳତା ଏବଂ ଆତ୍ମନିର୍ଭର ଭାରତକୁ ପ୍ରୋତ୍ସାହନ।
- ହସ୍ତତନ୍ତ ଓ ହାତବୁଣା ଉତ୍ପାଦନକୁ ସହାୟତା ଯୋଗାଇବା ପାଇଁ ଏଭଳି ଉତ୍ପାଦଗୁଡ଼ିକ ଉପରେ ଜିଏସ୍‌ଟି ଛାଡ଼।
- ତୃଣମୂଳ ସ୍ତରର ଉଦ୍ୟୋଗୀଙ୍କ ସଶକ୍ତୀକରଣ: ଗ୍ରାମୀଣ କାରିଗରଙ୍କ ଦ୍ୱାରା ନିର୍ମିତ ଉତ୍ପାଦଗୁଡ଼ିକ ଉପରେ ମାତ୍ର ୫% ଜିଏସ୍‌ଟି, ଯଥା: ସାବୁନ, ପ୍ରସାଧନ ଏବଂ ବ୍ୟକ୍ତିଗତ ଯତ୍ନ ଓ ଖାଦ୍ୟ, କୃଷି ଓ ପ୍ରକ୍ରିୟାକୃତ ଉତ୍ପାଦ ତଥା ହସ୍ତଶିଳ୍ପ ଉତ୍ପାଦ।

ଜିଏସ୍‌ଟି ସଞ୍ଚୟ ଉତ୍ସବ
ସରଳତର ଜିଏସ୍‌ଟି ସହିତ ଅଧିକ ସଞ୍ଚୟ

ଖଦି ରେଡିମେଡ୍ ପୋଷାକ ସ୍ଲାବ୍ ପରିମାଣକୁ ବୃଦ୍ଧି କରାଯାଇଛି (ଟ.୧୦୦୦/-ରୁ ଟ.୨୫୦୦/-)
ପୂର୍ବବର୍ତ୍ତୀ ଜିଏସ୍‌ଟି: ଟ.୧୦୦୦/- ପର୍ଯ୍ୟନ୍ତ ପାଇଁ ୫% ଓ ଟ.୧୦୦୦ରୁ ଊର୍ଦ୍ଧ୍ୱ ପାଇଁ ୧୨%, ବର୍ତ୍ତମାନ: ଟ.୨୫୦୦/- ପର୍ଯ୍ୟନ୍ତ ପାଇଁ ୫% ଓ ଟ.୨୫୦୦/-ରୁ ଅଧିକ ପାଇଁ ୧୮%

| | ପୁରୁଣା ଜିଏସ୍‌ଟି ହାର | ନୂଆ ଜିଏସ୍‌ଟି ହାର |
|---|---|---|
| ଧୋତି ଓ ତଉଲିଆ | ୫% | ୦% |
| **ସାବୁନ, ପ୍ରସାଧନ ଓ ବ୍ୟକ୍ତିଗତ ଯତ୍ନ ସାମଗ୍ରୀ** | **ପୁରୁଣା ଜିଏସ୍‌ଟି ହାର** | **ନୂଆ ଜିଏସ୍‌ଟି ହାର** |
| ସାବୁନ | ୧୨% | ୫% |
| ହର୍ବାଲ ଶାମ୍ପୁ | ୧୮% | ୫% |
| ଟୁଥ୍‌ପେଷ୍ଟ | ୧୨-୧୮% | ୫% |
| ସିସାମ୍ ଅଏଲ୍ କାଜଲ | ୧୮% | ୦% |
| ହେୟାର କଣ୍ଡିସନର | ୧୨% | ୫% |
| ଆୟୁର୍ବେଦିକ ଔଷଧି ହେୟାରୱାଶ୍ | ୧୨% | ୫% |
| ହର୍ବାଲ ମେହେନ୍ଦୀ | ୧୨% | ୫% |
| ଭୃଙ୍ଗରାଜ ହେୟାର ଅଏଲ୍ | ୧୨% | ୫% |
| ଫେସ୍ ପାଉଡର | ୧୮% | ୫% |
| ଟଏଲେଟ୍ କ୍ଲିନର୍ | ୧୮% | ୫% |
| **ଖାଦ୍ୟ, କୃଷିଗତ ଓ ପ୍ରକ୍ରିୟାକୃତ ଉତ୍ପାଦ** | **ପୁରୁଣା ଜିଏସ୍‌ଟି ହାର** | **ନୂଆ ଜିଏସ୍‌ଟି ହାର** |
| ଖାଖ୍‌ରା | ୫% | ୦% |
| ପାମ୍ପଡ଼ (ହାତତିଆରି) | ୫% | ୦% |
| ଆଚାର, ସସ୍ | ୧୨% | ୫% |
| ଅଁଳା ଉତ୍ପାଦ (କ୍ୟାଣ୍ଡି, ଜୁସ୍) | ୧୨-୧୮% | ୫% |
| ଚ୍ୟବନପ୍ରାଶ | ୧୨% | ୫% |
| ହିଙ୍ଗୱାଷ୍ଟିକ ଚୂରନ୍ | ୧୨% | ୫% |
| ଜଓ୍ୱାର ଭୁଜିଆ | ୧୨% | ୫% |
| ଚିପ୍ସ | ୧୮% | ୫% |
| ମସଲା | ୧୨% | ୫% |
| **ହସ୍ତଶିଳ୍ପ ସାମଗ୍ରୀ** | **ପୁରୁଣା ଜିଏସ୍‌ଟି ହାର** | **ନୂଆ ଜିଏସ୍‌ଟି ହାର** |
| କାଠ ସାମଗ୍ରୀ | ୧୨% | ୫% |
| ମହମବତି (ମହମ) | ୧୨% | ୫% |

VOCAL FOR LOCAL

ଖଦି ସଂକଳ୍ପ
ମାତୃଭୂମିର ଅଭିବନ୍ଦନା ସହ, ସ୍ୱଦେଶୀର ଭାବନା ଦ୍ୱାରା ପ୍ରେରିତ ହୋଇ, **ଆମେ ଖଦି ଓ ଗ୍ରାମୋଦ୍ୟୋଗକୁ ଆପଣାଇବା ପାଇଁ ସଂକଳ୍ପ ନେଉଛୁ।** ଏକ ଆତ୍ମନିର୍ଭର ଏବଂ ବିକଶିତ ରାଷ୍ଟ୍ର ଗଢ଼ିବା ପାଇଁ ଆମେ ଶାରୀରିକ ଏବଂ ଆର୍ଥିକ ଯୋଗଦାନ ପ୍ରଦାନ କରିବୁ। ଭୋକାଲ୍ ଫର୍ ଲୋକାଲ୍‌ର ଭାବନାରେ ଆମେ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ପ୍ରସାରିତ କରିବୁ। ଖଦି ପିନ୍ଧି ଆମେ ଆମ କାରିଗରମାନଙ୍କୁ ନ୍ୟାଯ୍ୟ ସ୍ୱୀକୃତି ପ୍ରଦାନ କରିବୁ ଏବଂ ରାଷ୍ଟ୍ରର ଅର୍ଥନୈତିକ ଶକ୍ତିକୁ ସୁଦୃଢ଼ କରିବୁ। ସ୍ୱଦେଶୀ ଉତ୍ପାଦ ଆପଣାଇ, **ଆମେ ଏକ ସମୃଦ୍ଧ, ଆତ୍ମନିର୍ଭର ଏବଂ ନୂଆ ଭାରତ ଗଢ଼ିବାରେ ସହଯୋଗ କରିବୁ।**

ପ୍ରତି ଘର ସ୍ୱଦେଶୀ | ଘରେ ଘରେ ସ୍ୱଦେଶୀ
Visit Khadi India's e-com portal | Please visit us kvic.gov.in
ଅଧିକ ବିବରଣୀ ପାଇଁ ଅନୁସରଣ କରନ୍ତୁ @kvicindia | kvic.gov.in
ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ
ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର

# ବର୍ଷୀୟାନ ଅଭିନେତ୍ରୀ କାମିନୀ କୌଶଳଙ୍କ ପରଲୋକ



**ମୁମ୍ବାଇ,୧୪।୧୧**

ବର୍ଷୀୟାନ ଅଭିନେତ୍ରୀ କାମିନୀ କୌଶଳଙ୍କର ଗୁରୁବାର ରାତିରେ ମୁମ୍ବାଇସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୮ ବର୍ଷ ହୋଇଥିଲା। ଏକଦା ଭାରତୀୟ ସିନେମାକୁ ନୂଆ ରୂପ ଦେବାରେ କାମିନୀଙ୍କ କ୍ୟାରିୟର ସହାୟକ ହୋଇଥିଲା। ସେ ୭ ଦଶନ୍ଧି ଧରି ଅଭିନୟ ସହ ଜଡ଼ିତ ରହିଥିଲେ। ୧୯୪୬ରେ 'ନୀଚା ନଗର' ଚଳଚ୍ଚିତ୍ରରୁ କୌଶଳ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ହିନ୍ଦୀ ସିନେମାର ଅନ୍ୟତମ ପ୍ରାରମ୍ଭିକ ମହିଳା ତାରକା ହୋଇଥିଲେ। 'ଦୋ ଭାଇ', ଶହିଦ, ନଦିୟା କେ ପାର୍, ଜିଦ୍ଦି ଏବଂ ଶବ୍‌ନମ ଭଳି ଚଳଚ୍ଚିତ୍ର ତାଙ୍କୁ ଅପୂର୍ବ ସଫଳତା ଦେଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ସିନେମା ଇଣ୍ଡଷ୍ଟ୍ରିରେ ସେ ସର୍ବାଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ ଥିଲେ। ଦିଲୀପ କୁମାର, ଦେବ ଆନନ୍ଦ, ରାଜ କପୁରଙ୍କ ଭଳି ଅଭିନେତାଙ୍କ ବିପକ୍ଷରେ ସେ ଅଭିନୟ କରିଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ କୌଶଳ ସିନେମା ସହ ଜଡ଼ିତ ଥିଲେ। ୯୫ ବର୍ଷ ବୟସରେ ତାଙ୍କୁ ୨୦୨୨ର 'ଲାଲ୍ ସିଂ ଚଢ଼ା' ଚଳଚ୍ଚିତ୍ରରେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା।

# ଜେପି ଇନ୍‌ଫ୍ରାଟେକ୍ ଏମ୍‌ଡି ଗିରଫ

## ମନିଲଣ୍ଡରିଂ ମାମଲା

**ନୂଆଦିଲ୍ଲୀ,୧୪।୧୧**

ମନିଲଣ୍ଡରିଂ ମାମଲାରେ ରିଏଲିଟି କମ୍ପାନୀ ଜେପି ଇନ୍‌ଫ୍ରାଟେକ୍ ଲିଃର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମନୋଜ ଗୌରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ଘର କ୍ରେତାଙ୍କ ସହ ଜାଲିଆତି ଅଭିଯୋଗର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ ଜାରି ରଖିଛି। ଜୟପ୍ରକାଶ ଆସୋସିଏଶନ (ଜେଏଏଲ୍)ର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜେପି ଇନ୍‌ଫ୍ରାଟେକ୍ ଲିଃ (ଜେଆଇଏଲ୍)ର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଗୌର୧୬୫ କି.ମି. ଯମୁନା ଏକ୍ସପ୍ରେସ୍ ୱେ ସମେତ ଜାତୀୟ ରାଜଧାନୀ ଅଞ୍ଚଳରେ ଅନେକ ମେଗା ପ୍ରକଳ୍ପ ନିର୍ମାଣ କରିଛନ୍ତି। ମନିଲଣ୍ଡରିଂ ପ୍ରତିକାର ଆଇନ ଅନୁଯାୟୀ ଜେପି ଗ୍ରୁପ୍ ନାମରେ ଇଡି ମାମଲା ରୁଜୁ କରିଛି। ଜେପି ୱିଶ୍‌ଟାଉନ୍ ଏବଂ ଜେପି ଗ୍ରୀନ୍ ପ୍ରୋଜେକ୍ଟର ଅନେକ ଗୃହକ୍ରେତା ଠକାମି, ଆପରାଧିକ ଷଡ଼ଯନ୍ତ୍ର ଏବଂ ବିଶ୍ୱାସ ଭଙ୍ଗର ଶିକାର ହୋଇଥିବା ନେଇ କମ୍ପାନୀ ଓ ଏହାର ପ୍ରମୋଟରମାନଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏବଂ ଉତ୍ତରପ୍ରଦେଶ ପୋଲିସ ଏକାଧିକ ଏତଲା ଦାଏର କରିଥିବାବେଳେ ଏହା ଆଧାରରେ ଇଡି ଜେପି ଗ୍ରୁପ୍ ବିରୋଧରେ ତଦନ୍ତ ହାତକୁ ନେଇଛି।

# ଆମେରିକାରେ ଇତିହାସ ହେଲା ୧ ସେଣ୍ଟ କଏନ୍

**ଫିଲାଡେଲ୍‌ଫିଆ,୧୪।୧୧**

ଆମେରିକା ୧ ସେଣ୍ଟ କଏନ୍ ଉତ୍ପାଦନ ବୁଧବାରଠାରୁ ବନ୍ଦ କରିଦେଇଛି। ୨୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚଳିଆସୁଥିବା ଓ ଆମେରିକୀୟ ସଂସ୍କୃତି ସହ ଜଡ଼ିତ ଏହି ମୁଦ୍ରା ଏବେ ଇତିହାସ ପାଲଟିବାକୁ ଯାଉଛି। ୧୭୯୩ରେ ପ୍ରଚଳନ ଆରମ୍ଭ ହୋଇଥିବା ଏହି ମୁଦ୍ରାରେ ସେତେବେଳେ ଗୋଟିଏ ବିସ୍କୁଟ୍, ଗୋଟିଏ କ୍ୟାଣ୍ଡେଲ କିମ୍ବା ଗୋଟିଏ ପିସ୍ କ୍ୟାଣ୍ଡି ମିଳୁଥିଲା। ଗୋଟିଏ ସେଣ୍ଟ ତିଆରି ପାଇଁ ପାଖାପାଖି ୪ ସେଣ୍ଟ ଖର୍ଚ୍ଚ ହୋଇଥାଏ। ଉତ୍ପାଦନ ବନ୍ଦ ଫଳରେ କରଦାତାଙ୍କ ୫୬ ନିୟୁତ ଡଲାର ସଞ୍ଚୟ ହୋଇପାରିବ।



ଟ୍ରେଜରର ବ୍ରାଣ୍ଡନ୍ ବିଚ୍ ବଟନ୍ ଚିପି ଶେଷ କଏନ୍ ଉତ୍ପାଦନ କରିବା ପୂର୍ବରୁ ଫିଲାଡେଲ୍‌ଫିଆସ୍ଥିତ ଆମେରିକୀୟ ମୁଦ୍ରାଶାଳାଠାରେ ଏହା କହିଛନ୍ତି। ଏବେ ବହୁବିଲିୟନ ମୂଲ୍ୟର ଏହି ମୁଦ୍ରା ପ୍ରଚଳନ ହେଉଥିଲେ ମଧ୍ୟ ଆଉ ଉତ୍ପାଦନ କରାଯିବ ନାହିଁ।

# ମୋଦିଙ୍କ ମା' ଭୂମିକାରେ ରବୀନା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ରବୀନା ଟଣ୍ଡନଙ୍କ ଦ୍ୱିତୀୟ ଇନିଂସ ଭଲ ଚାଲିଛି। ଏହି ଇନିଂସରେ ସେ ପ୍ରଶଂସା ସାଉଁଟିଛନ୍ତି। ତାଙ୍କର ଧାରାବାହିକ 'ଆର୍ଯ୍ୟନକ' ହିଟ୍ ପରଠାରୁ ରବୀନା ଅନେକ ପ୍ରୋଜେକ୍ଟ ପାଇଛନ୍ତି। ଏବେ ତାଙ୍କୁ ଆଉ ଏକ ବଡ଼ ଅଫର୍ ମିଳିଛି। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ମା' ହୀରାବେନଙ୍କ ଚରିତ୍ରରେ ଅଭିନୟ କରୁଥିବା ଏକ ଚଳଚ୍ଚିତ୍ରରେ ନଜର ଆସିବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ନିର୍ମିତ ପୂର୍ବ ଚଳଚ୍ଚିତ୍ରରେ ବିବେକ ଓବେରୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏବେ ମୋଦିଙ୍କ ଜୀବନ ଯାତ୍ରା ଏବଂ ତାଙ୍କ ମା'ଙ୍କ ଅବଦାନ ଉପରେ କେନ୍ଦ୍ରିତ ଏକ ଚଳଚ୍ଚିତ୍ର ଆସୁଛି। ରବୀନା ଟଣ୍ଡନ ଏହି ଭୂମିକାରେ ଅଭିନୟ କରିବାକୁ ନେଇ ଭାବପ୍ରବଣ ହୋଇଯାଇଛନ୍ତି। ଚରିତ୍ରର ଗଭୀରତା, ଶକ୍ତି ଏବଂ ଜଟିଳତାକୁ ଦୃଷ୍ଟିରେ ରଖି ସେ ବହୁତ ଉତ୍ସାହିତ। ଏହି କାହାଣୀଟି ସମ୍ପୂର୍ଣ୍ଣ ଭାବରେ ମା'-ପୁଅ ସମ୍ପର୍କ ଉପରେ ଆଧାରିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ମା' ତାଙ୍କ ପୁଅର ଜୀବନକୁ ଉନ୍ନତ କରିବା ପାଇଁ କରିଥିବା ତ୍ୟାଗ ଏବଂ ସଂଘର୍ଷକୁ ଦର୍ଶାଯିବ। ମାର୍କୋ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ମାଲୟାଲମ ଅଭିନେତା ଉନ୍ନି ମୁକୁନ୍ଦନ ଏହି ଫିଲ୍ମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭୂମିକାରେ ଅଭିନୟ କରିବେ।



TRUE VALUE
MARUTI SUZUKI
TRUE VALUE CARS
NOW MORE AFFORDABLE THAN EVER
CELEBRATING 60 Lakh STORIES OF TRUST
Visit your nearest True Value dealership today.
Download the App here.
TRUST
VERIFIED CAR HISTORY**
AVAIL 3 FREE SERVICES** @5000++ MARUTI SUZUKI SERVICE STATIONS
QUALITY
376 QUALITY CHECK POINTS
UP TO 1 YEAR WARRANTY**
TRUE VALUE CERTIFIED
For enquiry, call 1800 102 1800 | Visit www.marutisuzukitruevalue.com
ANGUL: ODYSSEY MOTORS: 9437811123 | DHENKANAL: SKY AUTOMOBILES: 9583522333.
*T&C Apply. For detailed T&C kindly visit nearest dealership. **Verified Car History & Warranty applicable on True Value certified cars. Free service is applicable on labour charges only. Images used are for illustration purposes only.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍‌-୧, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଜଟଣୀ ବିକାଶ ପରିଷଦ ପକ୍ଷରୁ ପଥ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ଲକ ସଭାଗୃହ, ଜଟଣୀ, ସମୟ: ଅପରାହ୍ନ ୩ଟା।
- ୧୧ତମ ଚିଲିକା ସେଲ୍‌ଡକ୍‌ ଅନ୍ତର୍ଜାତୀୟ ଲୋକକଳା ସଂସ୍କୃତି ମହୋତ୍ସବ ଆରମ୍ଭ, ସ୍ଥାନ: ବଡ଼କୁଳସ୍ଥିତ ଓଡି ଆର୍ଟ ସେଣ୍ଟର, ବାଲୁଗାଁ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଜନଜାତୀୟ ଗୌରବ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍‌, ନୀଳଗିରି, ସମୟ: ସକାଳ ୮ଟା।
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ବଣାପଡ଼ିଆ, ସିମୁଳିଆ, ସମୟ: ସକାଳ ୯ଟା।
- ବାଲେଶ୍ୱର ଜିଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ସ୍ଥାପନ ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ, ସ୍ଥାନ: ବ୍ଲକ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ସାମ୍ବାଦିକ ଦିବସ, ସ୍ଥାନ: ଆର୍‌ଆଇଏଚ୍‌ଏସ୍‌ ମହାବିଦ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୨ଟା।
- ତ୍ରିଦିବସୀୟ ଧର୍ମ ପ୍ରବଚନର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ
- ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର ବଜାର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଶ୍ରୀ ଶନି ଗ୍ରହଙ୍କ ମନ୍ଦିରରେ ମାନସିକ ମେଳା, ଭଜନ ସଂକୀର୍ତ୍ତନ,ସ୍ଥାନ: ମୋଟରାଗଡ଼ିଆ,ହାଟଡିହୀ, ସମୟ :ସକାଳ ୭ଟା ଏବଂ ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ-୨୦୨୫ ଓ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସ,ସ୍ଥାନ:ଜିଲା ଆଡିଟୋରିୟମ, କେନ୍ଦୁଝର,ସମୟ:ପୂର୍ବାହ୍ନ ୧୦ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ସପ୍ତମ ଓଡ଼ିଶା ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା,ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର, ପାଟଣା ,ସମୟ:ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ଆଲୋଚନା ଏବଂ ଭଜନ ସମ୍ମିଳନୀ, ସ୍ଥାନ: ଖାଣ୍ଟପଦା,ହାଟଡ଼ିହୀ ବ୍ଲକ,ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ',ସ୍ଥାନ:ଶିଶୁ ଉଦ୍ୟାନ ବାରିପଦା, ସମୟ: ସକାଳ ୮ଟା।
- ବନ ମହୋତ୍ସବ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ସକାଳ ୯ଟା।
- ପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ମୋରଡ଼ା ବ୍ଲକ, ମୋରଡା, ସମୟ:ପୂର୍ବାହ୍ନ ୧୦ଟା।
- ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ,ସ୍ଥାନ: ଡିମିଆ, ଶୁଳିଆପଦା,ସମୟ: ମଧ୍ୟାହ୍ନ ୧୨ଟା।
- ଜନଜାତୀୟ ଗୌରବ ଦିବସ ପାଳନ,ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୧ଟା।
- ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଯନୀ ଉତ୍ସବ, ସ୍ଥାନ: ମୁଣ୍ଡାବଣୀ, ରାସଗୋବିନ୍ଦପୁର,ସମୟ: ଅପରାହ୍ନ ୪ଟା।
- ଥିଏଟର ଫେଷ୍ଟିଭାଲର ନାଟକ 'ବେହୁଲା ରାଜା', ସ୍ଥାନ:ଶହୀଦ ସ୍ମୃତି ଭବନ,ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଜଗଧାତ୍ରୀ ମେଳାରେ ମ୍ୟୁଜିକାଲ୍‌ ନାଇଟ୍ସ,ସ୍ଥାନ:ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ରାତି ୮ଟା।

## ଗଞ୍ଜାମ
- ଜନ ଜାତୀୟ ଗୌରବ ଦିବସ, ସ୍ଥାନ: ପୁରିଆସାହି, ତୁମ୍ବା ପଞ୍ଚାୟତ, ପାତ୍ରପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ଇକୋ ରିଟ୍ରିଟର ଉଦଘାଟନୀ ଉତ୍ସବ, ସ୍ଥାନ: ହିଲଭିୟୁ ନିକଟ ଇକୋ ରିଟ୍ରିଟ ସ୍ଥଳ, ସମୟ: ସକାଳ ୯ ଟା।
- ଜନଜାତୀୟ ଗୌରବ ଦିବସ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗାଁ କନ୍ଧମାଳ, ସମୟ: ପୂର୍ବାହ୍ନ ୧୦ ଟା।
- ବିର୍ଶା ମୁଣ୍ଡାଙ୍କ ଜୟନ୍ତୀ, ସ୍ଥାନ: ଦାରିଙ୍ଗବାଡ଼ି ବାଲାବାଙ୍ଗା ଛକ (ଡବେରୀ ଗ୍ରାମ), ସମୟ: ପୂର୍ବାହ୍ନ ୧୧ ଟା।
- ଜନଜାତି ଗୌରବ ଦିବସ, ସ୍ଥାନ: ଫୁଲବାଣୀ ରୋନେସନ ପଡିଆ, ସମୟ: ପୂର୍ବାହ୍ନ ୧୧ ଟା।

## ଗଜପତି
- ଅଭିଭାବକ ସହାଭାଗିତା ବୈଠକ, ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ ବୈଠକ ଗୃହ ମୋହନା, ସମୟ: ପୂର୍ବାହ୍ନ ୧୦ ଟା।
- ରକ୍ତ ଦାନ ଶିବିର, ସ୍ଥାନ: ପିଏମଶ୍ରୀ ଏସଏସଡି ହାଇସ୍କୁଲ ମୋହନା, ସମୟ: ପୂର୍ବାହ୍ନ ୧୧ ଟା।
- ଜନ ଜାତୀୟ ଗୌରବ ଦିବସ, ମୋହନା ସମିତି ବୈଠକ ଗୃହ, ସମୟ: ଅପରାହ୍ନ ୩ ଟା।

## ଢେଙ୍କାନାଳ
- ଜନଜାତୀୟ ଗୌରବ ଦିବସ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବଟବିହାରୀ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ବଟବିହାରୀ ବିଦ୍ୟାପୀଠ, ତରଭା, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ୧୫।
- କପିଳାସ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଅନୁଗୋଳ ବିଜୁ ମୈଦାନ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- କୋଷ୍ଟଗାର୍ଡ ପକ୍ଷରୁ ସର୍ଚ୍ଚ ଅପରେଶନ ସମ୍ପର୍କରେ ଜାଣିବା ପାଇଁ ପାଟ୍ରୋଲିଂ ଜାହାଜରେ ଡେ ଆଟ ସି (ସମୁଦ୍ରରେ ଦିନେ)କାର୍ଯ୍ୟକ୍ରମ, ସ୍ଥାନ: କୋଷ୍ଟଗାର୍ଡ ବର୍ଥ, ପାରାଦୀପ, ସମୟ: ସକାଳ ୮ ଟା।
- ଛାତ୍ରୀଛାତ୍ରଙ୍କୁ ନେଇ ମାଇଣ୍ଡସ୍କେପ୍‌ (ମନର କଥା)ସମ୍ମିଳନୀ, ସ୍ଥାନ: ଡିଏଭି ସ୍କୁଲ ପରିସର, ପିପିଏଲ୍‌, ପାରାଦୀପ, ସମୟ: ସକାଳ ୯ଟା ୩୦।
- ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାର ପକ୍ଷରୁ ସମବାୟ ସପ୍ତାହ ଉପଲକ୍ଷେ ସାଧାରଣ ବୈଠକ, ସ୍ଥାନ: ନେହେରୁବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ରାଜସ୍ୱ ସମ୍ପର୍କିୟ ଅଭିଯୋଗ ଶୁଣାଣି ଶିବର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀସିଦ୍ଧ ମହାପୁରୁଷ ଭୋଳିବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବେଲତଳ, ପଚାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ୧୪ତମ ବ୍ୟାସ ମଡିଆ କପ୍‌, ସ୍ଥାନ : ଯାଜପୁର ରୋଡ ଏନସି ହାଇସ୍କୁଲ ଖେଳ ପଡିଆ, ସମୟ: ସକାଳ ୯ଟା।
- ଯାଜପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ : ଏନସି କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜନଜାତୀୟ ଗୌରବ ଦିବସ ପାଳନ, ସ୍ଥାନ: ଯାଜପୁର ଜିଲା ସୁକିନ୍ଦା ଭବନ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଆରମ୍ଭ, ସ୍ଥାନ: ଓଡ଼ଗାଁ ମହୋତ୍ସବ ପଡ଼ିଆ, ସମୟ: ସକାଳ ୮ଟା ୪୦।
- ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ର ଶେଖର ଶିକ୍ଷା କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଚାଷୀ ବିଶେଷଜ୍ଞ ଆଲୋଚନା ଚକ୍ର, ସ୍ଥାନ: ଓଡ଼ଗାଁ ମହୋତ୍ସବ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାୟଗଡ଼ା
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା, ସ୍ଥାନ: ଗୁଣପୁର କଲେଜଠାରୁ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଜନ ଜାଗରଣ ମଞ୍ଚ ତରଫରୁ ପରମ୍ପରା ବିକାଶ ଯାତ୍ରା, ସ୍ଥାନ: ଗିରିଲାଙ୍ଗ କୁପୁଡ଼ା, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: କାଶୀପୁର ପ୍ରାଣୀ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ମିଶନ ଶକ୍ତି କାଫେ ଉଦ୍‌ଘାଟନ, ସ୍ଥାନ – ବିକ୍ରମପୁର, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଓ ନବ ନିର୍ମିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଡାବୁଗାଁ ବ୍ଲକ କୁରୁପା, ସମୟ: ପୂର୍ବାହ୍ନ ୧୦ଟା।
- ଉମରକୋଟ ପ୍ରିମିୟର ଲିଗ୍‌ ସେମି ଫାଇନାଲ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୨ ଟା।

## କୋରାପୁଟ
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ନେଇ ପଦଯାତ୍ରା, ସ୍ଥାନ: ମହିଳା ମହାବିଦ୍ୟାଳୟ, କୋରାପୁଟ, ସମୟ: ସକାଳ ୭ଟା।
- ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ପଡିଆ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଇକୋ ରିଟ୍ରିଟ୍‌ ଉଦଘାଟନୀ ସମାରୋହ, ସ୍ଥାନ: ପୁଟସିଲ,ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଓ ପ୍ରାଣସମ୍ପଦ ମେଳା, ସ୍ଥାନ: ପ୍ରାଣି ଚିକିତ୍ସାଳୟ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜୋନାଲସ୍ତରୀୟ ଫାଷ୍ଟ ଏଡ ତାଲିମ, ସ୍ଥାନ: ସରକାରୀ ଡିଏଭି କଲେଜ, କୋରାପୁଟ, ସମୟ: ପୂର୍ବାହ୍ନ୧୧ଟା।
- ଏକଲବ୍ୟ ଆଦର୍ଶ ଉଚ୍ଚ ବିଦ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ରାଣୀଗୁଡ଼ା, କୁନ୍ଦୁରା ବ୍ଲକ୍‌, ସମୟ: ମଧ୍ୟାହ୍ନ ୧୨ଟା।
- ପପ କାର୍ଯ୍ୟକ୍ରମ, ସ୍ଥାନ: ମାଛପୁଟ ବିଜ୍ଞାନ କଲେଜ, ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ଟା।

## ମାଲକାନଗିରି
- ଶ୍ରମଜୀବି ସଂଗଠନର ପରମ୍ପରା ବିକାଶ ଯାତ୍ରା, ସ୍ଥାନ: କଦମଗୁଡ଼ା, ଖଇରପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ଗୌରବ ଦିବସ, ସ୍ଥାନ: ମାଲ୍ୟବନ୍ତ ପଡିଆ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୮ଟା।
- ସମ୍ପର୍କ ଫାଉଣ୍ଡେସନ ଆୟୋଜନରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଧନକଉଡା ପିଏଚ୍‌ସି ପରିସର, ସମୟ: ସକାଳ ୮ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ୍‌ ଓ ଲିଟିଲ ମାଷ୍ଟର -୨୦୨୫ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଗଙ୍ଗାଧର ମେହେରସ୍ଥିତ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଉତ୍ତରାଞ୍ଚଳସ୍ତରୀୟ ପ୍ରଶାସନିକ ସମ୍ମିଳନୀ, ସ୍ଥାନ: ରିଭର ଇନ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା ୩୦।
- ହୀରାକୁଦ ଇକୋ ରିଟ୍ରିଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବଲବସପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଶ୍ଚିମଓଡିଶା ଦଳିତ ସୁରକ୍ଷା ପରିଷଦ ଆୟୋଜନରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ଜୟନ୍ତୀ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟା ବିକାଶ ଗ୍ରୁପ୍‌ ଅପ ଇଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ ପରିକ୍ରମା -୨୦୨୫, ସ୍ଥାନ: ଶାସନସ୍ଥିତ ଶିକ୍ଷାନୁଷ୍ଠାନ ପରିସର, ସମୟ: ଅପରାହ୍ନ ୩ଟା ୩୦।

## ରାଉରକେଲା
- ଇଏସ୍‌ଆଇସି ହସ୍ପିଟାଲରେ ବିକ୍ଷୋଭ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବିଶ୍ରା ଡାହାର, ସମୟ: ପୂର୍ବାହ୍ନ ୧୦ଟା।
- ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଓ ସାମୁହିକ ରୁଦ୍ର ପୂଜା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ସେକ୍ଟର-୧୩ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଆଇଜିଏଚ୍‌ ବଞ୍ଚାଅ ଅଭିଯାନ ପାଇଁ ସାଧାରଣ ସଭା, ସ୍ଥାନ: ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟ, ସେକ୍ଟର-୧୮, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ଧରତି ଆବା ବୀର ବୀର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ,ସ୍ଥାନ:ମାଦ୍ରିକାଲୋ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବୀର ବୀର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବରସରେ ଶୋଭାଯାତ୍ରା, ସ୍ଥାନ:ଡିଆରଡିଏ ଛକରୁ ମାଦ୍ରିକାଲୋ ଭବନ,ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କ୍ରିଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମାଁ ପଁରାପାଟ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବରାହଗୋଡା ଖେଳ ପଡିଆ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଶକ୍ତି ନଗର ୟୁଥ୍‌ ଆସୋସିଏସନର ଜରୁରୀ ବୈଠକ, ସ୍ଥାନ: ଶକ୍ତି ନଗର ୟୁଥ୍‌ ଆସୋସିଏସନ୍‌, ବରଗଡ଼, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜନ ଜାତୀୟ ଗୌରବ ଦିବସ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ : ପୂର୍ବାହ୍ନ ୧୦ଟା ।

## ଦେବଗଡ଼
- ଜିଲାସ୍ତରୀୟ ଜନଜାତି ଗୌରବ ଦିବସ ପାଳନ ଅବସରରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଦେବଗଡ଼ ବିର୍ସା ମୁଣ୍ଡା ଛକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଜନଜାତି ଗୌରବ ଦିବସ ପାଳନ, ସ୍ଥାନ: ଦେବଗଡ଼ କଲେଜ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଜନଜୀବନ ଗୌରବ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମହାନ ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲିସ୍ଥିତ ଆର୍‌ଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତରଭା ଶନି ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୋକୁଳାଷ୍ଟମୀ ମହୋତ୍ସବ ଅବସରରେ କଂସ ଦରବାର, ଅର୍ଗା ସୁର ପ୍ରେରଣ ଅଭିନୀତ, ସ୍ଥାନ: ଯୋଗେଶ୍ୱର ମନ୍ଦିର ବନଦୁର୍ଗା ପଡ଼ିଆ, ବିନିକା, ସମୟ: ରାତି ୭ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଖାଇ ନାନୀର ବାର ବରତ,**
**ସକାଳୁ ଖାଇଲା କଂସାକ ଭାତ ।**

ଓଷା ବ୍ରତ କଲେ ଉପାସ ରହି କିଛି କଷ୍ଟ ସହିବାକୁ ପଡ଼େ। ଖାଇବା ପିଇବା କମ୍‌ କରାଯାଏ। କିନ୍ତୁ ଏହାକୁ ତ୍ୟାଗ ଓ କଷ୍ଟର ସମୟ ବୋଲି ନ ଧରି ଆନନ୍ଦରେ ଅଧିକ ଖାଇପିଇ ପିନ୍ଧି ମଉଜ କରିବାର ମାନେ ଓଷାବ୍ରତ ନୁହେଁ, ଏହା ଏକ ଭଣ୍ଡାମି ବା ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଓଷାବ୍ରତ କରିବା ନାଁରେ ପେଟ ପୂରାଇ ଖାଉଥିବା ଟାଉକିମାନଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଣ ବାହୁଡ଼ା ଗୁଳୁଣା ରଥ,**
**ଅଣ ବାହୁଡ଼ା ଶର,**
**ଅଣ ବାହୁଡ଼ା ତୁଣ୍ଡର କଥା,**
**ଅଣ ବାହୁଡ଼ା ଝର।**

ଗୁଳୁଣା ରଥ କେବେ ପଛକୁ ଫେରି ନ ଥାଏ। ଧନୁରୁ ତୀର ବା ଶର ଥରେ ବାହାରିଗଲେ ତାହା କଦାପି ପଛକୁ ଫେରିଆସି ନ ଥାଏ। ମଣିଷ ମୁହଁରୁ ବାହାରୁଥିବା କଟୁ କଥା ଶୁଣିବା ଲୋକକୁ ଅତିଶୟ ଯନ୍ତ୍ରଣା ଦେଉଥିବା ବେଳେ କଥା କହିଲା ବେଳେ ଏଥିପ୍ରତି ସଚେତନ ରହିବା ଜରୁରୀ ହୋଇଥାଏ। ସେହିପରି ଝରଣାରୁ ଝରୁଥିବା ଜଳ ଆଗକୁ ଆଗକୁ ମାଡ଼ିଯିବା ସହ ପଛକୁ କେବେ ଫେରିପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବିହାର: ଏନ୍‌ଡିଏର ...

୧୯୫୧ ମସିହା ପରଠୁ ସର୍ବାଧିକ। ପୁରୁଷ ଭୋଟର ୬୨.୮% ମତଦାନ କରିଥିବାବେଳେ ୭୧.୬% ମହିଳା ମତଦାତା ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିଲେ। ଏତେ ପରିମାଣର ମତଦାନକୁ ଦେଖି ଅନେକେ ଭାବିଥିଲେ, ଏହା ୯ ଥର ମୁଖ୍ୟମନ୍ତ୍ରୀ ଥିବା ନୀତୀଶ କୁମାରଙ୍କ ଶାସନ ବିପକ୍ଷରେ କ୍ଷମତା ବିରୋଧୀ ହାୱା। ଏପରି କି ଜାତୀୟସ୍ତରର ସର୍ଭେ ସଂସ୍ଥାଗୁଡ଼ିକ ମଧ ମାପିଚୁପି ଏନ୍‌ଡିଏର ବିଜୟ ସମ୍ଭାବନା ନେଇ ଭବିଷ୍ୟବାଣୀ କରିଥିଲେ। କିନ୍ତୁ ପରିଣାମ ଆସିଲା ବେଳକୁ ସବୁ ଗଣିତ ଭୁଲ୍‌ ହୋଇଯାଇଥିଲା। ମହିଳା ଭୋଟରମାନେ ନୀତୀଶ-ମୋଦି ଯୋଡ଼ି ସପକ୍ଷରେ ଭୋଟ ଦେଇ ଏନ୍‌ଡିଏର ବିଜୟକୁ ସୁନିଶ୍ଚିତ କରିଛନ୍ତି।

ସଦ୍ୟ ଫଳାଫଳ ଗଣତି ଶେଷ ପର୍ଯ୍ୟନ୍ତ ବଜାୟ ରହିଲେ ୧୦୧ ଆସନରେ ଲଢ଼ି ୯୦ ଆସନ ଦଖଲ କରିଥିବା ଭାଜପା ସବୁଠୁ ଅଧିକ ଲାଭବାନ ହୋଇଛି। ନୀତୀଶ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିବା ବରିଷ୍ଠ ଭାଜପା ନେତା ସମ୍ରାଟ ଚୌଧରୀ ତାରାପୁର ନିର୍ବାଚନମଣ୍ଡଳୀରେ ୧,୨୨,୪୮୦ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଆର୍‌ଜେଡି ପ୍ରାର୍ଥୀ ଅରୁଣ କୁମାରଙ୍କୁ ୪୫,୮୪୩ ଭୋଟ ବ୍ୟବଧାନରେ ହରାଇଛନ୍ତି। ସେହିପରି ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ନୀତୀଶଙ୍କ ଜେଡିୟୁ ୮୫ ଆସନରେ ସଫଳତା ହାସଲ କରିଛି। ଏନ୍‌ଡିଏ ଅଂଶୀଦାର ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ୨୯ ଆସନରେ ଲଢ଼ିଥିବାବେଳେ ୧୯ ଆସନରେ ବିଜୟ ସମ୍ଭାବନା ସୁନିଶ୍ଚିତ କରିଛି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍‌ରାମ ମାଝିଙ୍କ ହିନ୍ଦୁସ୍ତାନୀ ଆୱାମ ପାର୍ଟି (ଧର୍ମନିରପେକ୍ଷ) ୫ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୪ ଆସନରେ ବିଜୟ ଆଡ଼କୁ ଅଗ୍ରସର ହୋଇଛନ୍ତି। ଅନ୍ୟପକ୍ଷେ ବିରୋଧୀ ମହାମେଣ୍ଟର ମଙ୍ଗ ଧରି ମୁଖ୍ୟମନ୍ତ୍ରୀ ଚେହେରା ହୋଇଥିବା ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିଛି। ତେଜସ୍ୱୀ ବହୁ କଷ୍ଟରେ ଶେଷ ମୁହୂର୍ତ୍ତରେ ପାରମ୍ପରିକ ଆସନ ରାଘୋପୁରାରେ ଜିତି ଯାଇଛନ୍ତି। କିନ୍ତୁ ୧୪୩ ଆସନରେ ଲଢ଼ିଥିବା ତାଙ୍କ ଦଳ ମାତ୍ର ୨୫ ଆସନରେ ସୀମିତ ହୋଇ ରହିଯାଇଛି। ଆର୍‌ଜେଡି ସହଯୋଗୀ କଂଗ୍ରେସକୁ ୬ ଆସନ ମିଳିଥିବାବେଳେ ବାମଦଳଗୁଡ଼ିକୁ ୩ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏନ୍‌ଡିଏ କିମ୍ବା ମହାମେଣ୍ଟରେ ସାମିଲ ନ ଥିବା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍‌ ୫ ଆସନ ଦଖଲ କରି ପୂର୍ବ ସଫଳତା ଦୋହରାଇଛି। ଜଣେ ମହିଳାଙ୍କ ସହ ସମ୍ପର୍କ ରଖି ଆର୍‌ଜେଡିରୁ ବିଦା ହୋଇଥିବା ଲାଲୁଙ୍କ ବଡ଼ପୁଅ ତେଜପ୍ରତାପ ଯାଦବ ମାଧୋପୁର ଆସନରେ ତୃତୀୟ ସ୍ଥାନକୁ ଖସିଯାଇଛନ୍ତି।

## ନୂଆପଡ଼ାରେ ଭାଜପା...

- ୮୩,୭୪୮ ଭୋଟ ବ୍ୟବଧାନରେ ଜିତିଲେ ଜୟ
- ଘାସିରାମ ଦ୍ୱିତୀୟ; ସ୍ନେହାଙ୍ଗିନୀ ତୃତୀୟ

ଭୋଟ ମିଳିଛି। ଜୟ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ୮୩ ହଜାର ୭୪୮ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଘାସିରାମ ୪୦ ହଜାର ୧୨୧ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତେବେ ଜୟଙ୍କ ଏହି ବିଜୟ କେବଳ ଯେ ନୂଆପଡ଼ାରେ ଭାଜପାର ସ୍ଥିତିକୁ ସୁଦୃଢ଼ କରିଛି ତାହା ନୁହେଁ, ତାଙ୍କ ପିତା ସ୍ୱର୍ଗତ ରାଜେନ୍ଦ୍ର ଢୋଲ୍‌କିଆଙ୍କ ଗଡ଼ ବଜାୟ ରଖିବାରେ ସେ ସକ୍ଷମ ହୋଇପାରିଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ବିଜେଡି ହାତରେ ଥିବା ଏହି ଆସନଟି ଏବେ ଭାଜପା ଖାତାକୁ ଚାଲିଯାଇଥିବାବେଳେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହି ନୂଆ ରେକର୍ଡ କରିଛି। ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତୃତୀୟ ସ୍ଥାନରେ ରହିଛନ୍ତି।

ନୂଆପଡ଼ା ଉପନିର୍ବାଚନର ଭୋଟ ଗଣତି ଶୁକ୍ରବାର ପୂର୍ବାହ୍ନ ୮ଟାରେ ଆରମ୍ଭ ହେବାମାତ୍ରେ ଜୟଙ୍କ ପଲା ଭାରି ଥିବା ଭଳି ପରିଲକ୍ଷିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଗଣତିରୁ ଜୟ ତାଙ୍କର ବିଜୟ ବ୍ୟବଧାନ ଧାରା ବଜାୟ ରଖିଥିଲେ। ଅନ୍ତିମ ତଥା ୨୯ ରାଉଣ୍ଡ ଭୋଟ ଗଣତି ସୁଦ୍ଧା ଭାଜପା ପ୍ରାର୍ଥୀ ଜୟ ଢୋଲ୍‌କିଆ ୧ ଲକ୍ଷ ୨୩ ହଜାର ୮୬୯ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କୁ ୪୦ ହଜାର ୧୨୧ ଭୋଟ ମିଳିଥିଲା। ହେଲେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଭୋଟ ମାତ୍ର ୩୮ ହଜାର ୪୦୮ ଖଣ୍ଡ ମିଳିଥିଲା। ଜୟଙ୍କ ଏହି ବିଜୟ ପରେ ଭାଜପା ପକ୍ଷରୁ ଉତ୍ସବ ପାଳନ କରାଯାଉଥିବାବେଳେ ବିଜେଡି ଓ କଂଗ୍ରେସ ଶିବିରରେ ହତାଶ ଭାବ ପରିଲକ୍ଷିତ ହୋଇଛି।

ବିଜୟକୁ ନେଇ ଭାଜପା ପ୍ରାର୍ଥୀ ଜୟ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଛନ୍ତି, ଏହା ଡବଲ ଇଞ୍ଜିନ୍‌ ସରକାର ଓ ନୂଆପଡ଼ାବାସୀଙ୍କ ବିଜୟ । ସେବା ହିଁ ଧର୍ମ, ଧର୍ମର ସବୁବେଳେ ଜୟ ହୋଇଥାଏ। ଏହି ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନୂଆପଡ଼ାବାସୀଙ୍କୁ କୃତଜ୍ଞତା ଜଣାଉଛି ବୋଲି ଜୟ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନ ପ୍ରଦର୍ଶନକୁ ନେଇ କଂଗ୍ରେସ ପ୍ରାର୍ଥୀ ଘାସିରାମ କ୍ଷୋଭ ପ୍ରକାଶକରି କହିଲେ, ସେବା କରିବାଠାରୁ ମାଓବାଦୀ ହୋଇଯିବା ଭଲ। ଭୋଟର ଟଙ୍କାରେ କିଣା ହୋଇଗଲେ, ମାଟିର ପିଲାଙ୍କୁ ଚିହ୍ନିଲେନାହିଁ। ନୂଆପଡ଼ା ଏକ ସମସ୍ୟାବହୁଳ ନିର୍ବାଚନମଣ୍ଡଳୀ। ଶିଳ୍ପ, କଳକାରଖାନା ନାହିଁ କି ଜଳସେଚନ ବ୍ୟବସ୍ଥା ହୋଇନାହିଁ। ଜିଲା ପାଇଁ ବହୁ ସ୍ୱପ୍ନ ଦେଖିଥିଲି, ହେଲେ ଲୋକମାନେ ଚିହ୍ନିପାରିଲେ ନାହିଁ । ଏଆଇସିସି ପକ୍ଷରୁ ସେପରି ସହଯୋଗ ମିଳିଲାନାହିଁ । ଆବ୍ରାହମ୍‌ ଲିଙ୍କନ୍‌ ୯ଥର ନିର୍ବାଚନ ହାରିଥିଲେ । ମୁଁ ୬ଥର ହାରିଛି ଆଉ ୩ଥର ନିର୍ବାଚନ ଲଢ଼ିବି ବୋଲି ଘାସିରାମ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନ ଫଳାଫଳକୁ ନେଇ ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀ କହିଛନ୍ତି, ଫଳାଫଳ ଯାହା ହୋଇଛି ତାହାକୁ ଆଲୋଚନା ପର୍ଯ୍ୟାଲୋଚନା କଲେ ଜାଣିହେବ। ଏଠାରେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଠାରୁ ଆରମ୍ଭକରି ଅନ୍ଧାରିବିଜେ, ଯନ୍ତ୍ରାଦେଶ ପର୍ଯ୍ୟନ୍ତ ସବୁଠି ଗଣତନ୍ତ୍ରକୁ ହତ୍ୟା କରାଯାଇଛି । ଏହା ଜନାଦେଶ ନୁହେଁ, ଯନ୍ତ୍ରାଦେଶ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସହକର୍ମୀଙ୍କ ସାହାଯ୍ୟ ବେଶ୍‌ ମଜଭୁତ ରହିବା କାରଣରୁ ଉତ୍ସାହର ସହ କାମ କରିବେ। ସାଧାରଣ ଘଟଣାକୁ କେନ୍ଦ୍ରକରି ବନ୍ଧୁ ଓ ପରିବାର କ୍ଷେତ୍ରରେ ସାମାନ୍ୟ ତିକ୍ତତା ସୃଷ୍ଟି ହେବ। ସଭାସମିତିରେ, ସାହିତ୍ୟ ଓ ଗବେଷଣା କାର୍ଯ୍ୟରୁ ପ୍ରଶଂସିତ ହେବେ। କାମକୁ ଯେକୌଣସି ପ୍ରକାରେ ହାସଲ କରିବାର ପ୍ରଯତ୍ନ କରିପାରନ୍ତି।

**ବୃଷ** ଭଲ ସମ୍ପର୍କ ରହିଥିବା ବନ୍ଧୁଟି ପରିସ୍ଥିତିରେ ପଡ଼ି ଦୂରେଇ ଯାଇପାରେ। ଲୋକସମ୍ପର୍କରେ ଉନ୍ନତି ଘଟିବା ସାଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଯାନବାହନ, ଜମିଜମା, ପ୍ରେସ୍‌,ପବ୍ଲିକେଶନ ସ୍ତରରେ ରହିଥିବା ସମସ୍ୟା ଦୂରୀଭୂତ ହୋଇଯିବ। ପିଲାଙ୍କୁ କେନ୍ଦ୍ରକରି ରହିଥିବା ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ** ସାଥୀ ମେଳରେ ବେଶି ସମୟ କଟାଇବା ସହ ଅନାବଶ୍ୟକ ଖର୍ଚ୍ଚ କରିବାକୁ ବାଧ ହେବେ। ଘରର ବରାଦ ଅନୁଯାୟୀ ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣିପାରନ୍ତି। ପ୍ରକାଶନ, ସଂଗଠନ, ରାଜନୀତି, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। କଠିନଶ୍ରମ ଓ ଭ୍ରମଣ କାରଣରୁ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାର ଆଶଙ୍କା ରହିଛି।

**କର୍କଟ** ସାମାଜିକ ସ୍ତରରେ ନିଜ ଲୋକଙ୍କୁ ମନେଇ କାର୍ଯ୍ୟ ସାଧନ କରିବେ। ଆଜି ବଜାର ସଉଦା କିଣିବାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତି, ପରିବହନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବାର ଆଶା ରହିଛି। ବୃଥା ସନ୍ଦେହ ଏବଂ ଭୁଲ୍‌ ବୁଝାମଣା କାରଣରୁ ବନ୍ଧୁଙ୍କ ସମ୍ପର୍କ ତିକ୍ତ ହୋଇପାରେ।

**ସିଂହ** କର୍ମକ୍ଷେତ୍ରରେ ଅବହେଳାରେ ଅଟକି ରହି ଯାଇଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ପାରିବାରିକ ସମସ୍ୟାର ସମାଧାନ ଘଟିବା ଦିଗରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଆର୍ଥିକ ଅନଟନ ଜନିତ ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି ପାଇବାର ସୂଚନା ରହିଛି। ସଚେତନତାର ଅଭାବ ଓ ଅବହେଳା ଜନିତ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କନ୍ୟା** ସନ୍ଦେହ ଓ ଭୁଲ୍‌ ବୁଝାମଣା ହେତୁ ପରିବାରରେ ସମସ୍ୟା ବଢ଼ିପାରେ। ସମସ୍ୟା ଲାଗି ରହୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନେଗେଟିଭ୍‌ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ସହକର୍ମୀ ଆଜି ସାହାଯ୍ୟ କରିବେ।

**ତୁଳା** କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କ ସ୍ୱାର୍ଥ ହାସଲ ନ ହେବାରୁ ସେମାନେ ସମାଲୋଚନା କରିପାରନ୍ତି। ଆଶା କରିଥିବା କାମଟିରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ।

**ବିଛା** ଆଜି ନୀଚ ବିଜାତୀୟ ବ୍ୟକ୍ତି ବିଶେଷ ପରୋକ୍ଷ ଭାବେ ସମାଲୋଚନା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରକାଶନ, ପ୍ରଶାସନିକ ସ୍ତରରେ ଅଭୀଷ୍ଟ ସିଦ୍ଧି ଘଟିବ। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ନିଜର ଅସାବଧାନତା କାରଣରୁ କୌଣସି ଜିନିଷ ହରାଇ କ୍ଷୋଭ ପ୍ରକାଶ କରିବେ।


**ଧନୁ** ବନ୍ଧୁମାନଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପାରସ୍ପରିକ ଉତ୍ତମ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ଠିକ୍‌ ରହିବ। ହୋଟେଲ, ଦୋକାନ, ବ୍ୟବସାୟ, ବାଣିଜ୍ୟ ପ୍ରଭୃତିରେ ଆଶା କରୁଥିବା ଫଳ ଅବଶ୍ୟ ପାଇବେ।

**ମକର** ମତଭେଦ କାରଣରୁ କାମ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ଅଘଟଣ ଘଟିପାରେ। ଘରୋଇ କଥାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ପ୍ରତ୍ୟେକ କ୍ଷେତ୍ରରେ ସଜାଗ ନ ରହିଲେ ଶତ୍ରୁଙ୍କ ସକ୍ରିୟତା ବୃଦ୍ଧି ପାଇବ। ଅର୍ଥ ସମ୍ପର୍କ, ଅତିଥି ଚର୍ଚ୍ଚା, ଯାତ୍ରା, ଆଇନ ଅଦାଲତ କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**କୁମ୍ଭ** କର୍ମକ୍ଷେତ୍ରରେ ପ୍ରାଧାନ୍ୟ ଜାହିର କରିବାକୁ ଯାଇ ଅପଦସ୍ଥ ହେବେ। ସତ୍‌ସଙ୍ଗ ପ୍ରତି ମନ ବଳିବ ଏବଂ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ। ଗୃହ ନିର୍ମାଣ, ଗାଡ଼ି କିଣା, କରଜ ଦେବା, କାମରେ ମନ ଦେଇପାରନ୍ତି। ପରିବହନ, ପ୍ରଶାସନ ସ୍ତରରେ କାର୍ଯ୍ୟ ସାଧନ କିମ୍ବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମୀନ** ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ପାଇଁ ଦିନଟି ବହୁତ ଶୁଭଙ୍କରୀ ହେବ। ହଠାତ୍‌ ହଜି ଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଆତ୍ମଗ୍ଲାନି ଅନୁଭବ କରିପାରନ୍ତି।

ଆଜି ନଭେମ୍ବର ୧୫ ତାରିଖ, ବିର୍ସାମୁଣ୍ଡା ଜୟନ୍ତୀ, ମାର୍ଗଶିର କୃଷ୍ଣପକ୍ଷର ଉତ୍ପନ୍ନା ଏକାଦଶୀ ଶନିବାର (ସର୍ବସମ୍ମତ ରାମାନୁଜଭିନ୍ନ)ରାଶିନକ୍ଷତ୍ର-ସକାଳ ଘ.୦୯।୦୭ ମି. ଗତେ ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୭ ଗତେ ଘ.୦୮।୪୫ ମଧ୍ୟେ, ଘ.୧୧।୫୩ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୫ ଗତେ ଘ. ୧୦।୦୮ ମଧ୍ୟେ ରାହୁ କାଳ।




# ୨୨୦୦ ବିଦ୍ୟାଳୟ ସୁଦୃଢ଼ ପାଇଁ ଖର୍ଚ୍ଚହେବ ୧୨ ହଜାର କୋଟି

**ଭୁବନେଶ୍ୱର,୧୪।୧୧(ସୁନିତ୍ ମିଶ୍ର)**

**ଆଦର୍ଶ ବିଦ୍ୟାଳୟ ଯୋଜନା ଲୋଗୋ ଉନ୍ମୋଚନକଲେ ମୁଖ୍ୟମନ୍ତ୍ରୀ**

**ପଞ୍ଚାୟତ ଭିତରେ ୫ ଏକର ଜମି ଥିବା ସ୍ଥାନରେ ସ୍ଥାପନ କରିବାକୁ ଯୋଜନା**

ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାର ଲୋଗୋ ଶୁକ୍ରବାର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଲୋଗୋକୁ ଉନ୍ମୋଚନକରି କହିଛନ୍ତି, ପିଲାଙ୍କୁ ଆଧୁନିକ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନକରିବା ସହ ଶିକ୍ଷାକୁ ଆକର୍ଷଣୀୟ ଓ ପ୍ରଭାବଶାଳୀ କରିବା ପାଇଁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ୧ମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ୪ ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ଏହା ଖର୍ଚ୍ଚ କରାଯିବ। ଏହି ବିଦ୍ୟାଳୟଗୁଡ଼ିକ ପଞ୍ଚାୟତର ଏପରି ଏକ ଗାଁରେ ସ୍ଥାପନ କରାଯିବ ଯେଉଁଠାରେ ଅନ୍ୟୂନ ୫ ଏକର ଜମି ଉପଲବ୍ଧ ଥିବା ସହ ଯେଉଁଠାକୁ ଗମନାଗମନ ସୁବିଧା ଥିବ। ପଞ୍ଚାୟତର ମଧ୍ୟସ୍ଥଳରେ ଅନ୍ୟୂନ ୫ ଏକର ଜମି ଉପଲବ୍ଧ ଥିବା ସର୍ବବୃହତ୍ ଗ୍ରାମକୁ ମଧ୍ୟ ପ୍ରାଥମିକତା ଦିଆଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଲୋଗୋ ଓଡ଼ିଆ ସଂସ୍କୃତିକୁ ବହନ କରୁଛି। ମହାନ୍ ଶିକ୍ଷାବିତ୍ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆଦର୍ଶକୁ ବହନ କରୁଛି। ଏହି 'ଲୋଗୋ' ଶିକ୍ଷାର ମହତ୍ତ୍ୱ ଓ ଭୂମିକାକୁ ପ୍ରତିଫଳିତ କରୁଛି। 'ଲୋଗୋ'ର ମଧ୍ୟଭାଗରେ ଏକ ଖୋଲା ପୁସ୍ତକ ଓ ଏକ କଲମ ମୁନ ରହିଛି। ଖୋଲା ପୁସ୍ତକ ଶିକ୍ଷା ଏବଂ ବୌଦ୍ଧିକ ଶକ୍ତିର ଜାଗରଣକୁ ବୁଝାଏ ଏବଂ କଲମ ମୁନ ସୃଜନଶୀଳତା ଓ ପ୍ରକାଶନକୁ ପ୍ରତିନିଧିତ୍ୱ କରେ। କଲମ ମୁନର ଉପରିଭାଗରେ ଜଳୁଥିବା ମଶାଲ, ଜ୍ଞାନ ଓ ସତ୍ୟର ପ୍ରତୀକ, ଯାହା ଅଜ୍ଞାନତା ଦୂର କରିଥାଏ ଏବଂ ପ୍ରଗତିକୁ ପ୍ରୋତ୍ସାହିତ କରିଥାଏ। ଏହା ଆମ ଛାତ୍ରୀଛାତ୍ରଙ୍କ ସ୍ୱପ୍ନକୁ ଜାଗରିତ କରିବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଏହି ଯୁଗାନ୍ତକାରୀ ଯୋଜନାର ଲୋଗୋ ଉନ୍ମୋଚନ ହୋଇଛି। ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପିଲାମାନଙ୍କୁ ସାମାଜିକ ଏବଂ ଶୈକ୍ଷିକ ଉଭୟ କ୍ଷେତ୍ରରେ ଆଗକୁ ବଢ଼ିବାରେ ସାହାଯ୍ୟ, ସହଯୋଗ ଯୋଗାଇଦେବ। ଏହି ଯୋଜନା ଅଧୀନରେ ପ୍ରାୟ ୨୨୦୦ ବିଦ୍ୟାଳୟକୁ ଚୟନ କରାଯିବ ବୋଲି ସେ କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଏନ୍. ତିରୁମାଲା ନାଏକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।




# ହ୍ୟୁମାନ ସାଗର ଅସୁସ୍ଥ, ଏମ୍ସରେ ଭର୍ତ୍ତି

**ଭୁବନେଶ୍ୱର,୧୪।୧୧(ବନ୍ଦନା ସେଠୀ)**



କଣ୍ଠଶିଳ୍ପୀ ହ୍ୟୁମାନ ସାଗର କିଡ୍‌ନୀ ଏବଂ ଲିଭରଜନିତ ରୋଗରେ ପୀଡ଼ିତ ଅଛନ୍ତି। ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକରୁ ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

ଶୁକ୍ରବାର ଅପରାହ୍ନ ୧ଟା ୧୦ରେ ହ୍ୟୁମାନଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଜରୁରୀକାଳୀନ ବିଭାଗରେ ପ୍ରାରମ୍ଭିକ ସ୍ଥିରତା ପରେ ଇଣ୍ଟେନ୍ସିଭିଷ୍ଟ ତଥା ଇସିଏମ୍ଓ ସ୍ପେଶାଲିଷ୍ଟ ଡା. ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଆଇସିୟୁରେ ତାଙ୍କର ଚିକିତ୍ସା କରାଯାଉଛି। ଭେଣ୍ଟିଲେଟର ସପୋର୍ଟରେ ରହିଥିବା ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ରହିଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ମଲ୍ଟି ଅର୍ଗାନ ଡିସ୍‌ଫଙ୍କଶନ୍ ସିଣ୍ଡ୍ରୋମ୍ (ଏମ୍ଓଡିଏସ୍) ଯଥା ଏନ୍‌ସେଫାଲୋପାଥି, ଆଘାତ, ଶ୍ୱାସକ୍ରିୟା ବିଫଳତା, ତୀବ୍ର ବୃକକ୍ ଆଘାତ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ, କୋଆଗୁଲାପାଥି ଚିହ୍ନଟ ହୋଇଛି। ଏଥିସହ ଅତ୍ୟଧିକ କ୍ରନିକ୍ ଯକୃତ ବିଫଳତା, ବିଲାଟେରାଲ ନିମୋନିଆ, ଗୁରୁତର ଏଲ୍‌ଭି ସିଷ୍ଟୋଲିକ୍ ଡିସ୍‌ଫଙ୍କସନ ସହିତ ଡିଲାଟେଡ୍ କାର୍ଡିଓମାୟୋପାଥି ଚିହ୍ନଟ ହୋଇଥିବା ନେଇ ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ହ୍ୟୁମାନ ଅସୁସ୍ଥ ହୋଇ ଗତ ୧୧ ତାରିଖରେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଫ୍ୟାନ୍ସ ଓ ସେଲିବ୍ରିଟିମାନେ ତାଙ୍କର ଶୀଘ୍ର ସୁସ୍ଥତା କାମନା କରିଛନ୍ତି।

# ଅଭିଯୁକ୍ତ ହୋମ୍‌ଗାର୍ଡ କୋର୍ଟ ଚାଲାଣ

**ଢେଙ୍କାନାଳ,୧୪।୧୧(ରତନ ନାୟାର)**

**ହୋମ୍‌ଗାର୍ଡ ଚାକିରି ପାଇଁ ୩୦ହଜାର ଠକେଇ ମାମଲା**

ହୋମଗାର୍ଡ ଚାକିରି କରାଇଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୩୦ହଜାର ଟଙ୍କା ଠକେଇ କରିବା ଅଭିଯୋଗରେ ଢେଙ୍କାନାଳର ହୋମ୍‌ଗାର୍ଡ ଅମର ଜେନାଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନଂ. ୮୨୨/୨୫ରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଦର ଏସ୍‌ଡିପିଓ ରମେଶ ଚନ୍ଦ୍ର ଦୋରା ସୂଚନା ଦେଇଛନ୍ତି। ଏହି ଘଟଣାରେ ଅମରଙ୍କ ବାପା ପ୍ରଦୀପ ଜେନାଙ୍କ ସମ୍ପୃକ୍ତିକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରିରହିଛି। ପ୍ରଦୀପ ମଧ୍ୟ ଜିଲା ପୋଲିସ କାର୍ଯ୍ୟାଳୟର କର୍ମଚାରୀ ଅଟନ୍ତି। ଉଭୟ ପିତା, ପୁତ୍ର ଭୁବନ ଥାନା ମୁରୁଗା ଗଡନୃସିଂହ ପ୍ରସାଦ ଅଞ୍ଚଳର ଅଜୟ ନାୟକଙ୍କ ଠାରୁ ତାଙ୍କୁ ହୋମ୍‌ଗାର୍ଡ ପଦବୀରେ ନିଯୁକ୍ତି ଦେବା ପାଇଁ ୧ଲକ୍ଷ ଟଙ୍କା ମାଗି ୩୦ହଜାର ଟଙ୍କା ନେଇ ଫେରାଇ ନ ଥିଲେ।

# ଓପିଆର୍‌ବି, କ୍ରାଇମ୍‌ବ୍ରାଞ୍ଚ ସହ ଆଲୋଚନା କଲେ ସିବିଆଇ ଅଧିକାରୀ

**ଭୁବନେଶ୍ୱର,୧୪।୧୧(ତ୍ରିନାଥ ମହାନ୍ତି)**

ବହୁ ଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ସିବିଆଇ ତଦନ୍ତ ଜାରି ରଖିଛି। ମାମଲା ରୁଜୁ କରିବାର ଦ୍ୱିତୀୟ ଦିନରେ ଶୁକ୍ରବାର କ୍ରାଇମ୍‌ବ୍ରାଞ୍ଚ ଦେଇଥିବା ଦସ୍ତାବିଜ୍‌କୁ ସିବିଆଇ ଅଧିକାରୀମାନେ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଏହାପରେ ସିବିଆଇ ଟିମ୍ ଏସ୍‌ଆଇ ପରୀକ୍ଷା କରାଉଥିବା ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ଏବଂ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀଙ୍କ ସହ ଆଲୋଚନା କରିଛି। ଓପିଆରବି ଟେଣ୍ଡର ଦେଇଥିବା ଆଇଟିଆଇ ସଂସ୍ଥାର ଏକାଧିକ ଦସ୍ତାବିଜ୍ ମାଗିଛି ସିବିଆଇ। କେବେଠୁ ଟେଣ୍ଡର ଦିଆଯାଇଛି ଏବଂ ଏହାକୁ ଓପିଆର୍‌ବି ନଜର ରଖୁଥିଲା କି ନାହିଁ, ତାହା ଯାଞ୍ଚ କରୁଛି ସିବିଆଇ। ସେପଟେ ମାମଲା ଆଗକୁ ନେବାକୁ ସିବିଆଇ ପାଇଁ ଡିଜିଟାଲ ଏଭିଡେନ୍ସ ନିହାତି ଆବଶ୍ୟକ। କ୍ରାଇମ୍‌ବ୍ରାଞ୍ଚ ଜବତ କରିଥିବା ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌ରେ ରହିଛି। ଶୀଘ୍ର ଏହାର ରିପୋର୍ଟ ଦେବାକୁ ସିବିଆଇ ଚିଠି ଲେଖିଥିବା ସୂଚନା ମିଳିଛି।

**ପୋଲିସ ଏସ୍‌ଆଇ କେଲେଙ୍କାରୀ ମାମଲା**

- ଡିଜିଟାଲ ପ୍ରମାଣ ଦେବାକୁ ଫୋରେନ୍‌ସିକ୍‌କୁ ଚିଠି
- ଶଙ୍କର, ମୁନାଙ୍କୁ ପଚରାଉଚରା ପାଇଁ କୋର୍ଟକୁ କରିବ ଆବେଦନ
- ଆଇଟିଆଇ ସଂସ୍ଥା, ସିଲିକନ୍ ଟେକ୍ ସଂସ୍ଥାକୁ ହେବ ସମନ
- ୫ ରାଜ୍ୟକୁ ଖୁବ୍‌ଶୀଘ୍ର ଯିବ ସିବିଆଇ ଟିମ୍

ଅନ୍ୟପକ୍ଷରେ ଏହି ପରୀକ୍ଷା କେଲେଙ୍କାର ମାଷ୍ଟରମାଇଣ୍ଡ୍ ତଥା ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ଶଙ୍କର ପୃଷ୍ଟି, ମୁନା ମହାନ୍ତି ସମେତ ୭ଜଣଙ୍କୁ ପଚରାଉଚରା କରିବା ପାଇଁ କୋର୍ଟରେ ସିବିଆଇ ଆବେଦନ କରିବ। କୋର୍ଟ ଅନୁମତି ଦେଲେ ରିମାଣ୍ଡରେ କିମ୍ବା ଜେଲ ଭିତରକୁ ଯାଇ ଅଧିକାରୀମାନେ ପଚରାଉଚରା କରିବେ। ଏଥିସହ ଓପିଆର୍‌ବିଠାରୁ ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ନେଇଥିବା ଆଇଟିଆଇ ସଂସ୍ଥା, ସିଲିକନ୍ ସଂସ୍ଥାର ମାଲିକ ଏବଂ କର୍ମଚାରଙ୍କୁ ପଚରାଉଚରା କରିବା ପାଇଁ ସମନ କରାଯିବ ବୋଲି ସିବିଆଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ବଡ଼ କଥା ହେଲା ଏହି ର୍‍ୟାକେଟରେ କେତେଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ହାତ ରହିଛି। ତେଣୁ ସିବିଆଇ ଟିମ୍ ଏମାନଙ୍କ ଲିଙ୍କ୍ ଖୋଜିବା ସହ ଖୁବ୍‌ଶୀଘ୍ର ୫ଟି ରାଜ୍ୟକୁ ଯାଇ ର୍‍ୟାକେଟର ଚେର ଖୋଜିବ। ପୋଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାସ୍ଥିତ କେନ୍ଦ୍ରୀୟ ସଂସ୍ଥା ଆଇଟିଆଇକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ ଟେକଲ୍ୟାବ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ ଏହାକୁ ସବ୍‌ଲେଟ୍‌ରେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ସଦାୟିତ୍ୱ ଦେଇଥିଲା। ସେଣ୍ଟର ତଦାରଖଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା। ପଞ୍ଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି କେଲେଙ୍କାରୀ ଯୋଜନା କରିଥିଲେ। ଏହି ଅପରାଧ ସିଣ୍ଡିକେଟ୍ ଦକ୍ଷିଣ ଓଡ଼ିଶାକୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାକୁ ଅରବିନ୍ଦ ଦାସ ସମ୍ଭାଳୁଥିଲା। ଏମାନଙ୍କ ଅଧୀନରେ ୧୦ ଜଣ ଲେଖାଏ ଏଜେଣ୍ଟ ରହି ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ। ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାରେ ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତା। ତଦନ୍ତ ସମୟରେ ଏହି ସିଣ୍ଡିକେଟ ପଶ୍ଚିମବଙ୍ଗ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ଗୁଜୁରାଟର ପ୍ରଶ୍ନପତ୍ର କେଲେଙ୍କାରୀରେ ବି ସାମିଲ ଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ଏବେ କ୍ରାଇମ୍‌ବ୍ରାଞ୍ଚ ଛାଡ଼ିଥିବା ଅଧା ତଦନ୍ତକୁ ଆଗେଇ ନେବ ବୋଲି ସୂଚନା ମିଳିଛି।

सत्यमेव जयते
Government of India
क.रा.बी.नि.
E.S.I.C.

"କଲି ସବୁ କ୍ଷେତ୍ରରେ ଦ୍ରୁତ ସଂସ୍କାର କାର୍ଯ୍ୟକାରୀ କରିବା ଲାଗି ଆମେ ସଂକଳ୍ପବଦ୍ଧ, ଯାହାକି ସହଜ ଜୀବନଧାରଣ, ବ୍ୟବସାୟିକ ସୁଗମତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



**ସରଳ ଅନୁପାଳନ, ସଶକ୍ତ ବ୍ୟବସାୟ**
**ବିକଶିତ ଭାରତ ର ଆଧାର**
**ଇ.ଏସ୍.ଆଇ.ସି. ଏମ୍‌ନେଷ୍ଟି ସ୍କିମ୍ 2025**
**1, ଅକ୍ଟୋବର, 2025 ରୁ 30 ସେପ୍ଟେମ୍ବର 2026 ପର୍ଯ୍ୟନ୍ତ**

ଇ.ଏସ୍.ଆଇ.ସି.ରେ ପଞ୍ଜିକୃତ କରିଥିବା ନିଯୁକ୍ତିଦାତା ମାନଙ୍କ ପାଇଁ 31 ମାର୍ଚ୍ଚ, 2025 ପର୍ଯ୍ୟନ୍ତ ଦାଖଲ କରାଯାଇଥିବା ପୁରୁଣା ମାମଲାର ସମାଧାନ କରିବା ପାଇଁ ଏବଂ ନିଜର ବ୍ୟବସାୟକୁ ସୁରକ୍ଷିତ କରିବାର ସୁଯୋଗ



ଇ.ଏସ୍.ଆଇ.ସି ପଞ୍ଜିକୃତ କରିଥିବା ନିଯୁକ୍ତିଦାତା ମାନଙ୍କ ପାଇଁ ପାରଦର୍ଶୀ ଏବଂ ସଠିକ ସମୟରେ(6 ମାସ ଭିତରେ)ମଧ୍ୟମରୁ ଦୀର୍ଘକାଳୀନ ମାମଲା/ଚାର୍ଜରୁ ମୁକ୍ତି ପାଇବାର ଏକ ସୁଯୋଗ, ଯାହା ବ୍ୟବସାୟ କରିବା ସହଜ ହେବ।

**ଏଥିରେ କଣ କଣ ସାମିଲ୍ ଅଛି ?**

କଭରେଜ୍/ଅଂଶଦାନ ବିବାଦ : ସୁଧ ସହିତ ପ୍ରାପ୍ୟ ଅଂଶଦାନ ପରିଶୋଧ କରନ୍ତୁ : କୌଣସି ଜୋରିମନା ନିଆଯିବ ନାହିଁ। EPFO/ଆୟକର ରେକର୍ଡ ଗ୍ରହଣ କରାଯିବ।

କ୍ଷତିପୂରଣ : ଯଦି ସଂଗୃହିତ ସୁଧ ସହିତ ଅବଦାନ ପୂର୍ବରୁ ପରିଶୋଧ କରାଯାଇଛି, ତେବେ କ୍ଷତିପୂରଣର 10% ଦେଇ ମାମଲାର ସମାଧାନ କରନ୍ତୁ।

ପୁରୁଣା ମାମଲା : ବନ୍ଦ ୟୁନିଟ୍ ଗୁଡିକ ପାଇଁ ଯେଉଁଥିରେ ନିୟୋଜକଙ୍କ ଠିକଣା ମିଳୁନାହିଁ ଏବଂ ଦାବି ରାଶି Rs 25000 ରୁ କମ୍ ଅଛି ଏବଂ 15 ବର୍ଷରୁ ଅଧିକ ସମୟ ଧରି ବକେୟା ରହିଛି ସେମାନଙ୍କୁ ଛାଡ କରାଯାଇ ପାରିବ।

ଅଭିଯୋଜନ ଫେରସ୍ତ : ଧାରା 84 (ରିଫଣ୍ଡ୍) ଧାରା 85 ଏବଂ 85A(ନିଯୁକ୍ତିଦାତା)- ଯେ କୌଣସି ନ୍ୟାୟାଳୟ ସ୍ତରରେ ଅନୁପାଳନର ଅଧିନ

ବିଳମ୍ବ ରିଟର୍ଣ୍ଣ/ଘୋଷଣା: ଅନୁପାଳନ ପରେ ସ୍ୱୀକାର କରାଯିବ।

**କିଏ ଆବେଦନ କରିପାରିବେ ?**

ଧାରା 75, 82, 85, 86A ଏବଂ ଅନୁଚ୍ଛେଦ 226 ରେ ଦୀର୍ଘଦିନ ଧରି ବିବାଦ ଥିବା ନିଯୁକ୍ତିଦାତାମାନେ

ଧାରା 84 ଅନୁସାରେ ରିଫଣ୍ଡ ବାଲା ବିମୀତ ବ୍ୟକ୍ତି

ପୁରୁଣା ବାକି, ଜମା କରିନଥିବା, କିମ୍ବା ବିଳମ୍ବରେ ଘୋଷଣା କରିଥିବା ୟୁନିଟ୍‌ଗୁଡିକ

ଅଧିକ ଜାଣିବା ପାଇଁ
QR କୋଡ୍ ସ୍କାନ୍ କରନ୍ତୁ

ଆବେଦନ କିପରି କରିବେ:
ନିକଟତମ କ.ରାବି.ନି କ୍ଷେତ୍ରୀୟ/ଉପ କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ସଂପର୍କ କରନ୍ତୁ।

ବିସ୍ତୃତ ବିବରଣୀ ପାଇଁ : www.esic.gov.in ଦେଖନ୍ତୁ
କିମ୍ବା ଟୋଲ୍ ଫ୍ରି ନମ୍ବର 1800-11-2526 ରେ କଲ୍ କରନ୍ତୁ।

ହେ ମନୁଷ୍ୟମାନେ ! ହେ ଦେଶ ଓ ମହାଦେଶ ସକଳ ! ସ୍ୱେଚ୍ଛାରେ ବାଛିନିଅ– ସତ୍ୟ କିମ୍ବା ରସାତଳ।... ସତ୍ୟକୁ ଭଲ ପାଅ। ତୁମର ଚେତନାରେ ଉଷାର ଆଲୋକ ଫୁଟିପଡୁ। –ଶ୍ରୀମା

-ଉତ୍ପନ୍ନା ଏକାଦଶୀ
ଉପବାସ ଓ ହଳ ନିଷେଧ



# ପନ୍ତଙ୍କ ବଦଳି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୧୯୯୧ ବ୍ୟାଚ୍‌ର ଏହି ବରିଷ୍ଠ ଆଇଏଏସ୍ ଅଧିକାରୀ ସୁଧାଂଶ ପନ୍ତ ରାଜସ୍ଥାନର ସର୍ବୋଚ୍ଚ ପ୍ରଶାସନିକ ପଦବୀରୁ ଯାଇ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟରେ ସଚିବ ଭାବେ ଦାୟିତ୍ୱ ନେଇଛନ୍ତି। ଗୋଟିଏ ସପ୍ତାହରୁ ଅଧିକ ସମୟ ଧରି ଯେଉଁମାନେ ରାଜସ୍ଥାନର ଅମଲାତନ୍ତ୍ରକୁ ଲକ୍ଷ୍ୟ କରିଛନ୍ତି ସେମାନେ ଜାଣନ୍ତି ଯେ ଏହି ବଦଳି ପ୍ରକୃତରେ ଯୋଜନାବଦ୍ଧ ଭାବେ କରାଯାଇ ନଥିଲା। ପନ୍ତଙ୍କ କାର୍ଯ୍ୟକାଳ ମୁଖ୍ୟ ଶାସନ ସଚିବ ଭାବେ ଶେଷ ହୋଇ ନ ଥିଲା, ଆଉ ଗୋଟିଏ ବର୍ଷ ବାକି ଥିଲା। ଏହା ସ୍ପଷ୍ଟ ଯେ, ପନ୍ତ ଏବଂ ରାଜନୈତିକ ନେତାଙ୍କ ମଧ୍ୟରେ କିଛି ଠିକ୍ ଚାଲି ନ ଥିଲା, ଯେଉଁଥିପାଇଁ ବଦଳି ହେବାକୁ ପଡ଼ିଲା। କୁହାଯାଉଛି, ଫାଇଲଗୁଡ଼ିକ ତାଙ୍କ ଡେସ୍କ ଦେଇ ଯାଏ ନାହିଁ, ବଦଳି ପ୍ରସ୍ତାବଗୁଡ଼ିକୁ ରୋକାଯାଏ କିମ୍ବା ରଦ୍ଦ କରାଯାଏ ଏବଂ ସଚିବାଳୟ ବାହାରୁ ସବୁକିଛି ପରିଚାଳନା କରାଯାଏ। ତେବେ କେନ୍ଦ୍ର ସରକାର ପନ୍ତଙ୍କୁ ଫେରାଇ ନେବା ଗୋଟିଏ ପଟେ ବିଶ୍ୱସନୀୟତାର ପୁରସ୍କାର ଭାବେ ଦେଖାଯାଉଥିବାବେଳେ ଅନ୍ୟ ପକ୍ଷରେ ଏହା ସ୍ପଷ୍ଟ ବାର୍ତ୍ତା ଦିଏ ଯେ, କେନ୍ଦ୍ର ଯେତେବେଳେ ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଚାହିଁବ ସେତେବେଳେ ରାଜ୍ୟରୁ ତାଙ୍କୁ ନେଇଯାଇ ପାରିବ। ଏଭଳି ବଦଳି ଦ୍ୱାରା ଲଗାତର ଭାବେ ଅମଲାତାନ୍ତ୍ରିକ ମନ୍ଥନକୁ ସାମ୍ନା କରୁଥିବା ଏକ ରାଜ୍ୟରେ ଏଭଳି ସ୍ଥିତି ପୁନର୍ବାର ଅନିଶ୍ଚୟତା ବଢ଼ାଇ ଦେଇଛି। ବାସ୍ତବ କଥା ହେଉଛି ପନ୍ତଙ୍କ ବଦଳି କେନ୍ଦ୍ର–ରାଜ୍ୟ ସମୀକରଣର କଥା କହୁଛି। ଯେତେବେଳେ ଜଣେ ମୁଖ୍ୟ ଶାସନ ସଚିବଙ୍କୁ ଅକସ୍ମାତ ସ୍ଥାନାନ୍ତର କରାଯାଉଛି, ସେତେବେଳେ ଏହା କେବଳ ଏକ ବଦଳି ନୁହେଁ, ବରଂ ଏହା ଦର୍ଶାଉଛି ଯେ, ଭାରତୀୟ ସଂଘୀୟ ବ୍ୟବସ୍ଥା ଏକ ସମନ୍ୱିତ ଭାଗୀଦାରିରେ କାମ କରୁନାହିଁ; ବରଂ ଏକ ବିବାଦର କ୍ଷେତ୍ର ପାଲଟିଛି।

### କ୍ୟାଡର ବଦଳିରେ ନିଷ୍କ୍ରିୟତା

ପଶ୍ଚିମବଙ୍ଗ ଅଧିକାରୀମାନେ ଥଟ୍ଟାରେ କହନ୍ତି, ଥରେ ତୁମେ ଏହି ରାଜ୍ୟ କ୍ୟାଡରରେ ପ୍ରବେଶ କଲେ ଆଉ ବାହାରି ପାରିବ ନାହିଁ, ଅନ୍ତତଃ ତୁମ ଅଧିକାର ବି ରହିବ ନାହିଁ। ଏବକାର ୨୦୨୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଆଶିଷ କୁମାରଙ୍କ କ୍ଷେତ୍ରରେ ଏହା ଦେଖାଯାଇଛି। ତାଙ୍କ ବ୍ୟାଚମେଟ ଡ. ଅକନ୍‌ଶା ମିଲିନ୍ଦ ଟମଗାଡଗେଙ୍କୁ ବିବାହ କରିବା ପରେ ନିୟମ ଅନୁଯାୟୀ ଏଜିଏମୟୁଟିକୁ ଆନ୍ତଃ କ୍ୟାଡର ବଦଳି ପାଇଁ ଏହି ଯୁବ ଅଧିକାରୀ ଚାହିଁଥିଲେ । ଏହା ମଧ୍ୟ ତାଙ୍କ ଅଧିକାର। ଏକ ନୋ ଅବଜେକ୍‌ଶନ ସାର୍ଟିଫିକେଟ( ଏନ୍‌ଓସି) ପାଇଁ ଦେଇଥିବା ଚିଠି ରାଇଟର୍ସ ବିଲ୍ଡିଂରେ ଗାଏବ ହୋଇଗଲା। ସରକାରଙ୍କୁ ବାରମ୍ବାର ଜଣାଇବା ପରେ କିଛି ଶୁଣି ନ ଥିଲେ। ଶେଷରେ କୁମାରଙ୍କୁ ସିଏଟିର ଦ୍ୱାରସ୍ଥ ହେବାକୁ ପଡ଼ିଲା। ଅତୀତରେ ମଧ ଏଭଳି ଅନେକ ଘଟଣା ଘଟିଥିଲା। ସରକାର ନିୟମିତ ରୂପେ କ'ଣ କରିବା ଉଚିତ ତାହା କରିବାକୁ ଟ୍ରିବ୍ୟୁନାଲ ବାରମ୍ବାର ଦର୍ଶାଇଆସିଛନ୍ତି । କ୍ୟାଡର ବଦଳି ପାଇଁ ବିବାହ କିଛି ବ୍ୟତିକ୍ରମ ନୁହେଁ। ପରିବାର ବନ୍ଧନ ଯୋଗୁ ଉତ୍ତମ ପ୍ରଶାସନିକ ଦକ୍ଷତା ପ୍ରକାଶ ପାଏ ଏବଂ ଏହି କାରଣରୁ ସେମାନଙ୍କ ବଦଳି ସରକାରୀ ନିୟମ ମଧ୍ୟରେ ଅଛି। କିନ୍ତୁ ରାଜ୍ୟ ଯେତେବେଳେ ସେମାନଙ୍କ ଗୋଡ଼ ଟାଣୁଛି ସେତେବେଳେ ନିୟମ ପ୍ରଶାସନିକ ଜିଦି ମଧ୍ୟରେ ବାନ୍ଧି ହୋଇ ରହିଯାଉଛି। ତେବେ ଦୁଇ ସପ୍ତାହ ମଧ୍ୟରେ ଏନ୍‌ଓସି ଦେବା ଲାଗି ପଶ୍ଚିମବଙ୍ଗ ସରକାରଙ୍କୁ ସିଏଟି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ତରରେ ନିଷ୍କ୍ରିୟତାରେ ଫସି ରହିଥିବା ଅନ୍ୟ ଅଧିକାରୀଙ୍କ ପାଇଁ ସିଏଟି ରାୟ ଏକ ନୈତିକ ଶକ୍ତି ସଦୃଶ। ଏହା ସୂଚିତ କରେ ଯେ, ରାଜ୍ୟ ମୂଳ ବିଷୟକୁ ଠିକ୍ କରିବା ସହ ଯେଉଁ ନିୟମକୁ ଗ୍ରହଣ କରିଛି ସେହି ଅନୁସାରେ କାମ କରିବା ଆରମ୍ଭ କରୁ।

### ରିପୋର୍ଟ କାର୍ଡ ଚିନ୍ତା

ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଉପସ୍ଥାପନା, କାର୍ଯ୍ୟଦକ୍ଷତା ପ୍ରଦର୍ଶନ, ତୁଳନାତ୍ମକ ବିଶ୍ଳେଷଣ, ରଣନୀତିକ ନକ୍ସା ଏବଂ କାର୍ଯ୍ୟଗୁଡ଼ିକର ଏକ ସମ୍ପୂର୍ଣ୍ଣ ରିପୋର୍ଟ କାର୍ଡ ଚାହିଁଛି। ସମ୍ଭବତଃ ଏଥିରେ ବାବୁମାନେ ସାମାନ୍ୟ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଉପରାଷ୍ଟ୍ରପତିଙ୍କ ସଚିବାଳୟରୁ ଆସିଥିବା ଅନୁରୋଧକୁ ନେଇ ସମସ୍ତେ ଫୁସୁରୁଫାସୁରୁ ହେଉଛନ୍ତି। ସଚିବମାନେ ନିର୍ଦ୍ଦେଶନାମାର ଉଦ୍ଦେଶ୍ୟ ବିଷୟରେ ମଧ୍ୟ ନିଶ୍ଚିତ ନୁହନ୍ତି । ଜଣେ ବରିଷ୍ଠ ଅଧିକାରୀ ଏହାକୁ ଏକ 'ଆଡଭାଇଜରି ନୋଟ' ବା 'ମାର୍ଗଦର୍ଶକ ଚିଠି' ବୋଲି କହିଛନ୍ତି, ଯାହା ଉପରାଷ୍ଟ୍ରପତିଙ୍କୁ ରାଜ୍ୟ ସଭା ଅଧ୍ୟକ୍ଷ ଭାବରେ ଦାୟିତ୍ୱ ତୁଲାଇବାରେ ସାହାଯ୍ୟ କରିବ। ଏହା ବାସ୍ତବରେ ଯଥାର୍ଥ । କିନ୍ତୁ ଆଡଭାଇଜରି ନୋଟ୍ ମଧ୍ୟ ପରୀକ୍ଷାର ବିଜ୍ଞପ୍ତି ପରି ମନେହେବ ଯେତେବେଳେ ତୁମକୁ ୧୧ ବର୍ଷର ସଫଳତାକୁ ଐତିହାସିକ କାର୍ଯ୍ୟଦକ୍ଷତା ସହିତ ତୁଳନା କରିବାକୁ ଏବଂ ଭବିଷ୍ୟତ ପାଇଁ ତୁମର ମାଷ୍ଟର ପ୍ଲାନ ଦର୍ଶାଇବାକୁ କୁହାଯିବ। ମୋଦି ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ଫଳାଫଳ ଉପରେ ଅଧିକ ଧ୍ୟାନ ଦିଆଯାଇଛି ଏବଂ ପ୍ରଗତି ପାଇଁ ଅଧିକ ଚାପ ରହିଛି। ମନ୍ତ୍ରଣାଳୟର କାର୍ଯ୍ୟଦକ୍ଷତା ଉପରେ ସ୍ୱଚ୍ଛତା ସମ୍ପର୍କରେ ଜାଣିବାକୁ ଚାହିଁବା ଜଣେ ଉପ ରାଷ୍ଟ୍ରପତିଙ୍କ ପାଇଁ କିଛି ଅସୁବିଧା ନାହିଁ। କିନ୍ତୁ ଆଗୁଆ ଏକ ରିପୋର୍ଟ କାର୍ଡ ଦାଖଲ କରିବା ନିଶ୍ଚିତ ଭାବରେ ଯାଞ୍ଚ ପାଇଁ ଏକ ପଦକ୍ଷେପ ବୋଲି କୁହାଯାଇପାରେ। ତେବେ ମନ୍ତ୍ରଣାଳୟଗୁଡ଼ିକ ରିପୋର୍ଟ କାର୍ଡ ଦାଖଲ କରିବାକୁ ଆଗେଇ ଆସିଛନ୍ତି। ବର୍ତ୍ତମାନ ବାବୁମାନେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ନିରୀକ୍ଷକ ଭାବେ ବିଚାର କରୁଛନ୍ତି ଏବଂ ଆଶା କରୁଛନ୍ତି ଯେ ସେମାନଙ୍କ ଉତ୍ତର ଠିକ୍ ରହିବ।

Email: dilipcherian@gmail.com

# ଜନଜାତି ବିକାଶ ଆମ ପ୍ରାଥମିକତା



ମୋହନ ଚରଣ ମାଝୀ

ଜୟ ଜଗନ୍ନାଥ

ଆଜି ଜନଜାତୀୟ ଗୌରବ ଦିବସ।ଭଗବାନ ବିର୍ସା ମୁଣ୍ଡାଙ୍କର ପବିତ୍ର ଜୟନ୍ତୀ। ବିର୍ସା ମୁଣ୍ଡା ଥିଲେ ଆଦିବାସୀମାନଙ୍କ ସ୍ୱାର୍ଥ, ସ୍ୱାଭିମାନ ଓ ଆତ୍ମପରିଚୟର ସୁରକ୍ଷା ପାଇଁ ସଂଘର୍ଷର ମୂର୍ତ୍ତିମନ୍ତ ପ୍ରତୀକ। ସେଥିପାଇଁ ସେ ଭଗବାନ ଓ ଧରତୀ ଆବା ଭାବରେ ଆଦିବାସୀ ସମାଜର ଚିର ପୂଜ୍ୟ ଓ ନମସ୍ୟ ଭାବରେ ବିଦିତ। ଏହି ମହାନ୍ ବିଭୂତିଙ୍କର ୧୫୦ ତମ ଜୟନ୍ତୀ ବର୍ଷରେ କେବଳ ରାଜ୍ୟର ୨୨ ପ୍ରତିଶତରୁ ଉର୍ଦ୍ଧ୍ୱ ଜନଜାତି ବର୍ଗଙ୍କ ତରଫରୁ ନୁହେଁ, ପୂରା ଓଡ଼ିଶାର ସାଢ଼େ ଚାରି କୋଟି ଜନତାଙ୍କ ପକ୍ଷରୁ ଏହି ମହାନ ବ୍ୟକ୍ତିତ୍ୱଙ୍କୁ କୋଟି କୋଟି ପ୍ରଣାମ କରୁଛି।

ଦେଶର ସର୍ଦ୍ଦାର– ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ୧୫୦ତମ ଜୟନ୍ତୀକୁ ଦେଶବାସୀ ଉତ୍ସାହ ଓ ଆଗ୍ରହର ସହ ଏକତା ଦିବସ ଭାବରେ ପାଳନ କରୁଛନ୍ତି।ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦେଶର ଅଦ୍ୱିତୀୟ କୃଷକ ନେତା।କୃଷକ ଆନ୍ଦୋଳନକୁ ସେ କେବଳ କୃଷକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ନୁହେଁ, ବରଂ ଦେଶର ସ୍ୱାଧୀନତା ସଂଗ୍ରାମରେ କୃଷକ ସମାଜକୁ ବ୍ୟାପକ ଭାବରେ ସାମିଲ କରିଥିଲେ। ବ୍ରିଟିଶ ସାମ୍ରାଜ୍ୟର ଡିଭାଇଡ ଆଣ୍ଡ ରୁଲ୍ ତତ୍ତ୍ୱରେ ଦେଶକୁ ସ୍ୱାଧୀନତା ମିଳିଥିଲା। ତେବେ ଦେଶୀୟ ରାଜ୍ୟ ମିଶ୍ରଣ ସମସ୍ୟାକୁ ଅନ୍ତ କରି ସମ୍ପୂର୍ଣ୍ଣ ଭାରତକୁ ଏକତାର ସୂତ୍ରରେ ବାନ୍ଧିରଖି ସେ ହୋଇଥିଲେ ଅବିସ୍ମରଣୀୟ।

ଦେଶର ଅଦ୍ୱିତୀୟ କୃଷକ ନେତା ସର୍ଦ୍ଦାର ପଟେଲ ଏବଂ ଦେଶର ଅଦ୍ୱିତୀୟ ଆଦିବାସୀ ନେତା ଭଗବାନ ବିର୍ସା ମୁଣ୍ଡା ବୟସରେ ମୋଟାମୋଟି ସମାନ।ଦେଶମାତୃକା ଓ ସମାଜ ପାଇଁ ଉଭୟଙ୍କ ଯୋଗଦାନ ଅବିସ୍ମରଣୀୟ।ଭଗବାନ ବିର୍ସା ମୁଣ୍ଡା ଏହି ଇହଧାମରେ ମାତ୍ର ୨୫ ବର୍ଷ ଅତିବାହିତ କରିଥିଲେ।ଭାରତର ଇତିହାସର ସବୁଠାରୁ ଶକ୍ତିଶାଳୀ ଆଦିବାସୀ ମେଳି ଓ ଜନ ଆନ୍ଦୋଳନର ମହାନାୟକ ଭଗବାନ ବିର୍ସା ମୁଣ୍ଡା। ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡା ରାଞ୍ଚି ଜେଲର ଏକ କୋଠରିରେ ୧୯୦୦ ମସିହା ଜୁନ୍ ୯ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।ବ୍ରିଟିଶ ସରକାର ଘୋଷଣା କରିଥିଲେ ଯେ, ତାଙ୍କର ହଇଜାରେ ମୃତ୍ୟୁ ଘଟିଛି, ଯଦିଓ ତାଙ୍କଠାରେ ଏହି ରୋଗର କୌଣସି ଲକ୍ଷଣ ପରିଲକ୍ଷିତ ହୋଇ ନ ଥିଲା।

ଆଜି ତାଙ୍କର ଜନ୍ମଦିନକୁ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଜନଜାତୀୟ ଗୌରବ ଦିବସ ଭାବରେ ପାଳନ କରିବାର ପରମ୍ପରା ସୃଷ୍ଟିକରି ଦେଶର ଆଦିବାସୀ ସମାଜକୁ ଏହାର ଇତିହାସ, ସଭ୍ୟତା, ସଂସ୍କୃତି ଓ ଆତ୍ମ ପରିଚୟକୁ ପୁଣି ଥରେ ସିଂହାବଲୋକନ କରିବାର ସୁଯୋଗ ସୃଷ୍ଟି କରିଛନ୍ତି।ସାରା ଦେଶ ସମେତ ଆମର ପ୍ରିୟ ରାଜ୍ୟ ଓଡ଼ିଶାରେ ଆଦିବାସୀମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ତଥା ସେମାନଙ୍କର ସାଂସ୍କୃତିକ ପରିଚୟ ଏବଂ ଅସ୍ମିତାକୁ ମନେ ପକାଇବାର ସମୟ ଆସିଛି।ଭଗବାନ ବିର୍ସା ମୁଣ୍ଡାଙ୍କ ସଂଘର୍ଷର ସ୍ୱର୍ଣ୍ଣିମ କାହାଣୀ ସହ ଓଡ଼ିଶାର ବ୍ରିଟିଶ ବିରୋଧୀ ସଂଗ୍ରାମର ଆଦିବାସୀ ମହାନାୟକମାନଙ୍କୁ ମନେପକାଇ ସେମାନଙ୍କୁ ସ୍ମୃତିର ଅର୍ଘ୍ୟ ଦେବା ପାଇଁ ଆଜିର ଦିନଟି ଉଚିତ ସମୟ।

୨୦୪୭ ମସିହାରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ଏବଂ ୨୦୩୬ରେ ଆମ ରାଜ୍ୟ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠନ ହେବାର ୧୦୦ ବର୍ଷ ପୂର୍ତ୍ତି ପାଳିତ ହେବ। ଓଡ଼ିଶା ସମେତ ସମ୍ପୂର୍ଣ୍ଣ ଦେଶ ପାଇଁ ଆଗାମୀ ୨୨ ବର୍ଷ ବେଶ୍ ଗୁରୁତ୍ୱପୂର୍ଣ୍ଣ।କାରଣ ମୋଦିଜୀ ଆଗାମୀ ଦୁଇ ଦଶନ୍ଧିରେ ବିକଶିତ ଭାରତ ନିର୍ମାଣର ସ୍ୱପ୍ନ ଦେଖିଛନ୍ତି। ଏହି ୨୨ ବର୍ଷ ଆମ ଓଡ଼ିଶାବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ,ଏଥିରେ ସନ୍ଦେହ ନାହିଁ।ମାତ୍ର ଏହି ୨୨ ବର୍ଷ ଭିତରୁ ଏହାର ପ୍ରଥମ ୧୧ ବର୍ଷ, ମାନେ ପ୍ରଥମ ଦଶନ୍ଧି ଆହୁରି ଗୁରୁତ୍ୱପୂର୍ଣ୍ଣ। ମୋଦିଜୀଙ୍କ ସ୍ୱପ୍ନ ବିକଶିତ ଭାରତ।ମାତ୍ର ଓଡ଼ିଆଙ୍କ କାନ୍ଧରେ ଭାର ଟିକେ ଅଧିକ। ଆମେ ସବୁ ଭାରତବାସୀଙ୍କ ପାଇଁ ଆଗାମୀ ୨୨ବର୍ଷ ସଂଘର୍ଷମୟ। ମାତ୍ର ଆମେ ଓଡ଼ିଆମାନେ ୧୧ ବର୍ଷରେ ବିକାଶର ଏତେ ବଡ଼ ଲମ୍ଫଦେବା ଯାହା ବିକଶିତ ଭାରତ ଆଧାର ସ୍ତମ୍ଭ ବନିବ। ଓଡ଼ିଶାର ଏହି ବିଶାଳ ଲକ୍ଷ୍ୟ ହାସଲର ସ୍ୱପ୍ନ ସେପର୍ଯ୍ୟନ୍ତ ପୂରଣ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ରାଜ୍ୟର ୨୨ ପ୍ରତିଶତ ଆଦିବାସୀ ଜନସଂଖ୍ୟା ତଥା ଏହି ସମୁଦାୟ ଅଧ୍ୟୁଷିତ ଜିଲ୍ଲା ଓ ଅଞ୍ଚଳଗୁଡ଼ିକର ବିକାଶ ଆଗାମୀ କିଛି ବର୍ଷରେ ଖୁବ୍ ଦ୍ରୁତଗତିରେ ଆଗେଇବ ନାହିଁ।

### ଭଗବାନ ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ

ଆମ ବିକାଶର ମାପଦଣ୍ଡର ପରିସଂଖ୍ୟାନ ଆମ ସାମ୍ନାରେ ଆଇନା ଭଳି ଆମକୁ ଆମର ସ୍ଥିତି ଦେଖାଉଛି।ବିକାଶର ସବୁ ମାନଦଣ୍ଡରେ ଆମର ଆଦିବାସୀ ଭାଇ ଭଉଣୀମାନେ ସବୁଠାରୁ ପଛୁଆ।ସତ୍ୟକୁ ସତ୍ୟ ଭାବରେ ସ୍ୱୀକାର କରି ଆମକୁ ଆମର ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରିବାକୁ ପଡ଼ିବ।ସାକ୍ଷରତା ହାର ହେଉ ଅଥବା ମହିଳା ବର୍ଗରେ ରକ୍ତହୀନତା, ଗର୍ଭାବସ୍ଥାର ମା' ହୁଅନ୍ତୁ ଅଥବା ନବଜାତକଙ୍କ ପୁଷ୍ଟି ଓ ସ୍ୱାସ୍ଥ୍ୟ, ପିଲାମାନଙ୍କର ବୟସ ଅନୁସାରେ ଉଚ୍ଚତା ଅଥବା ଉଚ୍ଚତା ଅନୁସାରେ ଓଜନ।ସାମାଜିକ ବିକାଶର ଅନେକ ମାପ ଦଣ୍ଡରେ ସାରା ଦେଶ ତୁଳନାରେ ଓଡ଼ିଶାର ସ୍ଥିତି ସେତେ ଭଲ ନୁହେଁ।ଆମ ରାଜ୍ୟର ବିଭିନ୍ନ ବର୍ଗର ସାମାଜିକ ବିକାଶ ମାପଦଣ୍ଡର ତୁଳନାତ୍ମକ ଚିତ୍ର ଆଙ୍କିବାବେଳେ ଆମର ଆଦିବାସୀ ଭାଇଭଉଣୀଙ୍କ ସ୍ଥିତି ଆହୁରି ଖରାପ।ଖାଲି ଯଦି ସାକ୍ଷରତାର ମାପଦଣ୍ଡକୁ ଆମେ ହିସାବ କରିବା ଶେଷ ଜନଗଣନା ସମୟରେ ରାଜ୍ୟରେ ୨୭.୧ ପ୍ରତିଶତ ନିରକ୍ଷର।ଆଦିବାସୀ ସମାଜରେ ଏହା ୪୭.୮ ପ୍ରତିଶତ।ମାତ୍ର ଆଦିବାସୀ ମହିଳାମାନଙ୍କ କ୍ଷେତ୍ରରେ ଏହା ୫୮.୮ ପ୍ରତିଶତ।ଏବେ ସମୟ ଆସିଛି ଐତିହାସିକ ଭୁଲ୍‌କୁ ସଂଶୋଧନ କରିବା ପାଇଁ।ଆଦିବାସୀ ସମାଜରେ ବିକାଶର ଗଙ୍ଗାର ଅବିରତ ଗତିକୁ ଆହୁରି ଗତିବାନ କରିବା।

ଆଜି ଭଗବାନ ବିର୍ସା ମୁଣ୍ଡାଙ୍କର ପବିତ୍ର ଜୟନ୍ତୀ।ଆଦିବାସୀଙ୍କ ହକ୍ ଓ ଅଧିକାର ପାଇଁ ଦୁର୍ବାର ଜନ ଆନ୍ଦୋଳନର ମହାନାୟକ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଓଡ଼ିଶାର ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଆମ ସରକାର ବଦ୍ଧପରିକର। ମୋ ପାଇଁ ଆଜି ଦିନଟି ଆହୁରି ଗୁରୁତ୍ୱପୂର୍ଣ୍ଣ ଓ ମୋ ଦାୟିତ୍ୱକୁ ମୁଁ ମର୍ମେ ମର୍ମେ ଅନୁଭବ କରୁଛି।ଆର୍ଥିକ ଅନଟନ, ସଂଘର୍ଷ ଓ ସମର୍ପଣର ରାସ୍ତା ଦେଇ, ପଡ଼ି ଉଠି ସମ୍ପୂର୍ଣ୍ଣ ସମାଜସହ ତାଳ ଦେଇ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶାର ସେବା କରିବା ପାଇଁ ମୋତେ ସୁଯୋଗ ମିଳିଛି।ରାଜ୍ୟର ସମ୍ପୂର୍ଣ୍ଣ ଆଦିବାସୀ ସମାଜର ସମସ୍ୟା ଓ ସଂଘର୍ଷର କାହାଣୀ ମୋ ଜୀବନର ଅଙ୍ଗେନିଭା ଅନୁଭୂତି। ରାଜ୍ୟର ୨୨ ପ୍ରତିଶତରୁ ଉର୍ଦ୍ଧ୍ୱ ଆଦିବାସୀ ସମାଜର ଦ୍ରୁତ ବିକାଶର ଶପଥକୁ ଆଜି ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀରେ ଦୋହରାଉଛି।

ଭଗବାନ ବିର୍ସା ମୁଣ୍ଡାଙ୍କର ସଂଘର୍ଷ ଓ ଆନ୍ଦୋଳନର ଭୂମି ଥିଲା ଆଧୁନିକ ଝାଡ଼ଖଣ୍ଡ ଓ ଓଡ଼ିଶାର ଅନେକାଂଶ ଅଞ୍ଚଳ। ଆଦିବାସୀଙ୍କର ଜଙ୍ଗଲ ଓ ଜମି ଅଧିକାର ନେଇ ବ୍ରିଟିଶ ବିରୋଧୀ ଉଗ୍ର ଓ ଆକ୍ରମଣାତ୍ମକ ସଂଘର୍ଷ ଆଜି ଦେଶର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି।ତାଙ୍କର ସଂଘର୍ଷର ତୀବ୍ରତା ଓ ଜନ ଭାଗୀଦାରି ଶକ୍ତିଶାଳୀ ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା। ଆଦିବାସୀ ଜମି ଓ ଜଙ୍ଗଲ ହଡ଼ପର ନାୟକ ବ୍ରିଟିଶ ସାମ୍ରାଜ୍ୟ ମୁଣ୍ଡ ନୁଆଁଇ ଛୋଟନାଗପୁର ଟେନାନ୍ସି ଆକ୍ଟ ୧୯୦୮ ଗୃହୀତ କରିବାକୁ ବାଧ୍ୟ ହୋଇଥିଲେ।ଭଗବାନ ବିର୍ସା ମୁଣ୍ଡାଙ୍କ ଐତିହାସିକ ୧ ଅକ୍ଟୋବର ୧୮୯୪ ପ୍ରତିବାଦ ଜନ ଶୋଭାଯାତ୍ରା ଆଜି ଇତିହାସର ମୂକ ସାକ୍ଷୀ।କେବଳ ଜଙ୍ଗଲ ଓ ଜମି ଅଧିକାର ହାସଲରେ ସୀମିତ ଲକ୍ଷ୍ୟର ପୂଜାରୀ ନ ଥିଲେ ବିର୍ସା ମୁଣ୍ଡା।ତାଙ୍କର ନାରା ଥିଲା: ଆବୁଆରାଜ ସେଟାରଜାନା, ମହାରାଣୀରାଜ ତୁଣ୍ଡୁଜାନା– ଅର୍ଥାତ୍ ବ୍ରିଟିଶ୍‌ରାଜ ଶେଷକରି ନିଜ ଶାସନ ଲାଗୁ କରିବା। କେବଳ ଆଧୁନିକ ଝାଡ଼ଖଣ୍ଡ–ଓଡ଼ିଶାର ଆଦିବାସୀ ସ୍ୱାର୍ଥ ନୁହେଁ ବରଂ ସାରା ଦେଶର ସ୍ୱାଧୀନତା ପାଇଁ ବିର୍ସାଙ୍କ ଯୋଗଦାନ ଚିରସ୍ମରଣୀୟ ହୋଇ ରହିବ।

ହୁଏତ ଆମ ଦେଶର ସ୍ୱାଧୀନତାର ଶ୍ରେୟ କେତୋଟି ହାତଗଣତି ପରିବାରରେ ସୀମିତ କରିବାକୁ ଅପଚେଷ୍ଟା କରାଯାଇ ଥାଇପାରେ।ମାତ୍ର ଆମର ସ୍ୱାଧୀନତା ସଂଗ୍ରାମ ଥିଲା ସତରେ ବଡ଼ ଜନ ଆନ୍ଦୋଳନ।ଭଗବାନ ବିର୍ସା ମୁଣ୍ଡାଙ୍କୁ ତାଙ୍କ ଜୟନ୍ତୀରେ ଅର୍ଘ୍ୟ ଦେବାବେଳେ ବଳିଦାନ ଦେଇଥିବା ଓଡ଼ିଶାର ଜନ ସଂଘର୍ଷର ମହାନାୟକମାନେ ଆମର ଆଦିବାସୀ ସମାଜର ଓ ସାରା ଓଡ଼ିଶାର ନମସ୍ୟ।କନ୍ଧ ମେଳିର ମହାନାୟକ ଦୋରା ବିଷୋୟୀ ଓ ଚକରା ବିଷୋୟୀ, ମୟୂରଭଞ୍ଜର ୧୮୫୭ର ମହାନାୟକ ଦୟାନିଧି ଧାରୁଆ।କେଉଁଝରର ଭୂଇଁଆ ମେଳିର ରତନ ନାଏକ, ଧରଣୀଧର ନାଏକ, କୋରାପୁଟର ଲକ୍ଷ୍ମଣ ନାଏକ, ବୌଦ୍ଧ–କନ୍ଧମାଳର ନବଘନ କହଁରଙ୍କ ସମେତ ମାଦ୍ରି କାଲୋ, ନିର୍ମଳ ମୁଣ୍ଡା, ସାଧୁଜାନୀ– ଦୁନାଇ ଜାନୀ, ତମା ଦୋରା, ଶହୀଦ ମାଧୋ ସିଂ ଓ ତାଙ୍କ ପରିବାର ସମେତ ଓଡ଼ିଶାର ଅଗଣିତ ଆଦିବାସୀ ସଂଗ୍ରାମୀଙ୍କୁ ଜଣେ ଆଦିବାସୀ ଦାୟାଦ ତଥା ସାରା ଓଡ଼ିଶାବାସୀଙ୍କ ତରଫରୁ ସ୍ମରଣ କରୁଛି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖାଲି ଇତିହାସକୁ ସ୍ମରଣ କରିବାରେ ସୀମିତ ନୁହନ୍ତି।ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସମୟରୁ ଶୁଭାରମ୍ଭ ହୋଇଥିବା ଆଦିବାସୀ ବିକାଶ ଗଙ୍ଗାକୁ ଜନ ଜନ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ବଡ଼ ପଦକ୍ଷେପ ନେଉଛନ୍ତି ମୋଦିଜୀ। ଅଟଳଜୀ ଆଦିବାସୀ ବିକାଶ ମନ୍ତ୍ରଣାଳୟର ଶୁଭାରମ୍ଭ କରି ଆଦିବାସୀଙ୍କୁ ବିକାଶ ନକ୍ସାର କେନ୍ଦ୍ରବିନ୍ଦୁକୁ ଆଣିଥିଲେ। ମୋଦିଜୀ ଦେଶର ୧୧ କୋଟି ପାଖାପାଖି ଆଦିବାସୀଙ୍କ ଭାଗ୍ୟ ବଦଳାଇବାରେ ଲାଗିଛନ୍ତି।ପୂର୍ବ ଭାରତ ପ୍ରାୟତଃ ଆଦିବାସୀ ଅଧ୍ୟୁଷିତ।ଓଡ଼ିଶାର ୨୨ ପ୍ରତିଶତ, ଝାଡ଼ଖଣ୍ଡର ୨୬ ପ୍ରତିଶତ, ଛତିଶଗଡ଼ରେ ୩୦ପ୍ରତିଶତ ସମେତ ଆସାମ ଓ ପଶ୍ଚିମବଙ୍ଗ ଏବଂ ସମ୍ପୂର୍ଣ୍ଣ ଭାବରେ ପୂର୍ବ ଭାରତରେ ଆଦିବାସୀ ସଂଖ୍ୟା ଢେର ଅଧିକ।ମୋଦିଜୀଙ୍କର ମିଶନ ପୂର୍ବୋଦୟ ବି ଆଦିବାସୀଙ୍କୁ ବିକାଶର ନକ୍ସାର କେନ୍ଦ୍ରବିନ୍ଦୁକୁ ଆଣିଛି।ଆଜି ଦିନରେ ମୋଦିଜୀଙ୍କର ଧରତୀଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ସରକାରଙ୍କର ବହୁ ବିଭାଗକୁ ଆଦିବାସୀ ଏକୀକୃତ ବିକାଶ ପାଇଁ ନୂଆ ରାସ୍ତା ଖୋଲିଛି।ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ବ୍ୟବସ୍ଥା, ପିଏମ୍ ଜନମନ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୌଶଳ ବିକାଶ ଆଦି ଯୋଜନାର ସୁଯୋଗ ଦେଶର ଆଦିବାସୀ ବିକାଶ କ୍ଷେତ୍ରରେ ନୂଆ ଯୁଗ ସୃଷ୍ଟି କରୁଛି।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆଦିବାସୀ ସ୍ୱାର୍ଥର ଜାଗ୍ରତ ପ୍ରହରୀ।ଆମ ସରକାର ଶୈକ୍ଷିକ ବାତାବରଣ ଓ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ମାନକୁ ବଢ଼ାଇବା ପାଇଁ ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ମାଧ୍ୟମରେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି।

ମୁଁ ଦୃଢ଼ନିଶ୍ଚିତ, ବିକଶିତ ଓଡ଼ିଶା ବିନା ବିକଶିତ ଭାରତ ସମ୍ଭବ ନୁହେଁ ଏବଂ ବିକଶିତ ଆଦିବାସୀ ବିନା ବିକଶିତ ଓଡ଼ିଶା ସମ୍ଭବ ନୁହେଁ। ଆଜି ଜନଜାତୀୟ ଗୌରବ ଦିବସରେ ଓଡ଼ିଶାର ଆଦିବାସୀବର୍ଗଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ମୁଁ ପୁଣି ଥରେ ଆମର ପ୍ରତିବଦ୍ଧତାକୁ ଦୋହରାଉଛି।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**


# କଟିକାଟି



ଡ. ସୀତାକାନ୍ତ ତ୍ରିପାଠୀ

କଥାରେ ଅଛି ପୁରୁଷଙ୍କୁ ସେମାନଙ୍କ ଦରମା ବା ଆୟ ସମ୍ପର୍କରେ ପଚାରିବା ଏବଂ ମହିଳାଙ୍କୁ ସେମାନଙ୍କ ବୟସ କଥା ପଚାରିବା ଗର୍ହିତ । ତଥାପି ସାଙ୍ଗମାନଙ୍କ ଗହଣରେ ଏସବୁର ପ୍ରାସଙ୍ଗିକତା ପ୍ରାୟତଃ ନ ଥାଏ । କାରଣ ବନ୍ଧୁମାନେ ପରା ସୁଖ ଦୁଃଖର ସାଥୀ, ସେମାନଙ୍କ ପାଖରେ ପୁଣି କ'ଣ ଏସବୁର ଗୁପ୍ତତା! ଦିନେ ବନ୍ଧୁମାନଙ୍କ ଆସରରେ ସମସ୍ତଙ୍କର ଦରମା ବିଷୟରେ ଆଲୋଚନା ହେଲା । ସମସ୍ତଙ୍କର ଗୋଟିଏ କଥା ଥିଲା ଆମର କଟିକାଟି ଦରମା ଏତିକି । ଅର୍ଥାତ୍ ମୂଳ ଦରମାରୁ ଟିକସ, ପ୍ରୋଭିଡେଣ୍ଟ ଫଣ୍ଡ, କର୍ମଚାରୀ ମଙ୍ଗଳ ପାଣ୍ଠି, ସ୍ୱାସ୍ଥ୍ୟ ବୀମା ଇତ୍ୟାଦି କାଟିସାରିବା ପରେ ଯେଉଁ ଟଙ୍କା ହାତକୁ ଆସେ ତାହା ହିଁ ପ୍ରକୃତ ଦରମା । ଇଂଲିଶରେ ଆମେ ଯାହାକୁ ଗ୍ରସ୍ ସାଲାରି ଏବଂ ନେଟ୍ ସାଲାରି ବୋଲି କହିଥାଉ । ଏହି କଟିବା ଭିତରେ ଥାଏ କିଛି ବାଧ୍ୟ ବାଧକତା ଆଉ କିଛି ଭବିଷ୍ୟତ ଯୋଜନା । ଚାକିରି ଦେଇଥିବା ସଂସ୍ଥା କିମ୍ବା ସରକାର ମଧ୍ୟ ଉକ୍ତ କର୍ମଚାରୀମାନଙ୍କର ମଙ୍ଗଳ ବିଧାନ ପାଇଁ କିଛି ଟଙ୍କା କାଟି ଦିଅନ୍ତି ଯାହା ଫଳରେ ଅଜଣା ଭାବେ କିଛି ଟଙ୍କା ସଞ୍ଚୟ ହୋଇଯାଇଥାଏ କିମ୍ବା ଭବିଷ୍ୟତ ଜୀବନ ସହଜ ଓ ସରଳ ହେବା ପାଇଁ ବାଟ ଫିଟିଥାଏ । ଏହି ବ୍ୟବସ୍ଥା ବେପାର ବଣିଜରେ ମଧ୍ୟ ବ୍ୟବହାର ହୋଇଥାଏ । ଆଳୁ ବସ୍ତାଏର ଦାମ୍ ହିସାବରେ କ'ଣ କିଲୋ ପିଛା ଦର ସ୍ଥିର କରିହେବ ? କାରଣ' ବସ୍ତା ଭିତରେ ଥିବା ପଚା, କଟା ଆଳୁ ସହିତ ଓଜନ କମ୍ ଆଦି ପାଇଁ କଟିକାଟି ଯାଉଥିବା ବେଳେ ପରିବହନ ଖର୍ଚ୍ଚ, ଲାଭ ତଥା ବିପର୍ଯ୍ୟୟ ସମୟରେ ଅସାଧୁ ବ୍ୟବସାୟୀଙ୍କ ଲାଭଖୋର ମନୋବୃତ୍ତି ଅନେକ ଅଜଣା ଟଙ୍କା ମୂଳ ଦାମ୍ ସହ ଯୋଡ଼ି ଦେଇ ଥାଆନ୍ତି । ତେଣୁ ପରିମାଣ କଟିକାଟି ଯିବା ସହିତ ମୂଲ୍ୟ ବଢ଼ି ବଢ଼ି ଚାଲିଥାଏ ।

ଯଦି ସରକାରୀ ଯୋଜନା, ଅର୍ଥ ବ୍ୟବସ୍ଥା ତଥା ଉନ୍ନତିମୂଳକ କାର୍ଯ୍ୟ କଥା ବିଚାରକୁ ନିଆଯାଏ ତେବେ ଏହି କଟିକାଟି ଶବ୍ଦଟି ସମ୍ପୂର୍ଣ୍ଣ ଭାବେ ବିଧ୍ୱଂସାତ୍ମକ ଚିନ୍ତାଧାରା ଉପରେ ପର୍ଯ୍ୟବସିତ ବୋଲି ମନେହୁଏ । ବଜେଟ ଅଭିଭାଷଣ, ବ୍ୟୟବରାଦ, କାର୍ଯ୍ୟାଦେଶ ଏବଂ ପ୍ରକୃତ କାର୍ଯ୍ୟ ମଧ୍ୟରେ ଥାଏ ଏହି କଟିକାଟି ଯିବାର ଭୟ । କାରଣ ପିସି କାରବାରକୁ ନେଇ ଉଭୟ ସରକାରୀ ଏବଂ ବିରୋଧୀ ଦଳ ହୋହଲ୍ଲା କରୁଥିଲେ ମଧ୍ୟ ପ୍ରକାଶ୍ୟରେ ହେଉ କିମ୍ବା ଅପ୍ରକାଶ୍ୟରେ ତାହା ଅଦ୍ୟାବଧି ଚାଲିଆସୁଛି । ଯାହାକୁ ଲକ୍ଷ୍ୟକରି



ନବେ ଦଶକରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ପାର୍ଲାମେଣ୍ଟରେ କହିଥିଲେ ଯଦି ସରକାର ଗୋଟିଏ ଟଙ୍କା ଲୋକମାନଙ୍କ ଖର୍ଚ୍ଚ ପାଇଁ ଯୋଜନା କରନ୍ତି ତା'ହେଲେ ସେଥିରୁ ମାତ୍ର ୧୬ ପଇସା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିଥାଏ । ସେତେବେଳଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ସତ୍ୟତାକୁ ନେଇ ବାକ୍‌ବିତଣ୍ଡା ହୋଇ ଆସୁଥିଲେ ମଧ୍ୟ ତାହା ଅଦ୍ୟାବଧି ଚାଲିଆସୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ଯେ ପର୍ଯ୍ୟନ୍ତ ଜନ ସଚେତନତା ନ ଆସିଛି ସେ ପର୍ଯ୍ୟନ୍ତ ଏହି ପରମ୍ପରାକୁ ଲୋପ କରିବା ଅସମ୍ଭବ।

ଏହି କଟିକାଟି ବ୍ୟବସ୍ଥା ମଧ୍ୟ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଊଣା ଅଧିକେ ପ୍ରଯୁଜ୍ୟ । ପାର୍ଲାମେଣ୍ଟ ହେଉ କିମ୍ବା ବିଧାନସଭା ବର୍ଷର ବିଭିନ୍ନ ସମୟରେ ଏଥିରେ ଅଧିବେଶନ ଡକାଯାଇଥାଏ । ଏଥିପାଇଁ ବର୍ଷକୁ ଅନ୍ତତଃ କେତେଥର ଏବଂ କେତେଦିନ ପାଇଁ ଅଧିବେଶନ ଡକାଯିବ ସେଥିପାଇଁ ମଧ୍ୟ ନୀତି ନିୟମ ରହିଛି। ତେବେ ବିଭିନ୍ନ ସମୟରେ ବିଭିନ୍ନ ଆଳ ଦେଖାଇ ଉକ୍ତ କାର୍ଯ୍ୟ ଦିବସଗୁଡ଼ିକୁ କାଟି ଦିଆଯାଇଥାଏ । ଏହାବାଦ୍ ବିରୋଧୀ ଦଳ ଏବଂ ଶାସକ ଦଳଙ୍କ ମଧ୍ୟରେ ସମନ୍ୱୟର ଅଭାବ, ହଙ୍ଗାମା ତଥା ଜିଦ୍ ଯୋଗୁ ଏହି କାର୍ଯ୍ୟଦିବସଗୁଡ଼ିକ ମଧ୍ୟ କଟିକାଟି ଯାଇଥାଏ ଯାହା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ପରିପନ୍ଥୀ ।

ଏହି କଟିକାଟି ପରମ୍ପରାକୁ ଯଦି ଆମେ ନିଜ ଜୀବନ ଦର୍ଶନରେ ଦେଖିବା ତା'ହେଲେ ଏହା ଆମକୁ ନୀତିନିଷ୍ଠ, କର୍ତ୍ତବ୍ୟ ପରାୟଣ, ସମୟାନୁବର୍ତ୍ତୀ ଆଦି ଅନେକ ସୁଗୁଣକୁ ଶିଖିବା ତଥା କାମରେ ଲଗାଇବା ପାଇଁ ପ୍ରେରଣା ଦେଇଥାଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରାକୁ ଯଦି ଆମେ ଜୀବନର ଅବଧି ବା ସଂଜ୍ଞା ବୋଲି ହିସାବ କରିବା ତା'ହେଲେ ଶିଶୁର ଅଜ୍ଞାନ ଅବସ୍ଥା, ନିଦ୍ରା, ରୋଗ ତଥା ବୃଦ୍ଧାବସ୍ଥା ଯୋଗୁ ଅନେକ ସମୟ କଟିକାଟି ଯାଇଥାଏ ; ଯେଉଁ ସମୟରେ ମଣିଷ ଚାହିଁଲେ ମଧ୍ୟ କୌଣସି କାର୍ଯ୍ୟ କରିବା ପାଇଁ ସମର୍ଥ ହୋଇ ପାରି ନ ଥାଏ । ତେଣୁ ସମୟର ଅଯଥା ଅପଚୟ ନ କରି ତା'ର ସଦ୍‌ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଥାଏ । ଯାହା ଫଳରେ ଜୀବନର ଅବଧି କଟିକାଟି ଯାଇପାରେ କିନ୍ତୁ ସରସତା ଏବଂ ସୁନ୍ଦରତା ବଢ଼ି ବଢ଼ି ଯିବ । ଶେଷରେ ଏତିକି କୁହାଯାଇ ପାରେ ଆମେ ସମସ୍ତେ ଏହି କଟିକାଟି ବ୍ୟବସ୍ଥା ସହିତ ନିଜକୁ ଖାପ ଖୁଆଇ ଚଳାଇବା ସହ ଏହାକୁ ସରସ ସୁନ୍ଦର କରିବା ପାଇଁ ପ୍ରୟାସ କରିବା ଉଚିତ।

**ଅନ୍ନପାଳ, ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ମହାରାଷ୍ଟ୍ର ସିନ୍ଧୁଦୁର୍ଗର ଉଦୟ ଗୋପୀନାଥ ଭେଲାଂକର ସ୍ୱର୍ଣ୍ଣଚମ୍ପା ଫୁଲ ଚାଷ କରି ଏଥିରୁ ବର୍ଷକୁ ୯ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଉଦୟ ୨୦ ଏକରରେ ଗାଢ଼ ହଳଦିଆ କିସମ ସ୍ୱର୍ଣ୍ଣଚମ୍ପା ଚାଷ କରୁଛନ୍ତି। ତାଙ୍କ ନର୍ସରିରେ ଥିବା ୩୦୦୦ ବଡ଼ ଚମ୍ପାଗଛ ଅଛି। ପ୍ରତି ଗଛରୁ ୧୫୦–୨୦୦ ଫୁଲ ମିଳୁଛି। ବଜାରରେ ୧୦୦ଟି ଫୁଲକୁ ୧୦୦ ଟଙ୍କାରେ ବିକ୍ରି କରାଯାଉଛି। ବିଭିନ୍ନ ପର୍ବପର୍ବାଣିରେ ୧୦୦ଟି ଫୁଲ ପାଖାପାଖି ୭୦୦ ଟଙ୍କାରେ ବିକ୍ରି ହେଉଛି। ପ୍ରତିବର୍ଷ ସେ ବଡ଼ ଚମ୍ପାଗଛରୁ ସେ ୧୦,୦୦୦ କଲମୀ କରି ମଧ୍ୟପ୍ରଦେଶ, କେରଳ, କର୍ନାଟକ ଓ ତାମିଲନାଡୁରେ ବିକ୍ରି କରୁଛନ୍ତି। ଏହା ବ୍ୟତୀତ ସେ କଲମୀ ପଦ୍ଧତିରେ 'ଭେଲାଙ୍କର ଚମ୍ପା'ନାମକ ଏକ ନୂଆ କିସମର ଫୁଲ ବିକାଶ କରିଛନ୍ତି, ଯାହା ବର୍ଷର ସବୁ ସମୟରେ ଫୁଟୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ନଭେମ୍ବର ୧୯୭୬**

➲ ବିଭିନ୍ନ ସରକାରୀ ଅଫିସରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀମାନଙ୍କ ରହିବା ପାଇଁ ଭୁବନେଶ୍ୱରଠାରେ 'ନିବେଦିତା' ନାମକ ଏକ ମହିଳା ହଷ୍ଟେଲ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଉଦ୍‌ଘାଟିତ।

## ଚିରନ୍ତନୀ

ଥରାଇ ଧୀରେ ଧୀରେ କୁସୁମ ବନ
ପବନ ଉଲୁସାଏ ପରାଣ ମନ
ସରସୀ ନୀଳ ନୀରେ ସରୋଜ ଡଳେ ଧୀରେ
ଚଳଇ ହଂସ କରି ମଧୁର ସ୍ୱନ
ପବନ ଉଲୁସାଏ ପରାଣ ମନ ।

–(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| | | 5 | | | 7 | 4 | | |
| | | | 1 | | 5 | 8 | | |
| 2 | 3 | 8 | | | | | | |
| | | | | | | | 4 | |
| | 1 | | | 6 | 3 | 5 | | |
| | | | 7 | | | 3 | | 6 |
| | 6 | | | | | 2 | 9 | |
| | 9 | 1 | | | 2 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 6 | 7 | 1 | 9 | 8 | 4 | 5 |
| 1 | 9 | 5 | 4 | 8 | 3 | 2 | 7 | 6 |
| 4 | 8 | 7 | 5 | 6 | 2 | 3 | 9 | 1 |
| 5 | 4 | 3 | 8 | 7 | 1 | 9 | 6 | 2 |
| 8 | 1 | 2 | 6 | 9 | 4 | 7 | 5 | 3 |
| 7 | 6 | 9 | 2 | 3 | 5 | 1 | 8 | 4 |
| 9 | 7 | 1 | 3 | 4 | 6 | 5 | 2 | 8 |
| 6 | 5 | 8 | 1 | 2 | 7 | 4 | 3 | 9 |
| 3 | 2 | 4 | 9 | 5 | 8 | 6 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପାତ୍ରରେ ଦାନ

ମହାଶୟ,

ଏକ ଅପେରା ପାର୍ଟିର ଗୋଟିଏ ନାଟକର ଏକ ଦୃଶ୍ୟ ମୋବାଇଲରେ ଘୂରି ବୁଲୁଛି। ଦୃଶ୍ୟରେ ଜଣେ ଅଭିନେତ୍ରୀ ନିଜ ସ୍ୱାମୀଙ୍କ ଜୀବନ ବଞ୍ଚାଇବା ପାଇଁ କାନ୍ଦି କାନ୍ଦି ଅର୍ଥ ଭିକ୍ଷା କରୁଛନ୍ତି। ଦର୍ଶକ ମଧ୍ୟ ଭାବପ୍ରବଣତାର ସହ ନାଟକରେ ମଜ୍ଜି ଯାଇ ଅଭିନେତ୍ରୀଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଫଳସ୍ୱରୂପ ଅଭିନେତ୍ରୀଙ୍କ କାନିରେ ଅଜସ୍ର ଟଙ୍କା ଗଦା ହୋଇଯାଉଛି। ଏଇଠି ପ୍ରଶ୍ନ ଉଠେ ଏହା ବାସ୍ତବ ନୁହେଁ କେବଳ ଅଭିନୟ। ଆମ ଆଖପାଖରେ ଅନେକେ ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା ପାଇପାରୁ ନାହାନ୍ତି। ଯଦି ଦର୍ଶକ ଅଭିନୟକୁ ଭୁଲି ବାସ୍ତବତାକୁ ହୃଦୟଙ୍ଗମ କରନ୍ତେ ତାହା ହେଲେ ଏମିତି ଫୁଲାଫୁଲା ଟଙ୍କା ଅଜାଡ଼ି ଦିଅନ୍ତେ ନାହିଁ। ଏହା ଅପାତ୍ରରେ ଦାନ ପରି ମନେହୁଏ।

**–ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିକାଶର ଏଜେଣ୍ଡାକୁ ବାଛିଲେ ନୂଆପଡ଼ାବାସୀ: ମୁଖ୍ୟମନ୍ତ୍ରୀ



ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କ ବିପୁଳ ବିଜୟ ପରେ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବିଜୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଦଳୀୟ ନେତୃବୃନ୍ଦ।


**ଭୁବନେଶ୍ୱର,୧୪।୧୧(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ୮୩ ହଜାର ୭୪୮ ଖଣ୍ଡ ଭୋଟ୍ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ପରାଜିତ କରିଛନ୍ତି। ଭାଜପାର ଏହି ବିପୁଳ ବିଜୟ ପରେ ଦଳୀୟ ଶିବିରରେ ଏବଂ ନେତା ଓ କର୍ମୀଙ୍କ ମହଲରେ ଉତ୍ସାହ ଖେଳିଯାଇଛି। ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ବିଜୟ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଭାଜପା ପାଇଁ ଏହା ଏକ ଐତିହାସିକ ଦିନ। ବିହାର ବିଧାନସଭା ନିର୍ବାଚନ ଏବଂ ନୂଆପଡ଼ା ଉପନିର୍ବାଚନରେ ଇତିହାସ ସୃଷ୍ଟି ହୋଇଛି। ନୂଆପଡ଼ାବାସୀ ପୂର୍ବରୁ ମିଥ୍ୟା ପ୍ରଚାର ଓ ପ୍ରତିଶ୍ରୁତି ବହୁଥର ଦେଖିଛନ୍ତି। ସେଥିଲାଗି ଏଥର ଆଉ ମିଛ ପ୍ରଚାର ଓ ପ୍ରତିଶ୍ରୁତିକୁ ସେମାନେ ଭରସା ନ କରି ଭାଜପା ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରାଇଲେ। ବଡ଼ ଭୋଟ୍ ବ୍ୟବଧାନ ହିଁ ସବୁକିଛି ସ୍ପଷ୍ଟ କରିଛି। ନୂଆପଡ଼ାର ଏତେବଡ଼ ବିଜୟ ଲାଗି ୨ଟି ମୁଖ୍ୟ ଏଜେଣ୍ଡା ଥିଲା। ପ୍ରଥମେ ଭାଜପା ପକ୍ଷରୁ ଗତ ସାଧାରଣ ନିର୍ବାଚନ ସମୟରେ ୨୧ଟି ନିର୍ବାଚନୀ ପ୍ରତିଶ୍ରୁତି ଦିଆଯାଇଥିଲା। ସେଥିରୁ ବର୍ଷକ ମଧ୍ୟରେ ୧୧ଟି ପ୍ରତିଶ୍ରୁତି ପୂରଣ ହୋଇସାରିଛି। ତେଣୁ ବିକାଶର ଏଜେଣ୍ଡାକୁ ନୂଆପଡ଼ାବାସୀ ଭରସା କରିଛନ୍ତି। ଦ୍ୱିତୀୟତଃ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜେଡିରେ ଥିବା ସମୟରେ ସେ ଚାହୁଁଥିବା ସତ୍ତ୍ୱେ ଅନେକ କିଛି ବିକାଶ କାର୍ଯ୍ୟ କରିପାରି ନ ଥିଲେ। ତାଙ୍କ ପରିବାର ଏହି ଉପନିର୍ବାଚନରେ ଭାଜପାରେ ଯୋଗଦେବା ପରେ ବିଜେଡି କୌଣସି ନିର୍ବାଚନୀ ପ୍ରସଙ୍ଗ ନ ପାଇ ସେମାନଙ୍କୁ ବେଇମାନ କହିଲା। ଦୀର୍ଘବର୍ଷ ଢୋଲକିଆଙ୍କ ପରିବାର ବିଜେଡିରେ କାମ କରିଥିବା ସତ୍ତ୍ୱେ ବେଇମାନ ବୋଲି କହିବା ବିଷୟକୁ ନୂଆପଡ଼ାବାସୀ ପ୍ରତ୍ୟାଖ୍ୟାନ କଲେ। ଭୋଟ୍ ଫଳାଫଳରୁ ଦେଖାଇ ଦେଲେ ବାସ୍ତବରେ କେଉଁମାନେ ବେଇମାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ନୂଆପଡ଼ାବାସୀ ଇତିହାସ ସୃଷ୍ଟି କରିଛନ୍ତି। ଭାଜପା ସବୁବେଳେ ସେବାକୁ ଆଧାର କରି କାମ କରିଆସୁଛି। ଦଳ ପକ୍ଷରୁ ଯେଉଁମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ସେମାନେ ଉପନିର୍ବାଚନରେ କଠିନ ପରିଶ୍ରମ କରି ଦଳକୁ ବିଜୟୀ କରାଇଛନ୍ତି। ଅନେକ ଜଣଙ୍କୁ ଦଳ ଦାୟିତ୍ୱ ଦେଇ ନ ଥିଲା, ତଥାପି ସେମାନେ ଦଳୀୟ ନିର୍ଦ୍ଦେଶକୁ ନ ମାନି ପ୍ରାର୍ଥୀ ଓ ଦଳ ସପକ୍ଷରେ ପ୍ରଚାରକରି ବିଜୟୀ କରାଇଲେ। କୋମନାରେ ଗତ ୬ ତାରିଖରେ ଯେତେବେଳେ ପ୍ରଚାର ଓ ରାଲି କରାଗଲା ସେତେବେଳେ ୪୦ ହଜାର ଲୋକଙ୍କ ଉପସ୍ଥିତି ହିଁ ଭାଜପାର ବିଜୟକୁ ସୁନିଶ୍ଚିତ କରିଦେଇଥିଲା। ନୂଆପଡ଼ା ଉପନିର୍ବାଚନରେ ଅଂଶଗ୍ରହଣ କରି ଯେଉଁମାନେ ଭାଜପାକୁ ବିପୁଳ ସମର୍ଥନ ଜଣାଇଛନ୍ତି, ସେହିମାନଙ୍କୁ ଧନ୍ୟବାଦ ଜଣାଉଛି। ଏହି ନିର୍ବାଚନ ଓଡ଼ିଶା ରାଜନୀତି ପାଇଁ ଐତିହାସିକ। ଏହା ଆଗାମୀ ଦିନରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ପାଇଁ ସହଯୋଗ କରିବ। ଶୁକ୍ରବାର ଆସିଥିବା ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱର ଫଳ। ଲୋକଙ୍କ ସରକାରରେ ବିଗତ ୧୬ ମାସ ଧରି ଜନସାଧାରଣ ଉପକୃତ ହୋଇଛନ୍ତି। ଲୋକଙ୍କ ପାଇଁ ସରକାର ଜନକଲ୍ୟାଣ ଯୋଜନା ଓ ସ୍ୱଚ୍ଛ ଶାସନ ବ୍ୟବସ୍ଥା କରିଛନ୍ତି। ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ ପାଇଁ ଡବଲ ଇଞ୍ଜିନ ସରକାର ଆଗକୁ ନେଇଛି ବୋଲି ଏହି ନିର୍ବାଚନ ପ୍ରମାଣିତ କରୁଛି। ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ୨୨ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପସ୍ଥିତିରେ ହୋଇଛି। ସରକାର ଭଲ କାମ କରୁଛନ୍ତି ବୋଲି ନୂଆପଡ଼ାବାସୀ ଅନୁଭବ କରିପାରୁଛନ୍ତି। ସେ ଗତବର୍ଷ ନୂଆପଡ଼ା ଯାଇଥିଲେ। ସେହି ସମୟରେ ନିର୍ବାଚନ ନ ଥିଲା। କୌଣସି କାର୍ଯ୍ୟକ୍ରମ ନ ଥିଲା। ଗତବର୍ଷ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷ ନିର୍ବାଚନ ପ୍ରଚାର ସମୟରେ ଯାଇଥିଲେ। ଗତ ୬ ତାରିଖରେ ଯେତେବେଳେ ସେ କୋମନାରେ ରୋଡ୍ ଶୋ' କରିଥିଲେ, ହଜାର ହଜାର ଲୋକ ଉତ୍ସାହର ସହ ଉପସ୍ଥିତ ଥିଲେ। ନୂଆପଡ଼ାର ବିକାଶ ହେବ। ଆମ ଦଳର ରାଜନୈତିକ ଉଦ୍ଦେଶ୍ୟ ନୁହେଁ, ଆମେ ସେବା ମନୋଭାବ ନେଇ ଆଗକୁ ବଢ଼ୁଛି। ଏହି କାରଣରୁ ନୂଆପଡ଼ାବାସୀ ସମର୍ଥନ ଦେଇଛନ୍ତି। ବିହାରରେ ଭାଜପାର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ବିଜୟ ଉତ୍ସବରେ ରାଜ୍ୟ ସଭାପତି ମନମୋହନ ସାମଲ, ପଦାଧିକାରୀ, କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ଥିଲେ।




ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟ ବାହାରେ ଶୁକ୍ରବାର ଅନୁଷ୍ଠିତ ବିଜୟ ଉତ୍ସବ।




## କେଉଁ ପ୍ରାର୍ଥୀଙ୍କୁ କେତେ ଭୋଟ

| ପ୍ରାର୍ଥୀ | ଦଳ | ଭୋଟ |
|---|---|---|
| ଜୟ ଢୋଲ୍‌କିଆ | ଭାଜପା | ୧,୨୩,୮୬୯ |
| ଘାସିରାମ ମାଝୀ | କଂଗ୍ରେସ | ୪୦, ୧୨୧ |
| ସ୍ନେହାଙ୍ଗିନୀ ଛୁରିଆ | ବିଜେଡି | ୩୮,୪୦୮ |
| ନୋଟା | – | ୨,୨୪୮ |
| ଲୋଚନସିଂ ମାଝୀ | ସ୍ୱାଧୀନ | ୨,୧୩୭ |
| ଲକ୍ଷ୍ମୀକାନ୍ତ ତାଣ୍ଡି | ସ୍ୱାଧୀନ | ୧,୩୨୨ |
| କିଶୋର କୁମାର ବାଗ୍ | ସ୍ୱାଧୀନ | ୭୪୩ |
| ଭୁବନଲାଲ୍ ସାହୁ | ସ୍ୱାଧୀନ | ୭୨୧ |
| ହେମନ୍ତ ତାଣ୍ଡି | ସ୍ୱାଧୀନ | ୬୬୨ |
| ଚକ୍ରାନ୍ତ ଜେନା | ସ୍ୱାଧୀନ | ୫୨୯ |
| ଭକ୍ତବନ୍ଧୁ ଧାରୁଆ | ସ୍ୱାଧୀନ | ୫୧୧ |
| ରମାକାନ୍ତ ହାତୀ | ସ.ପା. | ୪୮୯ |
| ନିତା ବାଗ୍ | ସ୍ୱାଧୀନ | ୪୭୪ |
| ଆଶ୍ରୟ ମହାନନ୍ଦ | ସ୍ୱାଧୀନ | ୧୯୧ |
| ସୁଖଧର ଦଣ୍ଡସେନା | ଓଜିପି | ୧୬୭ |

## ନିର୍ବାଚନ ଆସିବ, ଯିବ



ଦଳର ସମସ୍ତ ନେତା, କର୍ମୀ ଏବଂ ସମର୍ଥକ ଯେଉଁମାନେ ଉପନିର୍ବାଚନ ଲାଗି ଏକାଠି ହୋଇ କଠିନ ପରିଶ୍ରମ କରିବା ସହ ସେମାନଙ୍କ ସମସ୍ତ ବଳ ଲଗାଇଥିଲେ, ସେମାନଙ୍କୁ ଧନ୍ୟବାଦ। ସମସ୍ତଙ୍କ ଏହି କଠିନ ପରିଶ୍ରମ ଏବଂ ଏକତା ହିଁ ଦଳର ପ୍ରକୃତ ବଳ। ଭାଜପା ପ୍ରାର୍ଥୀଙ୍କୁ ତାଙ୍କ ବିଜୟ ଲାଗି ଅନେକ ଶୁଭେଚ୍ଛା। ଆଶା କରୁଛି, ଯେଉଁଭଳି ଜନମତ ମିଳିଛି ତାକୁ ନେଇ ସେ ନୂଆପଡ଼ାର ବିକାଶ କରିପାରିବେ। ନିର୍ବାଚନ ଆସିବ ଓ ଯିବ। ଲୋକଙ୍କ ପାଇଁ ଥିବା ସମ୍ମାନ ଏବଂ ଭଲ ପାଇବା ଓ ବିଶ୍ୱାସ ସେମିତି ରହିବ। ଗଣତନ୍ତ୍ରର ରକ୍ଷା ପାଇଁ ମୁକ୍ତ ଏବଂ ଅବାଧ ନିର୍ବାଚନ ହେବା ଦରକାର। ବିଜେଡି ବହୁ ଉତ୍‌ଥାନ ଓ ପତନ ଦେଖିଛି। ଲୋକଙ୍କ ପାଇଁ କାମ କରିବା କାର୍ଯ୍ୟ ବନ୍ଦ ହେବ ନାହିଁ। ବିଜେଡି ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ। ଲୋକଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ। ନୂଆପଡ଼ାବାସୀ, ଯେଉଁମାନେ ବିଜେଡିକୁ ଭୋଟ୍ ଦେଇଛନ୍ତି ସେମାନଙ୍କୁ ଧନ୍ୟବାଦ। ଯେଉଁମାନେ ଦଳୀୟ କର୍ମୀ ଥିଲେ ଏବଂ କଠିନ ପରିଶ୍ରମ କରିଥିଲେ ସେମାନଙ୍କୁ ମଧ୍ୟ ଧନ୍ୟବାଦ।

- ନବୀନ ପଟ୍ଟନାୟକ, ବିଜେଡି ସଭାପତି

# ମାଟିର ପୁଅକୁ ଚିହ୍ନିଲେ ନାହିଁ: ଘାସିରାମ

### ୨୦୨୪ ନିର୍ବାଚନ ତୁଳନାରେ ୧୦,୮୨୦ ଖଣ୍ଡ କମ୍ ଭୋଟ୍ ପାଇଲେ

**ଭୁବନେଶ୍ୱର, ୧୪।୧୧(ସୁନିତ୍ ମିଶ୍ର)**



କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀଙ୍କୁ ଚଳିତ ନୂଆପଡା ଉପନିର୍ବାଚନରେ ୪୦ ହଜାର ୧୨୧ ଖଣ୍ଡ ଭୋଟ୍ ମିଳିଛି। ସେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କଠାରୁ ୮୩ ହଜାର ୭୪୮ ଖଣ୍ଡ ଭୋଟ୍‌ରେ ପରାଜିତ ହୋଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ ଘାସିରାମ କହିଛନ୍ତି, ସେବା କରିବାଠାରୁ ମାଓବାଦୀ ହୋଇଯିବା ଭଲ। ସ୍ଥାନୀୟ ଭୋଟର ଟଙ୍କାକୁ ଦେଖିଲେ, ମାଟିର ପୁଅକୁ ଚିହ୍ନିଲେ ନାହିଁ।

ସୂଚନାଯୋଗ୍ୟ ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଘାସିରାମ କଂଗ୍ରେସ ଟିକେଟ ନ ପାଇବାରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ସେଥର ତାଙ୍କୁ ୫୦ ହଜାର ୯୪୧ ଖଣ୍ଡ ଭୋଟ୍ ପାଇ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଠାରୁ ୧୦,୯୮୧ ଖଣ୍ଡ ଭୋଟ୍‌ରେ ପରାଜିତ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ହେଲେ ଗତ ସାଧାରଣ ନିର୍ବାଚନ ତୁଳନାରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ସୁଦ୍ଧା ଏଥର ସେ ୧୦,୮୨୦ ଖଣ୍ଡ କମ୍ ଭୋଟ୍ ପାଇଛନ୍ତି।

# ୩ ନମ୍ବରରେ ବିଜେଡିର ସ୍ନେହାଙ୍ଗିନୀ

### ୨୦୨୪ ନିର୍ବାଚନ ଭୋଟ୍‌ଠାରୁ ୨୩ ହଜାର ୪୧୪ ଖଣ୍ଡ ଭୋଟ୍ କମିଗଲା



ଚଳିତ ନୂଆପଡ଼ା ଉପନିର୍ବାଚନରେ ବିଜେଡି ପକ୍ଷରୁ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରାଯାଇଥିଲା। ସ୍ନେହାଙ୍ଗିନୀ ବରଗଡ ଜିଲା ନେତ୍ରୀ ହୋଇଥିଲେ ସୁଦ୍ଧା ବିଜେଡି ସଭାପତି ନବୀନ ପଟ୍ଟନାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପରିବାର ଭାଜପାରେ ସାମିଲ ହେବାପରେ ସ୍ଥାନୀୟ କୌଣସି ନେତାଙ୍କୁ ଭରସା ନ କରି ତାଙ୍କୁ ଟିକେଟ ଦେଲେ। ଏହି ଉପନିର୍ବାଚନରେ ବିଜେଡି ୩ ନମ୍ବର ସ୍ଥାନରେ ରହିଛି। ସ୍ନେହାଙ୍ଗିନୀଙ୍କୁ ଉପନିର୍ବାଚନରେ ମୋଟ୍ ୩୮,୪୦୮ ଖଣ୍ଡ ଭୋଟ୍ ମିଳିଛି। ସିଏ ଘାସିରାମଙ୍କଠାରୁ ୧,୭୧୩ ଖଣ୍ଡ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ଠାରୁ ସେ ୮୫,୪୬୧ ଖଣ୍ଡ କମ୍ ଭୋଟ୍ ପାଇଛନ୍ତି। ଅର୍ଥାତ୍ ଭାଜପା ପ୍ରାର୍ଥୀଙ୍କ ଯେତିକି ଭୋଟ୍ ପାଇଲେ ତାର ଅଧା ଭୋଟ୍ ବି ତାଙ୍କୁ ମିଳିଲାନି। ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇ ସ୍ୱର୍ଗତ ଢୋଲକିଆ ୬୧ ହଜାର ୮୨୨ ଖଣ୍ଡ ଭୋଟ୍ ପାଇଥିଲା। ହେଲେ ସେହି ଭୋଟ୍ ରଖିବାରେ ମଧ୍ୟ ବିଜେଡି ଫେଲ୍ ମାରିଲା। ଗତ ସାଧାରଣ ନିର୍ବାଚନ ତୁଳନାରେ ପ୍ରାୟ ୨୩ ହଜାର ୪୧୪ ଖଣ୍ଡ କମ୍ ଭୋଟ୍ ବିଜେଡିକୁ ମିଳିଛି। ଯାହା ତାଙ୍କ ଦଳୀୟ ନେତୃତ୍ୱଙ୍କ ଚିନ୍ତା ବଢ଼ାଇ ଦେଇଛି।

## ସରକାରୀ କଳର ମାତ୍ରାଧିକ ଅପବ୍ୟବହାର



ନୂଆପଡ଼ା ଉପନିର୍ବାଚନରେ ଯେଉଁ ଜନାଦେଶ ଆସିଛି, ତାକୁ ସ୍ୱାଗତ କରିବା ସହିତ ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଉଛି। ନୂଆପଡ଼ା ଗୋଟିଏ ଗରିବ ଓ ସରଳ ଆଦିବାସୀ ଅଧ୍ୟୁଷିତ ଜିଲା। ଏଠାରେ ଲୋକେ କଂଗ୍ରେସ ପ୍ରତି ଅକୁଣ୍ଠ ସମର୍ଥନ ଦେଖାଇଥିଲେ। ପ୍ରତ୍ୟେକ କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ରୁଣ୍ଡ ହୋଇଥିଲେ। ହେଲେ ସରକାରୀ କଳର ମାତ୍ରାଧିକ ଅପବ୍ୟବହାର ଯୋଗୁ ଉପନିର୍ବାଚନ ଫଳାଫଳରେ ଗଡ଼ବଡ଼ ହୋଇଛି। ଭାଜପା ଓ ବିଜେଡି ଯେଉଁ ପରିମାଣରେ ଅର୍ଥ ଏବଂ ବହୁବଳ ଲଗାଇଲେ ତାହା ରାଜ୍ୟବାସୀ ସମସ୍ତେ ଦେଖିଲେ। ବିଜେଡି ପ୍ରମୁଖ ବିରୋଧୀ ହେବା ସତ୍ତ୍ୱେ ତୃତୀୟ ସ୍ଥାନକୁ ଖସିଛି। କଂଗ୍ରେସ ଭୋଟକୁ ଭାଜପା ବିପୁଳ ଅର୍ଥ ଓ ସରକାରୀ କଳ ଲଗାଇ କିଣିଛି। ଫଳରେ ଆମର ଭୋଟ୍‌ହାର କମିଛି। ଏହାସହିତ ନିର୍ବାଚନ ବେଳେ ମଧ୍ୟ ଭୋଟ ଚୋରି ହୋଇଛି। ଏନେଇ କଂଗ୍ରେସ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ ତାହାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱ ଦେଇନାହାନ୍ତି। ଆଗାମୀ ଦିନରେ ଏହି ଫଳାଫଳକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପୁଣିଥରେ ଲୋକଙ୍କ ପାଖକୁ ଯିବୁ।

**– ଭକ୍ତ ଚରଣ ଦାସ, ପ୍ରଦେଶ କଂଗ୍ରେସ କମିଟି ସଭାପତି**

## ଗଣତନ୍ତ୍ରର ହତ୍ୟା ହୋଇଛି



ନୂଆପଡ଼ା ଉପନିର୍ବାଚନରେ ଗଣତନ୍ତ୍ରର ହତ୍ୟା ହୋଇଛି। ସରକାରୀ ଦଳ ଯେପରି ଭାବେ ଦିନ ଦ୍ୱିପ୍ରହରେ ଏବଂ ବୁଥ୍ ସମ୍ମୁଖରେ ଟଙ୍କା ବାଣ୍ଟିଲା, ତାହା ପ୍ରତ୍ୟେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ନିର୍ବାଚନରେ କଂଗ୍ରେସକୁ ବହୁମତ ମିଳି ନ ଥିଲେ ହେଁ ଦ୍ୱିତୀୟ ସ୍ଥାନରେ ରହି ନୂଆପଡ଼ାବାସୀଙ୍କ ସମର୍ଥନ ହାସଲ କରିଛି। କଂଗ୍ରେସ ଯଦି ଅନ୍ୟ ସମସ୍ତ ବାମପନ୍ଥୀ ଦଳ ସହ ହାତ ମିଳାଇଥାନ୍ତା ତେବେ ଅଧିକ ଭୋଟ ପାଇଥାନ୍ତା। ଅନ୍ୟପକ୍ଷେ ଉପନିର୍ବାଚନରେ ଭାଜପା ଯେଉଁ ପରିମାଣର ଟଙ୍କା ଖର୍ଚ୍ଚ କରିଛି, ତାହା ସମସ୍ତେ ଜଣାଅଧିକେ ଜାଣିଛନ୍ତି। ଏହି ନିର୍ବାଚନ ଆଗାମୀ ଦିନରେ ଓଡ଼ିଶା ରାଜନୀତିକୁ ଏକ ନୂଆ ଦିଶା ଦେବ।

**– ଯୁଧିଷ୍ଠିର ମହାପାତ୍ର, ରାଜ୍ୟ ସମ୍ପାଦକ, ସିପିଆଇଏମ୍(ଏଲ୍)**



ଭାଜପା ରାଜ୍ୟ କାର୍ଯ୍ୟାଳୟ ବାହାରେ ଖୁସି ମନାଉଥିବା ଦଳୀୟ ନେତା ଓ ସମର୍ଥକ।








ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ଏବଂ ବିଜେଡି ଶଙ୍ଖ ଭବନ ଖାଁ ଖାଁ।


WE ARE HIRING
Career Point Rayagada is conducting a Walk-in-interview from 16th November 2025 10 A.M. to 5 P.M.
Since : 1993
Business Development Exec (10 pos)
Qualification : B.B.A/M.B.A
Experience : 1-2 years
Counseling (Tele Caller)(2 pos)
Qualification : Graduate/M.B.A
Experience : Experience / Fresher
Manager (2 pos)
Qualification : M.B.A
Experience : 3-5 years
Preferred Language : Eng, Hindi, Odia & Telegu
CAREER POINT
Raniguda Farm, 7th Lane, Near Mangala Mandir, Fire Station Square
Phone No. - 9692828512 / 8144328512 / 7846868512



DSPL-354
Government of India
ବୟନିକା ଦ୍ୱାରା ଆୟୋଜିତ
ରାଜ୍ୟ ହସ୍ତତନ୍ତ ମେଳା
STATE HANDLOOM EXPO
ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆ, RTO ପାଖ, କୋରାପୁଟ
ଶୁଭ ଉଦ୍‌ଘାଟନ
୧୫ ନଭେମ୍ବର ୨୦୨୫
ସମୟ: ସନ୍ଧ୍ୟା ୬.୦୦ ଘଟିକା
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ।
ତା.୧୪.୧୧.୨୦୫ ଠାରୁ ୨୭.୧୧.୨୦୨୫ରିଖ ପର୍ଯ୍ୟନ୍ତ
ସମୟ ପୂର୍ବାହ୍ନ ୧୧.୦୦ ରୁ ରାତ୍ର ୯.୦୦ ପର୍ଯ୍ୟନ୍ତ।
ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ରମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ: ବୟନିକା
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
OIPR-


झारखण्ड सरकार
GOVERNMENT OF JHARKHAND
झारखण्ड 25
अनंत संभावनाओं की ओर
उलगुलान के महानायक
भगवान
बिरसा मुंडा
की 150वीं जयंती पर 25 वर्ष का युवा झारखण्ड धरती आबा को नमन करता है
जोहार
उलिहातू
झारखण्ड के खूंटी स्थित उलिहातू की पहाड़ियों और जंगलों में जन्मा एक ऐसा महानायक, जिसने अपने साहस और संघर्ष से ब्रिटिश शासन को चुनौती दी। वे बिरसा मुंडा थे, जिन्हें उनके अनुयायियों ने धरती आबा भगवान बिरसा मुंडा के रूप में पूजा।
बिरसा मुंडा ने आदिवासियों के अधिकारों के लिए संघर्ष का बिगुल बजाया, उनका उद्देश्य स्पष्ट था। लोगों को उनकी भूमि और अधिकार वापस दिलाना।
बिरसा मुंडा के क्रांतिकारी विचारों से विचलित हो कर ब्रिटिश शासकों ने उन्हें गिरफ्तार कर जेल में डाल दिया गया। जेल में ही 09 जून 1900 को धरती आबा भगवान बिरसा मुंडा शहीद हो गए।
लेकिन उनके उलगुलान का संदेश थमा नहीं। बिरसा मुंडा समेत वीर पुरखों के आदर्शों पर चल कर लंबे संघर्ष और बलिदान के बाद आंदोलनकारियों ने झारखण्ड अलग राज्य का सपना पूरा किया। आज धरती आबा का युवा झारखण्ड हम सभी के समक्ष है।
श्री संतोष कुमार गंगवार
माननीय राज्यपाल, झारखण्ड
श्री हेमन्त सोरेन
माननीय मुख्यमंत्री, झारखण्ड
सूचना एवं जनसंपर्क विभाग, झारखण्ड सरकार
PR 366136 (IPRD) 25-26

GOVERNMENT OF JHARKHAND




Scan and be part of Silver Jubilee celebrations of Jharkhand State !

**CHIEF GUEST**

**Shri Santosh Kumar Gangwar**
Honourable Governor, Jharkhand

**PRESIDED BY**

**Shri Hemant Soren**
Honourable Chief Minister, Jharkhand

Date: 15.11.2025 | Time: 02:00 PM
Event Venue: Morhabadi Maidan, Ranchi

**SPECIAL GUEST**

**Shri K. Raju**
Permanent Invited Member of CWC of AICC and Jharkhand in-charge

**HONORED GUESTS**

**Shri Sanjay Seth** Honourable Minister of State for Defence | **Shri Radha Krishna Kishore** Honourable Minister | **Shri Sanjay Prasad Yadav** Honourable Minister

**Shri Deepak Prakash** Honourable Member of Parliament (Rajya Sabha) | **Smt. Mahua Maji** Honourable Member of Parliament (Rajya Sabha) | **Shri Aditya Prasad Sahu** Honourable Member of Parliament (Rajya Sabha)

**Shri Pradeep Kumar Varma** Honourable Member of Parliament (Rajya Sabha) | **Shri Chandreshwar Prasad Singh** Honourable Member of Legislative Assembly, Jharkhand



Shri Santosh Kumar Gangwar
Honourable Governor, Jharkhand

Shri Hemant Soren
Honourable Chief Minister, Jharkhand

PR 366138 (IPRD) 25-26

Information & Public Relations Department, Jharkhand

# କେନ୍ଦ୍ରାପଡ଼ା ପୋଲିସଙ୍କୁ କେନ୍ଦୁଝରରେ ଆକ୍ରମଣ

■ ମହିଳା କନଷ୍ଟେବଲଙ୍କ ସମେତ ୪ ଆହତ

■ ଜଣେ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ହାଟଡିହୀ(ଶୁଭକାନ୍ତ ନାୟକ)/ ଛେନାପଦି(ନିରାକାର ପରିଡ଼ା), ୧୪।୧୧

ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଆସିଥିବା କେନ୍ଦ୍ରାପଡ଼ା ଜିଲା ସଦର ଥାନା ପୋଲିସଙ୍କୁ କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଅଞ୍ଚଳରେ ଆକ୍ରମଣ କରାଯାଇଛି। ପୋଲିସ ପାଖରୁ ଅଭିଯୁକ୍ତଙ୍କୁ ଛଡ଼ାଇ ନେଇଥିବାବେଳେ ପୋଲିସ କର୍ମଚାରୀଙ୍କ ବେକକୁ ମୋଡ଼ି ତଳେ ପକାଇ ମାଡ଼ ମରାଯାଇଛି। ଆକ୍ରମଣରେ ଜଣେ ମହିଳା କନଷ୍ଟେବଲ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ସଦର ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କୁ ଧରି ଫେରୁଥିବା ବେଳେ ସାହାପୁର-ଜଳଶରପୁର ରାସ୍ତାରେ ପ୍ରାୟ ୨୦ ଜଣ ଦୁର୍ବୃତ୍ତ ପୋଲିସ ଗାଡ଼ିକୁ ଅଟକାଇ ଆକ୍ରମଣ କରିବା ସହ ଅଭିଯୁକ୍ତଙ୍କୁ ଛଡ଼ାଇ ନେଇଥିଲେ। ଏନେଇ କେନ୍ଦ୍ରାପଡ଼ା ସଦର ଥାନା ଇନ୍‌ସ୍ପେକ୍ଟର ବି.ବି. ସାହାଣୀ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ନନ୍ଦିପଦା ପୋଲିସ ଏକ ମମଲା(ନଂ. ୩୬୨/୨୫)ରୁଜୁକରି ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତ ସରୋଜ ନାୟକଙ୍କୁ ସୋଲପଟା ଗ୍ରାମ ନିକଟରୁ କାବୁକରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଏକାଧିକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏସ୍‌ଡିପିଓ ବେହେରା କହିଛନ୍ତି, ନିୟମ ମୁତାବକ ପ୍ରଥମେ ଅଭିଯୁକ୍ତ ଶାଳନିଆଁ ପଞ୍ଚାୟତ ଏଲକଣିଆ ଗ୍ରାମର ଯୋଗେନ୍ଦ୍ର ବେହେରାଙ୍କୁ ନନ୍ଦିପଦା ଥାନାକୁ ଅଣାଯାଇ କେନ୍ଦ୍ରାପଡ଼ା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୁକ୍ତଙ୍କୁ ଧରି କେନ୍ଦ୍ରାପଡ଼ା ପୋଲିସ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଅଭିଯୁକ୍ତ ଯୋଗେନ୍ଦ୍ର ବେହେରାଙ୍କୁ ଛଡାଇ ନେଇ ପୋଲିସ କର୍ମଚାରୀଙ୍କ ବେକକୁ ମୋଡ଼ି ତଳେ ପକାଇ ମାଡ଼ ମାରିଥିଲେ। ଆକ୍ରମଣରେ ଜଣେ ମହିଳା କନଷ୍ଟେବଲଙ୍କ ହାତରେ କ୍ଷତ ହୋଇଛି। ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, କେନ୍ଦ୍ରାପଡ଼ା ପୋଲିସ ଏକ ଠକେଇ ମାମଲାରେ ଏଲକଣିଆ ଗ୍ରାମରୁ ଜଣେ ଅଭିଯୁକ୍ତଙ୍କୁ ଧରି କେନ୍ଦ୍ରାପଡ଼ା ଫେରୁଥିଲେ। ପ୍ରାୟ ୨୦ ଜଣ ଦୁର୍ବୃତ୍ତ କେନ୍ଦ୍ରାପଡ଼ା ପୋଲିସଙ୍କୁ ଆକ୍ରମଣ କରିଥିଲ। ୪ ଜଣ କେନ୍ଦ୍ରାପଡ଼ା ପୋଲିସ ଆହତ ହୋଇ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଥିଲେ। ମୋଟ ୫ ପୋଲିସ କର୍ମଚାରୀ କେନ୍ଦ୍ରାପଡ଼ାରୁ ଆସିଥିଲେ।

## ଗୋଚାଲାଣକାରୀଙ୍କ ଗୁଳିମାଡ଼ରେ ଯୁବକ ଗୁରୁତର

କେନ୍ଦ୍ରାପଡ଼ା, ୧୪।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଗଣ୍ଡାକିଆ ନିକଟସ୍ଥ ନରଣପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଗୋଚାଲାଣକାରୀଙ୍କ ଗୁଳିମାଡ଼ରେ ଯୁବକ ଗୁରୁତର ହୋଇଛନ୍ତି। ଏହି ଯୁବକ ମାର୍ଶାଘାଇ ଥାନା ପସ୍ତା ଗ୍ରାମର ଅକ୍ଷୟ ଦାସ (୩୦)। ତାଙ୍କ ବାମ ଜଙ୍ଘରେ ଗୋଟିଏ ଗୁଳି ବାଜିଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ଏ ସମ୍ପର୍କରେ ଗଣ୍ଡାଖିଆ ଅଞ୍ଚଳର ପ୍ରଶାନ୍ତ ସାମଲ କହିଛନ୍ତି, କେନ୍ଦ୍ରାପଡାରୁ ଗଣ୍ଡାଖିଆ ରାସ୍ତା ଦେଇ ପଟ୍ଟାମୁଣ୍ଡାଇ ଆଡକୁ ପ୍ରତ୍ୟହ ବେଆଇନ ଗୋଚାଲାଣ ହେଉଛି। ଏହାକୁ ଗଣ୍ଡାଖିଆର ଯୁବବର୍ଗ ବିରୋଧ କରୁଛନ୍ତି। ରାତି ପ୍ରାୟ ଗୋଟାଏ ପରେ ଏକ ଟାଟା ଏସ୍‌ଇରେ ଗୋଚାଲାଣ ହେଉଥିବା ଦେଖି କେତେଜଣ ଯୁବକ ଅଟକାଇବାକୁ ଚେଷ୍ଟା କରିଥିଲେ। ଗାଡିଟି ପଳାଇବାର ୧୦ ମିନିଟ୍ ପରେ ଏକ ବୋଲେରୋରେ ୮ରୁ ୧୦ ଜଣ ଯୁବକ ହାତରେ ବନ୍ଧୁକ ଓ ମାରଣାସ୍ତ୍ର ଧରି ଅଟକାଉଥିବା ଯୁବକଙ୍କୁ ଆକ୍ରମଣ ପାଇଁ ଗୋଡାଇଥିଲେ। ଭୟରେ ଯୁବକମାନେ ନରଣପୁର ଗ୍ରାମକୁ ପଳାଇଥିଲେ। ତେବେ ଏହି ଗ୍ରାମର କ୍ଲବ ଘରେ ଶୋଇଥିବା ଅକ୍ଷୟ ହୋହଲ୍ଲା ଶୁଣି ପଦାକୁ ଆସିଥିବାବେଳେ ତାଙ୍କୁ ଲକ୍ଷ୍ୟ କରି ଗୋଚାଲାଣକାରୀ ଗୁଳି ମାରିଥିଲେ।

## ପୋଖରୀରୁ ମିଳିଲା କ୍ଷତବିକ୍ଷତ ମୃତଦେହ

■ଭିଡିଓ ସୁଟିଂ ପାଇଁ ଆସିଥିଲେ

■ହତ୍ୟା ଅଭିଯୋଗ ଆଣିଲେ ପରିବାର

ପରଜଙ୍ଗ, ୧୪।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାମାକ୍ଷାନଗର ଥାନା ମୁକ୍ତାପଶି ଗାଁ ସତ୍‌ସଙ୍ଗ ଘର ପାଖ ପୋଖରୀରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ କାମାକ୍ଷାନଗର ପୋଲିସ ଜବତ କରିଛି। ଉକ୍ତ ଯୁବକଙ୍କୁ କେହି ହତ୍ୟାକରି ପୋଖରୀରେ ଫିଙ୍ଗିଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ଯୁବକ ଜଣଙ୍କ ହେଉଛନ୍ତି ପରଜଙ୍ଗ ଥାନା ସାଆନ୍ଦା ଗ୍ରାମର ରାଜେଶ କୁମାର ପାଣି (ଲୁଲୁ) (୪୩)। ସେ ମୁକ୍ତାପଶି ଗାଁରେ ଏକ ନିର୍ବନ୍ଧ ପାଇଁ ଭିଡିଓ ସୁଟିଂ ଥିବା ତାଙ୍କ ସ୍ତ୍ରୀଙ୍କୁ କହି ଗୁରୁବାର ଘରୁ ବାହାରିଥିଲେ। ସେ ଘରୁ ବାହାରିବା ବେଳେ ଏକ ରିଲ୍ସ କରି ବାହାରିଥିଲେ। ପରେ ରିଲ୍ସକୁ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଅପ୍‌ଲୋଡ଼ କରିଥିଲେ। ମାତ୍ର ଗୁରୁବାର ଅପରାହ୍ନରେ ତାଙ୍କ ମୋବାଇଲ ସୁଇଚଅଫ୍ ଦେଖାଇଥିଲା। ପରିବାର ଲୋକେ ସନ୍ଧ୍ୟାରେ ମୁକ୍ତାପଶି ଗାଁରେ ଖୋଜାଖୋଜି କରିଥିଲେ ସୁଦ୍ଧା ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ମୃତଦେହ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପୋଖରୀ ହୁଡ଼ାରେ ବାଇକ୍ ଓ ଚପଲ ଥୁଆହୋଇଥିବା ବେଳେ ବେଳେ ତାଙ୍କ କ୍ୟାମେରା କିନ୍ତୁ ନଥିଲା। ସେ ପିନ୍ଧିଥିବା ସୁନାମୁଦି, ଚେନ୍, ମୋବାଇଲ ମିଳିନାହିଁ। କାମାକ୍ଷାନଗର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରିଥିଲେ। ରାଜେଶଙ୍କ ଶରୀରରେ କ୍ଷତ ଚିହ୍ନ ରହିଥିବା ବେଳେ ରକ୍ତ ବାହାରୁଥିଲା। କାମାକ୍ଷାନଗର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କାମାକ୍ଷାନଗର ଚିକିତ୍ସାଳୟକୁ ପଠାଇଛନ୍ତି। ଜିଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି। ତାଙ୍କୁ ଭିଡିଓ ସୁଟିଂ ଥିବା ମିଥ୍ୟା କହି କେହି ଯୋଜନାବଦ୍ଧ ଭାବେ ହତ୍ୟାକରି ପୋଖରୀରେ ଫିଙ୍ଗି ଦେଇଥିବା ତାଙ୍କ ଶଳା ସାଆନ୍ଦା ଫାଣ୍ଡି ଅଧୀନ ଭେରୁଣିଆ ଗ୍ରାମର ଅରଜିତ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି।



ରାଜେଶ କୁମାର ପାଣି (ଫାଇଲ୍ ଫଟୋ)

## ଶିକାରୀ ଗିରଫ, ମାରଣାସ୍ତ୍ର ସହ ବିସ୍ଫୋରକ ଦ୍ରବ୍ୟ ଜବତ

ନୀଳଗିରି, ୧୪।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱରଜିଲାନୀଳଗିରିଉପଖଣ୍ଡଅଧୀନକୁଲଡ଼ିହାଅଭୟାରଣ୍ୟରୁ ପୁଣି ଜଣେ ଶିକାରୀଙ୍କୁ ଧରାଇଦେଲା ଟ୍ରାପ୍ କ୍ୟାମେରା। ଶିକାରୀଙ୍କ ନିକଟରୁ ବହୁ ମାରଣାସ୍ତ୍ର ସହ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି।

ଶୁକ୍ରବାର କୁଲଡ଼ିହା ରେଞ୍ଜର ସୁବ୍ରତ କୁମାର ବେହେରା ଟ୍ରାକିଂ କ୍ୟାମେରାରେ ଶିକାରୀଙ୍କ ଫଟୋ ଉଠିଥିବା ବେଳେ ବନବିଭାଗର ରୁଟିନ ଚେକ୍ ସମୟରେ ଘଟଣା ଜଣାପଡ଼ିଥିଲା। ଶିକାରୀଙ୍କୁ ଗିରଫ କରାଯାଇ ୨ଟା ବିସ୍ଫୋରକ ବୋମା, ୨ଟା ଭଙ୍ଗା ଟ୍ରାପ୍ କ୍ୟାମେରା, କଟୁରୀ ଆଦି ଜବତ କରାଯାଇଛି। ଗିରଫ ଶିକାରୀ ହେଲେ ସିଆଡ଼ିମାଳ ପଞ୍ଚାୟତ ସିନ୍ଦୁରିଆ ଗ୍ରାମର ଗୋବିନ୍ଦ ସିଂଙ୍କ ପୁଅ ରବୀନ୍ଦ୍ର (୧୯)। ଏନେଇ ଏକ ମାମଲା (ନଂ. ୧୨କେ/୨୦୨୫-୨୬) ରୁଜୁ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଜେଲରେ ୮ ଅଭିଯୁକ୍ତଙ୍କ ଟିଆଇ ପରେଡ୍ ଆଜି

ବ୍ରହ୍ମପୁର,୧୪।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୮ ଜଣଙ୍କ ଟିଆଇ ପରେଡ କରାଯିବ। ଶାର୍ପ ଶୁଟର କୁରୁପତି ଭୂୟାଁ, ସହଯୋଗୀ ଟିଣ୍ଟୁ ପ୍ରଧାନ, ବିହାରର ଶିଶୁପାଳ ପାଶ୍ୱାନ ଓ କୁନ୍ଦନ କୁମାର, ହତ୍ୟା ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସୀମାଞ୍ଚଳ ନାୟକ ଏବଂ ବିପିନ ସ୍ୱାଇଁଙ୍କ ଟିଆଇ ପରେଡ କରିବା ପାଇଁ ଅନୁମତି ଦେବାକୁ ମାମଲାର ତଦନ୍ତ ଅଧିକାରୀ ତଥା ବ୍ରହ୍ମପୁର ଟାଉନ୍ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଏସ୍‌ଡିଜେଏମ୍ କୋର୍ଟଙ୍କୁ ଅନୁମତି ମାଗିଥିଲେ। ଏଥିପାଇଁ କୋର୍ଟ ଅନୁମତି ଦେଇ ସାରିଥିବା ବେଳେ ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ୮ ଅଭିଯୁକ୍ତଙ୍କ ଟିଆଇ ପରେଡ ହେବ ବୋଲି କୋର୍ଟ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ପୀତବାସ ହତ୍ୟା ମାମଲାରେ ବୈଦ୍ୟନାଥପୁର ଥାନା ପୋଲିସ ମୋଟ ୧୬ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ଗିରଫ କରିଛି। ଏହି ୧୬ ଜଣଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ବିଜେଡି ନେତା ମଦନ ଦଳେଇ, କର୍ପୋରେଟର ମଳୟ ବିଷୋୟୀ ରହିଛନ୍ତି। ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣମୀ ରାତିରେ ପୀତବାସଙ୍କୁ ତାଙ୍କ ଘର ପାଖରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା। ଅଭିଯୁକ୍ତ କୁରୁପତି ଓ ଟିଣ୍ଟୁ ଏକ ବାଇକରେ ବୈକୁଣ୍ଠନଗର ଅଞ୍ଚଳକୁ ଯାଇ ତାଙ୍କୁ ଗୁଳି କରିଥିଲେ। ଅଭିଯୁକ୍ତଦ୍ୱୟ କ୍ରାଇମ୍ ସିନ୍ ରିକ୍ରିଏଶନ ବେଳେ ସେମାନେ ପୀତବାସଙ୍କୁ କିପରି ହତ୍ୟା କରିଥିଲେ ପୋଲିସକୁ ଦେଖାଇଥିଲେ।

## ପୀତବାସ ହତ୍ୟା ମାମଲା

### ବିକ୍ରମଙ୍କ ପକ୍ଷରୁ ଦାଖଲ ୩ ପିଟିଶନ ଖାରଜ

ସେପଟେ ପୀତବାସ ହତ୍ୟା ମାମଲାରେ ଶୁକ୍ରବାର ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ୩ଟି ପିଟିଶନର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏସ୍‌ଡିଜେଏମ୍ ଉକ୍ତ ପିଟିଶନଗୁଡିକର ଶୁଣାଣି କରି ଖାରଜ କରି ଦେଇଥିବା କ୍ୟାଡର୍ ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। ପୀତବାସ ହତ୍ୟା ମାମଲାରେ ଗିରଫ ହୋଇଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ତରଫରୁ କୋର୍ଟରେ ୨ ଜଣ ଓକିଲ ୩ଟି ପିଟିଶନ କରିଥିଲେ। ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ କରିଥିବା ପିଟିଶନରେ ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ସମ୍ବିଧାନର ଧାରା-୨୨କୁ ଉଲ୍ଲଂଘନ କରାଯାଇଥିବା ଦର୍ଶାଇଥିଲେ। ସେହିପରି ଆଇନଜୀବୀ କେ.କେ. ବେହେରା ୨ଟି ପିଟିଶନ ଦାଖଲ କରିଥିଲେ। ବିକ୍ରମଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ନାହିଁ, ତେଣୁ ବ୍ୟକ୍ତିଗତ ବଣ୍ଡରେ ତାଙ୍କୁ ଛଡ଼ାଯାଉ ବୋଲି ନିବେଦନ କରିଥିଲେ। ୩ ପିଟିଶନର ଶୁଣାଣି ପରେ ଏସଡିଜେଏମ ତାହାକୁ ଖାରଜ କରି ଦେଇଛନ୍ତି।

## ବାପାଙ୍କୁ ଆକ୍ରମଣ, ଡକାୟତି ମାମଲାରେ ପୁଅଙ୍କୁ ୮ ବର୍ଷ ଜେଲ

ତାଳଚେର,୧୪।୧୧(ମନୋଜ ନନ୍ଦ)

ବାପା ଓ ପରିବାରର ଅନ୍ୟମାନଙ୍କୁ ଆକ୍ରମଣ କରିଘରୁଡକାୟତିକରିଥିବା ପୁଅ ବିରୋଧରେ ହୋଇଥିବା ଏକ ମାମଲାର ଶୁଣାଣି କରି ତାଳଚେର କୋର୍ଟର ସହକାରୀ ଦେୱାନୀ ବିଚାରପତି ସ୍ୱର୍ଣ୍ଣଲତା ନାୟକ ଅଭିଯୁକ୍ତ ରଞ୍ଜିତ କୁମାର ସାହୁଙ୍କୁ ୮ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୩ ଫେବୃୟାରୀ ୨ରେ ଏତଲାକାରୀ ବିନୋଦ ଚନ୍ଦ୍ର ସାହୁ ବଲଣ୍ଡାସ୍ଥିତ ବାସଭବନରେ ଥିବାବେଳେ ପୁଅ ରଞ୍ଜିତ ଘରେ ଡକାୟତି କରିବା ବେଳେ ବାପା ବିନୋଦ, ମା' କୁନି ସାହୁ ଓ ବୋହୂ ସୁଜାତା ସାହୁଙ୍କୁ ଆକ୍ରମଣ କରି ଆଲମିରାରୁ ୧୦ ହଜାର ଟଙ୍କା ନେଇ ପଳାଇଥିଲେ। କଲିୟାରୀ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ରଞ୍ଜିତଙ୍କୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଗିରିଜା ଶଙ୍କର ମିଶ୍ର ମାମଲା ପରିଚାଳନା କରିଥିଲେ।

## ବଳାତ୍କାର ପୀଡ଼ିତାଙ୍କୁ ଧମକ

### ଅଭିଯୋଗ ନ ରଖିବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ

ଢେଙ୍କାନାଳ,୧୪।୧୧(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଜାନୁଆରୀ ୧୫ରେ ଉକ୍ତ ଗାଁର ଜଣେ ଯୁବକ ବଳପୂର୍ବକ ଜଙ୍ଗଲ ଭିତରକୁ ନେଇ ବଳାତ୍କାର କରିଥିଲେ। ପ୍ରତିବାଦ କରିବାରୁ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଅକ୍ଟୋବର ୨୫ରେ ପୀଡ଼ିତାଙ୍କର ଏକ କନ୍ୟା ସନ୍ତାନ ଜନ୍ମହେବା ପରେ ତା'ର ମୃତ୍ୟୁ ଘଟିଥିଲା। ଏହି ଖବର ଜାଣିବା ପରେ ଅଭିଯୁକ୍ତ ନଭେମ୍ବର ୫ରେ ଆସି ପୁଣି ଧମକଚମକ ଦେଇଥିବା ପୀଡ଼ିତା ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ସେ କାମାକ୍ଷାନଗର ଥାନାରେ ଅଭିଯୋଗ କରିବାରୁ ସେଠାରେ କାର୍ଯ୍ୟରତ ଜଣେ ମହିଳା ପୋଲିସ ତାଙ୍କର ଅଭିଯୋଗ ନ ରଖି ୫ଦିନ ପରେ ଆସିବ ଓ ଆମ କଥା ବୁଝିବ ବୋଲି କହିବାରୁ ସେ ନିରାଶ ହୋଇ ଫେରିଥିଲେ। ପରେ ସାମାଜିକ କର୍ମୀ ସସ୍ମିତା ଦାସଙ୍କ ସହଯୋଗରେ ଶୁକ୍ରବାର ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଘଟଣାରେ ହସ୍ତକ୍ଷେପ କରି ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ତୁରନ୍ତ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ କାମାକ୍ଷାନଗର ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ୩୦% ଶକ୍ତି ଚାହିଦା ପୂରଣ କରୁଛି ଓପିଜିସି





### ଓପିଜିସିର ୪୨ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୧୪।୧୧(ଅନୁରାଧା ମହାରଣା)

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍(ଓପିଜିସି) ପକ୍ଷରୁ ଏହାର ୪୨ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଏକ ହୋଟେଲରେ ଶୁକ୍ରବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓପିଜିସିର ଏମ୍‌ଡି କେଦାର ରଞ୍ଜନ ପାଣ୍ଡୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଓପିଜିସିର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସେ କହିଥିଲେ, ଓପିଜିସି ପ୍ରତିଷ୍ଠା ପରଠାରୁ ରାଜ୍ୟରେ ଶକ୍ତି ଚାହିଦା ପୂରଣ ପାଇଁ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛି। ଏହାର ୟୁନିଟ୍‌ଗୁଡ଼ିକର ଆଧୁନିକରଣ ଏବଂ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଶକ୍ତି ବିଭାଗ ସଚିବ ତଥା ଓପିଜିସି ଲିମିଟେଡ୍‌ର ଅଧ୍ୟକ୍ଷ ବିଶାଳ ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟରେ ବିଜୁଳି ଚାହିଦା ପୂରଣ ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ସମୟକୁ ତାଳଦେଇ କମ୍ପାନୀ ନିଜର ସ୍ଥିତି ସୁଦୃଢ଼ କରୁଥିବାବେଳେ ରାଜ୍ୟର ୩୦% ଚାହିଦା ପୂରଣ କରୁଛି। ଓପିଜିସି ଆଗାମୀ ଦିନରେ ଶ୍ରେଷ୍ଠ ୧୦ ପିଏସ୍‌ୟୁ ମଧ୍ୟରେ ସ୍ଥାନ ପାଇବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରୀଡ୍‌କୋର ଏମ୍‌ଡି ସତ୍ୟପ୍ରିୟ ରଥ ଯୋଗଦେଇ ଉତ୍ତମ ଗୁଣବତ୍ତାଯୁକ୍ତ ବିଜୁଳି ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଓପିଜିସିର ନିର୍ଦ୍ଦେଶକ (ବିତ୍ତ) ଗଗନ ବିହାରି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୭ ମାସର ନିମ୍ନତମ ସ୍ତରକୁ ଖସିଲା ମୁଦ୍ରାସ୍ଫୀତି

ଭୁବନେଶ୍ୱର,୧୪।୧୧

ଡାଲି ଏବଂ ପନିପରିବା ଭଳି ଖାଦ୍ୟପଦାର୍ଥର ମୂଲ୍ୟ ହ୍ରାସ ସହିତ ଇନ୍ଧନ ଏବଂ ଉତ୍ପାଦିତ ବସ୍ତୁଗୁଡ଼ିକର ମୂଲ୍ୟରେ ନମନିୟତା ଯୋଗୁ ହୋଲ୍‌ସେଲ ମୁଦ୍ରାସ୍ଫୀତି ଅକ୍ଟୋବରରେ ହ୍ରାସ ପାଇଛି ଏବଂ ଏହା ୨୭ ମାସର ନିମ୍ନତମ ସ୍ତରରେ ଶୂନ୍ୟରୁ ନିମ୍ନରେ -୧.୨୧ ପ୍ରତିଶତରେ ରହିଛି। ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ (ଡବ୍ଲୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ୦.୧୩ ପ୍ରତିଶତ ଏବଂ ଅକ୍ଟୋବର ୨୦୨୪ରେ ୨.୭୫ ପ୍ରତିଶତ ଥିଲା। ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଅକ୍ଟୋବର ୨୦୨୫ରେ ମୁଦ୍ରାସ୍ଫୀତିରେ ହ୍ରାସର ମୁଖ୍ୟ କାରଣ ଖାଦ୍ୟ ପଦାର୍ଥ, ପ୍ରାକୃତିକ ଗ୍ୟାସ୍, ବିଦ୍ୟୁତ୍, ଖଣିଜ ତୈଳ, ମୂଳ ଧାତୁର ଉତ୍ପାଦନ ଆଦିର ମୂଲ୍ୟରେ ନରମତା ରହିଛି। ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କର ତଥ୍ୟ ଅନୁଯାୟୀ, ଖାଦ୍ୟ ପଦାର୍ଥର ମହଙ୍ଗା ଦର ସେପ୍ଟେମ୍ବରରେ ୫.୨୨ ପ୍ରତିଶତରୁ ଅକ୍ଟୋବରରେ -୮.୩୧ ପ୍ରତିଶତକୁ ହ୍ରାସ ପାଇଛି। ପିଆଜ, ଆଳୁ, ପନିପରିବା ଏବଂ ଡାଲିର ମୂଲ୍ୟରେ ହ୍ରାସ ଦେଖାଯାଇଛି। ପନିପରିବାର ମହଙ୍ଗା ଦରରେ ଅକ୍ଟୋବରରେ -୩୪.୯୭ ପ୍ରତିଶତର ହ୍ରାସ ହୋଇଛି। ସେପ୍ଟେମ୍ବରରେ ଏହା -୨୪.୪୧ ପ୍ରତିଶତ ଥିଲା। ଡାଲିରେ ଅକ୍ଟୋବରରେ -୧୬.୫୦ ପ୍ରତିଶତର ହ୍ରାସ ପରିଲକ୍ଷିତ ହୋଇଛି। ଆଳୁ ଏବଂ ପିଆଜରେ ଏହା ଯଥାକ୍ରମେ -୩୯.୮୮ ପ୍ରତିଶତ ଏବଂ -୬୫.୪୩ ପ୍ରତିଶତ ରହିଛି। ଉତ୍ପାଦିତ ଉତ୍ପାଦଗୁଡ଼ିକର କ୍ଷେତ୍ରରେ ମୁଦ୍ରାସ୍ଫୀତି ସେପ୍ଟେମ୍ବରର ୨.୩୩ ପ୍ରତିଶତରୁ ହ୍ରାସ ପାଇ ୧.୫୪ ପ୍ରତିଶତକୁ ହୋଇଯାଇଛି। ଇନ୍ଧନ ଏବଂ ବିଦ୍ୟୁତ୍ ମୂଲ୍ୟ ଅକ୍ଟୋବରରେ -୨.୫୫ ପ୍ରତିଶତ ହ୍ରାସ ପାଇଛି। ପୂର୍ବ ମାସରେ ଏହାରେ -୨.୫୮ ପ୍ରତିଶତର ହ୍ରାସ ହୋଇଥିଲା। ଇଣ୍ଡିଆ ରେଟିଂସ୍ ଆଣ୍ଡ ରିସର୍ଚ୍ଚ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପାରସ ଜସରାୟ କହିଛନ୍ତି, 'ଆର୍ଥିକ ବର୍ଷ ୨୦୨୫-୨୬ର ବାକି ସମୟରେ ଅନୁକୂଳ ତୁଳନାତ୍ମକ ଆଧାର ଯୋଗୁ ହୋଲ୍‌ସେଲ ମୁଦ୍ରାସ୍ଫୀତିରେ ହ୍ରାସର ଧାରା ଜାରି ରହିବାର ଆଶା ରହିଛି। ଏପରି ପରିସ୍ଥିତିରେ ଇଣ୍ଡିଆ ରେଟିଂସ୍ ଅନୁମାନ କରିଛି, ୨୦୨୫ ନଭେମ୍ବରରେ ହୋଲ୍‌ସେଲ ମୁଦ୍ରାସ୍ଫୀତିରେ ହ୍ରାସ ୧ ପ୍ରତିଶତରୁ କମ ରହିବ। ସାମଗ୍ରୀ ଏବଂ ସେବା କର (ଜିଏସ୍‌ଟି)ର ଦରରେ ୨୨ ସେପ୍ଟେମ୍ବରରୁ ପ୍ରଭାବୀ ହ୍ରାସ ପରେ ଡବ୍ଲୁପିଆ ଆଧାରିତ ମୁଦ୍ରାସ୍ଫୀତିରେ ଆଶାନୁରୂପ ହ୍ରାସ ହୋଇଛି।

## ଖଣ୍ଡଗିରିରେ ଚାନ୍ଦିଭଣ୍ଡାରର ୨୫ତମ ଷ୍ଟୋର





■ଗହଣା, କଳାକୃତିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି

■'ୱେଡିଂ ଷ୍ଟୋରିଜ୍' କ୍ୟାମ୍ପେନ୍ ଆରମ୍ଭ

ଭୁବନେଶ୍ୱର,୧୪।୧୧(ଅନୁରାଧା ମହାରଣା)

ଚାନ୍ଦିଭଣ୍ଡାରର ୨୫ତମ ଷ୍ଟୋର ଭୁବନେଶ୍ୱରର ଖଣ୍ଡଗିରିରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଖଣ୍ଡଗିରି ପାହାଡ଼ ରାସ୍ତାରେ ୨୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ନୂଆ ଷ୍ଟୋର୍ ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ରୁପା ଗହଣା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ଐତିହ୍ୟ ସହ ଆଧୁନିକତାକୁ ଯୋଡ଼ି ବିଭିନ୍ନ ପ୍ରକାର ଗହଣା ସହିତ ଉପହାର ସାମଗ୍ରୀ ଉପଲବ୍ଧ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ ଓ ନିର୍ଦ୍ଦେଶକ ମାଣିକ ହଂସ ଷ୍ଟୋରରେ ଉପଲବ୍ଧ ସମସ୍ତ ଉତ୍ପାଦ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ନୂଆ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ଗହଣା, କଳାକୃତିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଥିଲା। ନଭେମ୍ବର ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଫର ଲାଗୁ ହେବ। ସେହିପରି ବିବାହ ଋତୁକୁ ଦୃଷ୍ଟିରେ ରଖି ଚାନ୍ଦ ଭଣ୍ଡାର ପକ୍ଷରୁ 'ୱେଡିଂ ଷ୍ଟୋରିଜ୍' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ସୂଚନା ଥାଉକି, ଷ୍ଟୋରରେ ମହିଳାମାନଙ୍କ ପାଇଁ ଅକ୍ସିଡାଇଜ୍‌ଡ ଏବଂ ଜିର୍‌କନ୍‌ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ଆଙ୍କ୍‌ଲେଟ୍‌ର ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ଉପଯୋଗୀ ହୋଇପାରିବ। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ ରହିଛି। ଏହି କଲେକ୍ସନରେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍‌ସ କଲେକ୍ସନ 'ଟ୍ରେଜର୍ସ' କୁ ଗ୍ରାହକଙ୍କ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।

# Business

## ଛାତ୍ରଙ୍କ ପାଇଁ ନୂଆ ପ୍ଲାନ୍ ଆଣିଲା ବିଏସ୍‌ଏନ୍‌ଏଲ୍

ଭୁବନେଶ୍ୱର,୧୪।୧୧

ଭାରତର ସରକାରୀ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଶିଶୁ ଦିବସ ଅବସରରେ ଛାତ୍ରଙ୍କ ପାଇଁ ବିଶେଷ ୨୫୧ ଷ୍ଟୁଡେଣ୍ଟ ପ୍ଲାନ୍ ଲଞ୍ଚ କରିଛି। ଏହି ଅଫର ନଭେମ୍ବର ୧୪ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ପ୍ଲାନ୍‌ରେ ୧୦୦ଜିବି ହାଇ-ସ୍ପିଡ୍ ଡାଟା, ଅନ୍‌ଲିମିଟେଡ୍ ଭଏସ୍ କଲିଂ, ପ୍ରତିଦିନ ୧୦୦ ଏସ୍‌ଏମ୍‌ଏସ୍ ଏବଂ ୨୮ ଦିନର ଭାଲିଡିଟି ସୁବିଧାରହିଛି । ଅନ୍‌ଲାଇନ କ୍ଲାସ୍, ନୋଟସ୍ ଡାଉନଲୋଡ୍, ଭିଡିଓ ଲେକ୍‌ଚର ବା ପ୍ରୋଜେକ୍ଟ ସବ୍‌ମିଶନ ପାଇଁ ଏହା ବିଶେଷ ଉପଯୋଗୀ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଘରୋଇ କମ୍ପାନୀଗୁଡ଼ିକ ଏଭଳି ମୂଲ୍ୟରେ ଏତେ ସୁବିଧା ଦିଅନ୍ତି ନାହିଁ। ବିଏସ୍‌ଏନ୍‌ଏଲ୍ ସିଏମ୍‌ଡି ଏ. ରବର୍ଟ ଜେ. ରବି କହିଛନ୍ତି, ଦେଶରେ ମେକ୍ ଇନ୍ ଇଣ୍ଡିଆ ୪ଜି ନେଟ୍‌ୱର୍କ ସଂପୂର୍ଣ୍ଣ କାର୍ଯ୍ୟକାରୀ ହୋଇଛି।

## ୧୭ରୁ ଖୋଲିବ ଆଇସିଏଲ୍ ଫିନ୍‌କର୍ପର ନୂଆ ଏନ୍‌ସିଡି ଇସ୍ୟୁ





ଭୁବନେଶ୍ୱର,୧୩।୧୧

ଆଇସିଏଲ୍ ଫିନ୍‌କର୍ପ ଲିମିଟେଡ୍ ତା'ର ନୂଆ ସୁରକ୍ଷିତ ରିଡିମେବଲ ନନ୍-କନ୍‌ଭର୍ଟିବଲ ଡିବେଞ୍ଚର (ଏନ୍‌ସିଡି) ପବ୍ଲିକ୍ ଇସ୍ୟୁକୁ ନଭେମ୍ବର ୧୭ରୁ ଖୋଲିବ। ଏହି ଇସ୍ୟୁରେ ୧୨.୬୨% ପର୍ଯ୍ୟନ୍ତ ଲାଭଦାୟକ ରିଟର୍ନ ମିଳିବ। ପୂର୍ବ ଏନ୍‌ସିଡି ଇସ୍ୟୁଗୁଡ଼ିକରେ ମିଳିଥିବା ଉଲ୍ଲେଖନୀୟ ସଫଳତା ପରେ କମ୍ପାନୀ ନିବେଶକମାନଙ୍କୁ ଆହୁରି ମଜଭୁତ ଆର୍ଥିକ ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କୁହାଯାଇଛି। ଏହି ଇସ୍ୟୁ ନଭେମ୍ବର ୨୮ ପର୍ଯ୍ୟନ୍ତ ଖୋଲା ରହିବ ଏବଂ ଏହାକୁ କ୍ରିସିଲ ରେଟିଂ ଭାବେ ସିଆର୍‌ଆଇଏସ୍‌ଆଇଏଲ୍ ବିବିବି-/ଷ୍ଟେବଲ ପ୍ରଦାନ କରାଯାଇଛି। ପ୍ରତ୍ୟେକ ଏନ୍‌ସିଡିର ଫେସ୍ ଭାଲ୍ୟୁ ୧,୦୦୦ ଏବଂ ଇସ୍ୟୁରେ ୧୦ଟି ବିକଳ୍ପ ରହିଛି। ଟେନର୍ ୧୩, ୨୪, ୩୬, ୬୦ ଓ ୭୦ ମାସ ପର୍ଯ୍ୟନ୍ତ ରହିବା ସହ ମାସିକ, ବାର୍ଷିକ ଓ କ୍ୟୁମୁଲେଟିଭ ସୁଧ ବିକଳ୍ପ ଉପଲବ୍ଧ। ସୁଧ ହାର ୧୦.୫୦%ରୁ ୧୨.୬୨% ପର୍ଯ୍ୟନ୍ତ ରହିଛି। ସର୍ବନିମ୍ନ ଆବେଦନ ରାଶି ୧୦,୦୦୦ ରହିଛି।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର କୃଷିଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ





ଭୁବନେଶ୍ୱର,୧୪।୧୧

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଧଉଳି ଛକସ୍ଥିତ ରୁଚିକା କନ୍‌ଭେନ୍‌ସନଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ସମ୍ଭାବ୍ୟ ଗ୍ରାହକଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ କୃଷି ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ। ବ୍ୟାଙ୍କ ପ୍ରତିଯୋଗିତାମୂଳକ ସୁଧହାର ସହ ସେଣ୍ଟ ପଲ୍ଟ୍ରି ଯୋଜନା, ସେଣ୍ଟ ଫୁଡ୍ ପ୍ରୋସେସିଂ ଯୋଜନା, ସେଣ୍ଟ କୋଲ୍ଡ ଷ୍ଟୋରେଜ୍ ଯୋଜନା, ସେଣ୍ଟ ଏସ୍‌ଏଚ୍‌ଜି-ଏନ୍‌ଆର୍‌ଏଲ୍‌ଏମ୍ ଯୋଜନା ଏବଂ ସେଣ୍ଟ ସୋଲାର ପିଏମ୍ କୁସୁମ ଯୋଜନା ଭଳି ଲାଭଦାୟକ ଯୋଜନା ପ୍ରଦାନ କରୁଛି। ପ୍ରଧାନମନ୍ତ୍ରୀ ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରିବା ଏବଂ କୃଷି ଉଦ୍ୟୋଗୀଙ୍କ ସର୍ବାଙ୍ଗୀନ ବିକାଶ କରିବା ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି ବ୍ୟାଙ୍କ ସୁଲଭ କୃଷିଋଣ ସୁବିଧା ପ୍ରଦାନ କରିବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ବ୍ଲକ୍ ପଞ୍ଚାୟତିରାଜ ବିଭାଗ ଓଡ଼ିଶା ସରକାରଙ୍କ ସହାୟକ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ବିଶ୍ୱାଳ, ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର, ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ, ମୁଖ୍ୟ ପ୍ରବନ୍ଧକ ପ୍ରିୟମ୍ବଦା ନାୟକ, ଉତ୍ତରା ଛକ ଶାଖା ପ୍ରବନ୍ଧକ ମାମାଲିନ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମଶାଣିଆ ରେଳବାଇ ଫାଟକରୁ ମେରାମଣ୍ଡଳୀ ପର୍ଯ୍ୟନ୍ତ ଅଣ୍ଡରପାସ୍ ଦାବି

**ଢେଙ୍କାନାଳ,୧୪।୧୧(ରତନ ନାୟାର)**



ଢେଙ୍କାନାଳ ଜିଲା ଓଡ଼ାପଢ଼ା ବ୍ଲକ ଖଡ଼ଗପ୍ରସାଦ ପଞ୍ଚାୟତ ମଶାଣିଆ ରେଳବାଇ ଫାଟକକୁ ମେରାମଣ୍ଡଳୀ ପର୍ଯ୍ୟନ୍ତ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ସ୍ଥାନୀୟ ପଞ୍ଚାୟତଗୁଡ଼ିକର ସରପଞ୍ଚ ଓ ଗ୍ରାମବାସୀ ଜିଲାପାଳଙ୍କୁ ଶୁକ୍ରବାର ଲିଖିତ ଭାବେ ଦାବି କରିଛନ୍ତି । ଅଭିଯୋଗରୁ ଜଣାପଡ଼ିଛି ଯେ, ମଶାଣିଆ ରେଳବାଇ ଫାଟକରେ ଗୋଟିଏ ଆପ୍ରୋଚ୍ ରୋଡ୍ ରହୁଥିବାରୁ ଖଡ଼ଗପ୍ରସାଦ ଓ କୁସୁପଙ୍ଗା ଗ୍ରାମପଞ୍ଚାୟତର ଲୋକମାନେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ଅଞ୍ଚଳର ପ୍ରାୟ ୨ହଜାର ଛାତ୍ରୀଛାତ୍ର ବ୍ରାହ୍ମଣୀ ପବ୍ଲିକ ସ୍କୁଲ ନିକଟସ୍ଥ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢୁଥିବା ବେଳେ ପ୍ରାୟ ୨୫ହଜାର ଜନସାଧାରଣ ପ୍ରତିଦିନ ସହରାଞ୍ଚଳକୁ ନିଜର ଜୀବନଜୀବିକା ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଯିବାଆସିବା କରିଥାନ୍ତି। ଉକ୍ତ ଫାଟକରେ ପ୍ରାୟ ୧୫୦ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ୍ ଯିବାଆସିବା କରୁଥିବାରୁ ପ୍ରତି ୧୫ମିନିଟ୍‌ରେ ରେଳ ଫାଟକ ବନ୍ଦ ରହୁଛି । ପୁଣି ଅଧିକ ଦୁଇଟି ଲାଇନ ନିର୍ମିତ ହୋଇଥିବାରୁ ଆଗକୁ ଏହି ସମସ୍ୟା ବଢିବାର ସମ୍ଭାବନା ରହିଛି । ତେଣୁ ଗ୍ରାମଗୁଡ଼ିକୁ ସୁରକ୍ଷିତ ଭାବେ ସିଧାସଳଖ ଗମନାଗମନାର ସୁବିଧା, କୃଷିଜାତ ପରିବହନ ପାଇଁ ସିଧାସଳଖ ବ୍ୟବସ୍ଥା, ସାମାଜିକ ଓ ଅର୍ଥନୀତିର ବିକାଶରେ ସହଯୋଗ ଏବଂ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ମାର୍କେଟ ଅଞ୍ଚଳର ଉନ୍ନତୀକରଣ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଥିବା ବେଳେ ତୁରନ୍ତ ଉକ୍ତ ଅଞ୍ଚଳର ମଶାଣିଆ ରେଳବାଇ ଫାଟକଠାରୁ ମେରାମଣ୍ଡଳୀ ପର୍ଯ୍ୟନ୍ତ ଏକ ଅଣ୍ଡରପାସ୍ ନିର୍ମାଣ କରିବାକୁ ଦାବି କରିଛନ୍ତି । ସେହିପରି ବିଆରଜି ଛକ ଇଟାପଠାରେ ୫୫ନଂ ଜାତୀୟ ରାଜପଥରେ ଏକ ଟୋଲ ଗେଟ୍ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଯାନବାହନଗୁଡ଼ିକରୁ ଏହି ଟୋଲ୍‌ଗେଟ୍‌ରେ ପ୍ରତିଥର ଯିବା ଆସିବାରେ ଟୋଲ ଫି' ଆଦାୟ ହେଉଛି । ସ୍ଥାନୀୟ ଅଞ୍ଚଳର ଭାରିଯାନଠାରୁ ଆରମ୍ଭ କରି ଅନ୍ୟାନ୍ୟ ଯାନବାହନଗୁଡ଼ିକ ନିକଟବର୍ତ୍ତୀ ଶିକ୍ଷାନୁଷ୍ଠାନକୁ ଯାତାୟତ କରୁଥିବାରୁ ସେମାନଙ୍କଠାରୁ ଟୋଲ୍ ଫି' ଆଦାୟ କରୁଥିବାରୁ ଏକ ପ୍ରମୁଖ ସମସ୍ୟା ହୋଇଛି । ତେଣୁ ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ସମସ୍ୟାକୁ ନେଇ ଖଡଗପ୍ରସାଦ ସରପଞ୍ଚ ସାବିତ୍ରୀ ଦଳେଇ, ମଙ୍ଗଳପୁର ସରପଞ୍ଚ କାନନବାଳା ରାଉତ, ଶିବପୁର ସରପଞ୍ଚ ମାନସୀ ମହାଖୁଡ, ବିଡୋ ସରପଞ୍ଚ ପ୍ରବାସୀ ନାୟକ, ମଙ୍ଗଳପୁର ସରପଞ୍ଚ ଅନିତା ନାୟକ, ମୋଟଙ୍ଗା ସରପଞ୍ଚ ପୁଷ୍ପଲତା ବେହେରା, ବୁଢାପଙ୍କ ସରପଞ୍ଚ ଝିଲି ବେହେରାଙ୍କ ସମେତ ବହୁ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିଥିଲେ ।

# ସମବାୟ ସମିତିରେ ୨୫ ସାମଗ୍ରୀର ବାଣିଜ୍ୟ କେନ୍ଦ୍ର ହେବ: ମନମୋହନ

**ଭୁବନେଶ୍ୱର, ୧୪।୧୧ (ସୁନିତ୍ ମିଶ୍ର)**

ସ୍ୱରାଷ୍ଟ୍ର ତଥା ଦେଶର ପ୍ରଥମ ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ସମବାୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଆଗାମୀ ଦିନରେ ପଞ୍ଚାୟତର କୃଷି ସମବାୟ ସମିତି ଅଞ୍ଚଳ ଅର୍ଥନୀତିର ପ୍ରାଣକେନ୍ଦ୍ର ହେବ ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ୭୨ତମ ଜାତୀୟ ସମବାୟ ସପ୍ତାହ ପାଳନ ଅବସରରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଶୁକ୍ରବାରଠାରୁ ଆସନ୍ତା ୨୦ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ସମବାୟ ସପ୍ତାହର ପ୍ରଥମ ଦିବସରେ ମନମୋହନ ସମବାୟ ପତାକା ଉତ୍ତୋଳନ କରି କହିଛନ୍ତି, ସମବାୟ ସମିତିରେ ୨୫ଟି ସାମଗ୍ରୀର ବାଣିଜ୍ୟ ବ୍ୟବସାୟ ହେବ। ଏଥିସହ ସମିତିର ଉନ୍ନତି କରାଯିବ। ସ୍ଥାନୀୟ ଜନସାଧାରଣ ଏହାର ଲାଭ ପାଇପାରିବେ। ଏହି ସମବାୟ ସଂସ୍ଥାକୁ ବିଗତ ଦିନରେ ତତ୍କାଳୀନ ସରକାର ଲୁଣ୍ଠନ କରି ଦୁର୍ନୀତିର ଗନ୍ତାଘର କରିଥିଲେ। ମାତ୍ର ଭାଜପା ସରକାର ଆସିବା ପରେ ଉକ୍ତ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି। ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏଥିରେ ଯୋଗଦେଇ କହିଛନ୍ତି, ଓଡ଼ିଶାର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ବହୁମୁଖୀ କୃଷି ସମବାୟ ସମିତି ଗଠନ କରିବା ପାଇଁ ଭାଜପା ସରକାର ଅଗ୍ରସର ହୋଇଛନ୍ତି। ସମବାୟ ସମିତିରେ ସ୍ୱଚ୍ଛତା ଆଣିବା ପାଇଁ ଦୀର୍ଘଦିନରୁ ସମିତି ସମ୍ପାଦକମାନେ ଦାବି କରୁଥିଲେ। ସେମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନକରି କମନ୍ କ୍ୟାଡର ରୁଲ୍ ପ୍ରଚଳନ କରିବାକୁ କହୁଥିଲେ। ଭାଜପା ସରକାର ଜିଲାସ୍ତରରେ ଏହାକୁ କ୍ରିୟାନ୍ୱୟନ କରିସାରିଛି। ଖୁବ୍‌ଶୀଘ୍ର କର୍ମଚାରୀମାନଙ୍କୁ ଏହାର ସୁଫଳ ମିଳିବ ବୋଲି ସେ କହିଛନ୍ତି।

# ଭାଜପାର ବିଜୟ ଉତ୍ସବ

**ଢେଙ୍କାନାଳ/ଓଡ଼ପଡ଼ା, ୧୪।୧୧ (ରତନ ନାୟାର/ରଞ୍ଜିତ ନାୟକ)**

ବିହାରରେ ଏନ୍‌ଡିଏ ଓ ନୂଆପଡ଼ାରେ ଭାଜପାର ବିପୁଳ ବିଜୟ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଗୋପବନ୍ଧୁ ଟାଉନହଲଠାରେ ଢେଙ୍କାନାଳ ଭାଜପା ନଗର ମଣ୍ଡଳ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ବିଜୟ ଉତ୍ସବରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁ, ରାଜ୍ୟ ପରିଷଦ ସଦସ୍ୟା ଭାରତୀ ସ୍ୱାଇଁ, ମାନସ ହୋତା, ଏମ୍‌ପିଙ୍କ ପୌରାଞ୍ଚଳ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ପୌରାଞ୍ଚଳ ପ୍ରତିନିଧି ସନ୍ତୋଷ ରାଉତ, ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ଲକ୍ଷ୍ମୀଧର ଦଳେଇ, ବରିଷ୍ଠ କାର୍ଯ୍ୟକର୍ତ୍ତା ହର୍ଷବର୍ଦ୍ଧନ ସିଂହଦେଓ, ଧ୍ରୁବ ଚରଣ ସ୍ୱାଇଁ, ବିଘ୍ନେଶ୍ୱର ଦୋରା ଉପସ୍ଥିତ ଥିଲେ ।

ଓଡ଼ାପଡ଼ା ବ୍ଲକ ଭାଜପା କର୍ମୀମାନେ ଗୁଡିଆକାଟେଣି ଛକଠାରେ ବାଜା ବଜାଇ, ବାଣ ଫୁଟାଇ ଉତ୍ସବ ପାଳନ କରିଛନ୍ତି। ମନୋଜ କୁମାର ମହାରଣା,ତପନ କୁମାର ମହାପାତ୍ର, ଶ୍ରୀମତୀ ମଂଜୁଲତା ସାହୁ ସନ୍ତୋଷ ନାଏକ, ସୁଜନ ନାଏକ, ସୁଲେଖ ମହାନ୍ତି, ରମେଶ ମହାନ୍ତି, ଲକ୍ଷ୍ମୀଧର ସାହୁ, ପ୍ରଦୀପ ପଟ୍ଟନାୟକ, ସମରଜିତ ପଟ୍ଟନାୟକ, ରଣଜିତ ନାୟକଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

# 'ଜବାହରଲାଲ ନେହେରୁ ଆଧୁନିକ ଭାରତର ନିର୍ମାତା ଥିଲେ'

**ଢେଙ୍କାନାଳ,୧୪।୧୧(ରତନ ନାୟାର)**

ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍ପଳା କାର୍ଯ୍ୟାଳୟରେ ନେହେରୁଙ୍କ ଜୟନ୍ତୀ ଅବସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ସୋସିଆଲିଷ୍ଟ ଫୋରମର ଆବାହକ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଫୋରମର ସମ୍ପାଦକ ସରୋଜ ଶତପଥୀ କହିଲେ, ନେହେରୁଙ୍କ ମୃତ୍ୟୁ ପରେ ସମାଜବାଦକୁ ଧ୍ୱଂସ କରିବା ପାଇଁ ସାମ୍ରାଜ୍ୟବାଦୀ ଶକ୍ତିମାନେ ସମ୍ବିଧାନକୁ ବିକଳାଙ୍ଗ କରିବା ପାଇଁ ଚେଷ୍ଟିତ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଆଧୁନିକ ଭାରତର ନିର୍ମାତା ଥିଲେ ବୋଲି ଫୋରମର ଉପସଭାପତି ତଥା ୟୁନେସ୍କୋର ରାଜ୍ୟ ସଂଯୋଜକ କବି ବାହାଦୁର ପାଟସାହାଣି ମତ ରଖିଥିଲେ। ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂର୍ବତନ ଜିଲାଜଜ୍ ଭିକାରୀ ଚରଣ ରାଉତ କହିଲେ, ସ୍ୱାଧୀନତା ପରେ ଭାରତରେ ବୃହତ ଶିଳ୍ପ ପ୍ରତିଷ୍ଠା କରିଥିଲେ ଏବଂ ଭାରତ ବାହାରେ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ କହିଲେ, ସ୍ୱାଧୀନତା ପୂର୍ବରୁ ନେହେରୁ ଲଣ୍ଡନ ଲାଇବ୍ରେରୀରେ ମାର୍କ୍ସବାଦ ଅଧ୍ୟୟନ କରି ସମାଜବାଦର ସ୍ୱପ୍ନ ଦେଖିଥିଲେ । ନେହେରୁଙ୍କ ମୃତ୍ୟୁ ପରେ ତାଙ୍କ କନ୍ୟା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସମାଜବାଦ ଓ ଧର୍ମ ନିରପେକ୍ଷତାକୁ ସମ୍ବିଧାନରେ ସ୍ଥାନ ଦେଇଥିଲେ। ଫୋରମର ଯୁଗ୍ମ ସମ୍ପାଦକ ଲଳିତ ମୋହନ ବେହେରା ନେହେରୁଙ୍କ ଦେଶପ୍ରୀତି ଉପରେ ବହୁମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ରାଉତ, ବିପିନ ବେହେରା, ଡ. ଦେବୀ ପ୍ରସାଦ ମିଶ୍ର, ଡ. ସମୀର କୁମାର ସାହୁ, ବସନ୍ତ ବିଶ୍ୱାଳ, ତରୁଣ ବିଶ୍ୱାଳ, ଇଂ. ଅବିନାଶ ଦାସ ଓ ଯୁଧିଷ୍ଠିର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗୋକୁଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



ନେହେରୁ ସୋସିଆଲିଷ୍ଟ ଫୋରମ ପକ୍ଷରୁ ନେହେରୁଙ୍କ ଜୟନ୍ତୀ ପାଳିତ।


**OFFICE OF THE PRINCIPAL**
**GOPABANDHU AYURVEDA MAHAVIDYALAYA**
V.I.P. ROAD, PURI (ODISHA) - 752002
Tel. : 06752-222072 (O) / E-mail : principalgampuri@gmail.com
No.4911/GAM Dated : 11.11.2025

**Walk-in-Interview**

**No.E-499** : Walk in Interview for one temporary and co-terminus post of Junior Research Fellow of Peripheral Pharmacovigilance Unit at Gopabandhu Ayurveda Mahavidyalaya, Puri will be held in the office of the Principal of this institution on 28.11.2025 at 11.00 A.M.

Details are available on website i.e. www.puri.odisha.gov.in

Sd./- Prof. (Dr.) Bipin Bihari Khuntia
Principal
Gopabandhu Ayurveda Mahavidyalaya, Puri
OIPR-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
E-mail Id: eerw_deogarh@yahoo.co.in
No.O-1384 **E-Procurement Notice**
BID IDENTIFICATION NO.SERWDGH-Online-06/2025-26

1. **No. of Building Work** : (01 No.)
2. **Estimated Cost :** Approx. Rs.81.98 Lakhs
3. **Mode of submission of tender:** Tender shall be submitted online in www.tendersodisha.gov.in.
4. **Availability of tender for online bidding:** 14.11.2025, 10.00 AM to 24.11.2025 upto 5.00 P.M.
5. **Date and time of opening of tender :** 25.11.2025, 11.00 A.M.
6. Other details can be seen from the website **www.tendersodisha.gov.in.**
7. Corrigendum/ Addendum if any shall only be published in the above website.

Sd./- Superintending Engineer
R.W.Division, Deogarh
OIPR-

GOVERNMENT OF ODISHA
ST & SC DEVELOPMENT, MINORITIES & BACKWARD CLASSES
WELFARE DEPARTMENT, ODISHA
**OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, RAIRANGPUR**
**e-Procurement Notice**
Bid Identification No.03/ITDA (RRP) 2025-26
No.3823//2025-ITDA, RRP Dated. 11.11.2025

**No.CAD-2279** : Bid documents consisting of works, Tender Value, Cost of Tender paper, Bid Security, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. "www.tendersodisha.gov.in".

| | | | |
|---|---|---|---|
| 01. | Name of the work | : | Civil Works as mentioned in DTCN |
| 02. | No. of Works | : | 40 (Forty) Numbers only |
| 03. | Estimated Cost | : | Rs.11.00 lakhs to Rs.237.00 Lakhs |
| 04. | Period of completion | : | 3 (Three) to 12 (Twelve) Calendar Months as per work category |
| 05. | Date & Time of availability of bid document in the portal | : | 11.11.2025 at 2.00 P.M. to 26.11.2025 05.30 hours |
| 06. | Last date for receipt of bids in the portal | : | 26.11.2025 till 5.30 hours |
| 07. | Bid received Online shall be opened on | : | 27.11.2025 at 11.00 hours onwards |
| 08. | Name and address of the officer inviting Bid | : | Project Administrator, I.T.D.A., Rairangpur |

Further details can be seen from the "https://tendersodisha.gov.in/"
Sd./- Project Administrator,
I.T.D.A., Rairangpur
OIPR-

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO.I, BERHAMPUR**
Phone/Fax: (0680) 2233683, e-mail: eernb1_bam@yahoo.com
No. B-681 **"e" Procurement Notice**
Bid Identification No. SE R&B Divn. No. I Bam 32/2025-26
Lr. No. 12688 Dtd.04.11.2025

| | |
|---|---|
| Name of Work | : Building Works |
| No. of Works | : 03 (Three) Nos. |
| Estimated Cost | : Approximately Rs.12.84 to Rs.34.55 lakh |
| Period of Completion | : Two & Three Calendar Months |
| Date and time of availability of bid document in the portal | : From 10.00 hours of 14.11.2025 to 16.00 hours of 20.11.2025 |
| Last date/time for receipt of bids in the portal | : Upto 16.00 hours of 20.11.2025 |
| Name & address of the Officer Inviting Bid | : Superintending Engineer, Ganjam (R&B) Division No. I, Berhampur |

Further details can be seen from the e-Procurement portal **https://tendersodisha.gov.in**.

Sd./- Superintending Engineer
Ganjam (R&B) Division No. I
Berhampur
OIPR-

**OFFICE OF THE SUPERINTENDING ENGINEER, P.H. DIVISION, KORAPUT** No. C-1446
Tel/ Fax: 06852-250740, e-mail: eephkrp@gmail.com
GOVERNMENT OF ODISHA
**"e" Procurement Notice**
**e-Procurement Notice for 2025-26**
Bid Identification No. SE, P.H. KPT-7 of 2025-26 Dt.06.11.2025

1. No. of the Work : 8 Nos.
2. Estimated Cost : From Rs.25.00 lakh to Rs.66.00 lakh (Approx.)
3. Period of Completion : From 3 to 6 Months
4. Date & time of availability of bid document in the portal : From 11.00 A.M. of 15.11.2025 to 05.00 P.M. of 28.11.2025
5. Last date/time of receipt of bids in the portal : 05.00 P.M. of 28.11.2025
6. Date & time of opening of bids : 11.00 A.M. of 29.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in".

Sd./- (Er. Chiranjibi Mahali)
Superintending Engineer
P.H. Division, Koraput
OIPR-

**PANCHAYAT SAMITI, CHATRAPUR**
GANJAM, ODISHA, PIN-761020
Letter No.:6495/CTPPS Date : 10.11.2025
**INVITATION FOR COMPETITIVE BIDDING**
BID IDENTIFICATION NO. : CTPPS-01/2025-26
NO.i-377 TENDER ID

| | | |
|---|---|---|
| 01 | PROCUREMENT OFFICER PUBLISHER / OFFICER INVITING THE TENDER / BIDS (OFF) | BLOCK DEVELOPMENT OFFICER CHATRAPUR |
| 02 | NAME OF THE WORKS / PACKAGES | INDIVIDUAL, CIVIL, CONSTRUCTION WORKS AS PUBLISHED IN THE WEBSITE |
| 03 | NOS. OF WORKS | 03 NOS |
| 04 | ESTIMATED COST (WITHOUT GST) | Rs.24,20,509.00 (each work) |
| 05 | DATE & TIME OF AVAILABILITY OF BID DOCUMENTS IN THE PORTAL | FROM 11.00 HOURS OF DTD 12.11.2025 TO 17.00 HOURS OF DTD.19.11.2025 |
| 06 | LAST DATE / TIME FOR RECEIPT OF BIDS IN THE PORTAL (SUBMISSION OF TECHNICAL BIDS & FINANCIAL BIDS) | 17.00 HOURS OF 19.11.2025 |
| 07 | DATE & TIME OF OPENING OF THE BIDS | 11.00 A.M. HOURS OF 20.11.2025 IN CHAMBER OF BLOCK DEVELOPMENT OFFICER (IF ANY HOLIDAY, THEN THE TENDER WILL BE OPENED ON NEXT WORKING DAY) |

N.B : Further more details can be seen in the DTCN available in the e-Procurement portal i.e. https://tendersorissa.gov.in.

Sd./- Block Development Officer,
Chatrapur
OIPR-

**OFFICE OF THE EXECUTIVE ENGINEER RURAL WORKS DIVISION, MOHANA**
No.4483 Date : 11.11.2025
**1st CORRIGENDUM**

**No.O-1439** : Incontinuation to this office bid identification No. Online Tender 09/MOHANA/2025-26 Invited vide this office letter no. 3679 dtd 03.10.2025, partial modification of TCN has been made as follows.
Sl no. 5 i.e. Repair to S.D.O Office Building at Mohana for the year 2025-26 is hereby cancelled due to some unavoidable circumstances & time schedule for other works is as follows.

| Sl. No. | Item | Time Schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.14.11.2025 at 11.00 A.M. to 24.11.2025 up to 5.00 P.M. | Dt.26.11.2025 at 11.00 A.M. to 05.12.2025 up to 5.00 P.M. |
| 2 | Date & time of seeking tender clarification if any | Dt.20.11.2025 up to 5.00 P.M. | Dt.03.12.2025 Up to 5.00 P.M. |
| 3 | Date & Time of Opening of tender (Price Bid) | Dt.25.11.2025 at 11.00 A.M. | Dt.06.12.2025 at 11.00 A.M. |

All other terms and conditions are remain unchanged.
Sd./- Executive Engineer
R.W. Division, Mohana
OIPR-

**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**PROJECT ADMINISTRATOR, ITDA, BALLIGUDA**
**INVITATIONS FOR BIDS (IFB)**
Bid Identification No.:PA (ITDA)-BLG-4/25-26
Letter No.2020/Date:11.11.2025

No.CAD-2278:The Project Administrator, ITDA, Balliguda on behalf of Govt. of Odisha invites percentage rate of bids to be received online mode in Double Cover System only for execution of 13 nos. (Thirteen Numbers) of works. The bidders have to participate through "online" bidding only. The website for online bidding is www.tendersorissa.gov.in. The details of bid documents will be available in above website from 5.00 PM. of 12.11.2025 to 5.00 PM of 27.11.2025 for online bidding. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at 11.00 A.M. 28.11.2025 in the office of the Project Administrator, ITDA, Balliguda. Further details can be seen from the website www.tendersorissa.gov.in.

Sd./- Project Administrator
I.T.D.A., Balliguda
OIPR-

GOVT. OF ODISHA E-Mail: eerw_anandapur@yahoo.co.in
**OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR**
No. 6901 **1st Corrigendum Notice** Date: 04.11.2025

No. O-1454: Under unavoidable circumstances, the availability of tender online for Annual Maintenance Plan of Rural Roads under Administrative Expenditure of the tender invited vide e-Procurement Notice No. 09 Dtd.27.10.2025/Bid Identification No. NCB-Online 09/EE/RW/AND/2025-26 of Executive Engineer, Rural Works Division, Anandapur is hereby rescheduled as below.

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer R.W. Division, Anandapur | NCB-Online-09/EE/RW/AND/2025-26 | 11.11.2025 at 10.00 A.M. | 18.11.2025 upto 5.00 P.M. | 17.11.2025 upto 5.00 P.M. | 19.11.2025 at 11.30 A.M. |

All other contents remain unchanged.
OIPR- Sd./- Executive Engineer, R.W. Division, Anandapur

**OFFICE OF THE SUPERINTENDING ENGINEER, NIMAPARA IRRIGATION DIVISION, NIMAPARA**
e-mail Address: eenidnimapara@gmail.com
**1st Corrigendum to e-Procurement Notice No.04 of 2025-26/ Dated 28.10.2025**
**NID FOR CANCELLATION**

No.A-898:The tender for the NID-141 of 2025-26 is here by cancelled due to technical reason.

| Sl. No. | Name of the Work | Bid Identification No. | Tender Cost (in Lakh) (Excl.GST) | EMD | Cost of Document (Online) | Class of bidder | Period of Completion (in days) | Name of Sub-Division |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 8 | Improvement to Service Road on K.V. Left Embankment from Marine Drive Road to New Fire Training Building. | NID-141/ 25-26 | 23.62 | 23,700 | 6000/- | "C" & "B" | 4 (Four) Calendar Months | Gop |

All other Terms and Conditions will be remained unchanged.
Sd./- Superintending Engineer
Nimapara Irrigation Division, Nimapara
OIPR-

**OFFICE OF THE SUPERINTENDING ENGINEER, RWSS DIVISION, KORAPUT**
e-mail: eerwss_kpt@rediffmail.com,
Ph.No.06852-250281(Off), Ph.No.06852-250680(Res), Fax No.06852-251098
1ST CORRIGENDUM TO TENDER CALL NOTICE NO.13/SE/RWSS/KPT/2025-26/01.11.2025
CORRIGENDUM No.4413, Date:12.11.25

No.O-1449:Due to some unavoidable circumstances, the following alternations have been made in the time schedules of this office **e-procurement NOTICE NO.13/SE/RWSS/KPT/2025-26/01.11.2025**.

| Sl. No. | TENDER CALL NOTICE NO. 13/ SE/RWSS/KPT/2025-26/01.11.2025 | As per Scheduled | As per Rescheduled |
|---|---|---|---|
| 1 | Availability of Bid document in the website | Dt.11.11.2025 at 17.00 hours to 20.11.2025 upto 17.00 hours | Dt.20.11.2025 at 17.00 hours to 29.11.2025 upto 17.00 hours |
| 2 | Date of Seeking Clarification | During the Office hours of 11.11.2025 to 19.11.2025 | During the Office hours of 20.11.2025 to 28.11.2025 |
| 3 | Date of Opening of Bid | Dt.21.11.2025 at 11.00 hours | Dt.01.12.2025 at 11.00 hours |

All other terms and conditions remain unaltered.
OIPR- Sd./- Addl. Chief Engineer, RWS&S Division, Koraput

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail:- eephd.rgda.od@nic.in, eephdrgda@gmail.com
Letter No.5155/ Dt.06.11.25
1st Corrigendum to e-Procurement Notice No.EEPHDRAYAGADA-27/2025-26, DT.31.10.2025

No.C-1444: The following Corrigendum is made for the work listed as mentioned in invitation for the bids through e-tender published vide NIT No.EEPHDRAYAGADA-27/2025-26 DT.31.10.2025.

| Sl. No. | Name of the Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid document for Online Bidding | |
|---|---|---|---|---|---|---|
| | | | | | From | To |
| 1 | Construction of Boundary Wall at new 8.0 MLD WTP of Gunupur Municipality | EEPHDRAYAGADA-27/ 2025-26 Dtd.31.10.2025 | 55.71 | 04 (Four Months) | 10.11.2025 (11.00 Hr) | 20.11.2025 (17.00 Hr) |
| 2 | Construction of P.H. Section office at Gudari NAC under Annual Action Plan for the year of 2025-26 | EEPHDRAYAGADA-27/ 2025-26 Dtd.31.10.2025 | 20.37 | 03 (Three Months) | 10.11.2025 (11.00 Hr) | 20.11.2025 (17.00 Hr) |
| 3 | Construction of Sectional Engineer Quarter near the back side of the Treasury Office under Gunupur ULB | EEPHDRAYAGADA-27/ 2025-26 Dtd.31.10.2025 | 20.65 | 03 (Three Months) | 10.11.2025 (11.00 Hr) | 20.11.2025 (17.00 Hr) |

**May be Read as**

The following Corrigendum is made for the work listed as mentioned in invitation for the bids through e-tender published vide NIT No. **EEPHDRAYAGADA-28/2025-26, DT.31.10.2025**

| Sl. No. | Name of the Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid document for Online Bidding | |
|---|---|---|---|---|---|---|
| | | | | | From | To |
| 1 | Construction of Boundary Wall at new 8.0 MLD WTP of Gunupur Municipality | EEPHDRAYAGADA-28/ 2025-26 Dtd.31.10.2025 | 55.54 | 04 (Four Months) | 10.11.2025 (11.00 Hr) | 20.11.2025 (17.00 Hr) |
| 2 | Construction of P.H. Section office at Gudari NAC under Annual Action Plan for the year of 2025-26 | EEPHDRAYAGADA-28/ 2025-26 Dtd.31.10.2025 | 20.26 | 03 (Three Months) | 10.11.2025 (11.00 Hr) | 20.11.2025 (17.00 Hr) |
| 3 | Construction of Sectional Engineer Quarter near the back side of the Treasury Office under Gunupur ULB | EEPHDRAYAGADA-28/ 2025-26 Dtd.31.10.2025 | 20.10 | 03 (Three Months) | 10.11.2025 (11.00 Hr) | 20.11.2025 (17.00 Hr) |

All other term and condition in the above mentioned tender call notice remain unchanged.
OIPR- Sd./- Executive Engineer, P.H.Division, Rayagada

WATCO No.C-1449
**OFFICE OF THE GENERAL MANAGER WATCO DIVISION-II, BHUBANESWAR,**
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
Dtd.10.11.2025

| | | |
|---|---|---|
| 01 | Name of the work | : Construction of Positive suction pump house along with Supply, installation and commissioning of centrifugal pump set for water supply from Sub-Division pump house (Reservoir) to power house, Sastri Nagar, MLA Colony, HLT Tank Unit-VIII Ward No.47, BMC, Bhubaneswar |
| 02 | Estimate cost | : Rs.68.56 lakhs |
| 03 | Period of completion | : 03 (Three) Months |
| 04 | Class of contractor | : B Class |
| 05 | Date & Time of availability of bid document in the portal | : From 11.00 A.M. of Dt.14.11.25 to 5.00 P.M. of 28.11.25 |
| 06 | Last date / time of receipt of bids in the portal | : 5.00 P.M. of 28.11.25 |
| 07 | Last date & time of seeking clarification | : 5.00 P.M. of 19.11.2025 |
| 08 | Date & Time of opening of bids | : At 12.30 PM of 29.11.2025 |
| 09 | Name and address of the Officer Inviting Bid | : General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

Sd./- GENERAL MANAGER,
WATCO DIVISION-II, BHUBANESWAR
OIPR-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA**
e-mail: eerwsskld@gmail.com, eerwss_kld@nic.in, Phone No:06670-230784
INVITATION OF BID THROUGH e-TENDERING
No.O-1328 Bid Identification No-41/SE/RWSS/2025-26/Bpt Dated 29.10.2025
01. Name of the work: As per Annexure-A.

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 41/SE/RWSS/ 2025-26/Bpt Dated 29.10.2025 | 10.11.2025 10.00 AM | 25.11.2025 05.30 AM | 26.11.2025 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents should be scanned and uploaded.
OIPR- Sd./-Superintending Engineer, Kalahandi RWS&S Division, Bhawanipatna

# ଅମଣିଷ



## ଗଳ୍ପ

**ସୁଦର୍ଶନ ମହାପାତ୍ର**

ମୋ' ବଡ଼ଭାଇ ବିଜୟ ସାମନ୍ତରାୟ ସଫ୍ଟୱେର ଇଞ୍ଜିନିୟର। ରହନ୍ତି ବାଙ୍ଗାଲୋରରେ। ସିନିୟର ଏକ୍‌ଜିକ୍ୟୁଟିଭ ଅଫିସର ହିସାବରେ କମ୍ପାନୀ ତରଫରୁ ରହିବାକୁ ପାଇଛନ୍ତି ଫ୍ଲାଟ୍, ଯାତାୟାତ ପାଇଁ କାର୍। ଘରକୁ କେବେ କେମିତି ଆସନ୍ତି। ପ୍ରାୟତଃ ଏକା। ଭାଉଜ ଗାଁରେ ଚଳିପାରିବେନି ତ ଆସିବାକୁ ପସନ୍ଦ କରନ୍ତିନି। ଭାଇ ଗାଁକୁ ଆସିଲେ ଆମ ଘରେ ବହୁ ଲୋକଙ୍କର ସମାଗମ ହୁଏ। ସେଇଥିରୁ ଜଣେ ଅନୁମାନ କରି କହିପାରିବ ଭାଇ ଗାଁରେ କେତେ ପ୍ରିୟ।

ଭାଇ ଆମ ଗାଁ ସ୍କୁଲରେ ପାଠପଢ଼ା ଆରମ୍ଭ କରିଥିଲେ। ସେ ପିଲାବେଳୁ ମେଧାବୀ। ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ କୃତିତ୍ୱ ଆଖପାଖରେ ଛାଇ ଯାଇଥିଲା। ଭାଇଙ୍କ ଉଦାହରଣ ଦେଇ ଶିକ୍ଷକମାନେ ପିଲାମାନଙ୍କ ମନରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରାନ୍ତି।

ମୁଁ ଅଜୟ। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚାକିରିରୁ ଅବସର ନେଇସାରିଥିବା ବାପାଙ୍କର ସାନପୁଅ। ଦରପାଠୁଆ। ବାପାଙ୍କ ଭାଷାରେ କୁଳାଙ୍ଗାର, ଅମଣିଷ। ପାଠ ନ ପଢ଼ି ଚାଷକାମରେ ମନଦେଲି। ଘରର ଭଲ ମନ୍ଦ କଥା ବୁଝିଲି। ମୋ' ପିଲା କଙ୍କି ପଛରେ ଗୋଡ଼ାନ୍ତି, କୁଆପଥର ଗୋଟେଇ ଖାଆନ୍ତି, ଜେଜେମା'ଙ୍କ ଠାରୁ ଗପ ଶୁଣନ୍ତି, ଜେଜେଙ୍କ ଗୋଡ଼ ମାଲିସ୍ କରନ୍ତି। ମୋ' ସ୍ତ୍ରୀ ଚୁଲି ଲିପେ, ଦାଣ୍ଡ ଓଳାଏ, ଚଉଁରା ମୂଳରେ ସଞ୍ଜବତି ଦିଏ ଇତ୍ୟାଦି ଇତ୍ୟାଦି...!

ଭାଇ ଗାଁକୁ ଆସିଲେ ଲାଗେ ଯେମିତି ଦିଗ୍‌ବିଜୟୀ ସମ୍ରାଟ୍ ଫେରିଛନ୍ତି। ଗାଁ ମୁଣ୍ଡରୁ ତାଙ୍କ ସାଙ୍ଗରେ ଆମ ଘର ପର୍ଯ୍ୟନ୍ତ ଆସିଥା'ନ୍ତି କେତେ ସୈନ୍ୟ ସାମନ୍ତ। ଅବଶ୍ୟ ସେମାନେ ଆମରି ଗାଁର ଅବା ଚିହ୍ନା ପରିଚିତ।

ଏଇ କେଇଦିନ ତଳେ ଭାଇ ଆସିଥିଲେ। ତାଙ୍କ ସହିତ ଆମ ଘର ପର୍ଯ୍ୟନ୍ତ ଆସିଥିବା ଲୋକଙ୍କୁ ସଞ୍ଜକୁ ଆସିବ କହି ବିଦାୟ ଦେଇ ବାପାଙ୍କୁ ମୁଣ୍ଡିଆ ମାରିଲେ। ହଠାତ୍ ଭାଇଙ୍କ ଆଗମନରେ ବାପାଙ୍କ ଭଳି ମୁଁ ବି ଚକିତ ହେଲି ଆଉ 'ଭାଇ ଆସିଲେଣି' କହି ଘରର ଅବଶିଷ୍ଟ ଲୋକଙ୍କୁ ସୂଚାଇଦେଲି।

ପ୍ରାରମ୍ଭିକ ଚର୍ଚ୍ଚା ଘେନା କରି ଭାଇ ପଦାକୁ ବାହାରିଲେ ତ ଦେଖାହେଲେ ନବଘନ ଦାଦା। ''ଆରେ ବିଜୁ ଆସିଛୁ କିରେ! ବର୍ଷଟିଏ ପରେ। ଗାଁକୁ ଭୁଲିଯାଉଛୁ ଧୀରେ ଧୀରେ। ମଝିରେ ମଝିରେ ଆସନ୍ତୁ ନା! ଭାଇଙ୍କୁ ଦେଖିବାକୁ ଆସିଛୁ? ଭଲ କଲୁ। ଭାଇଙ୍କର ଅବସ୍ଥା ଭାରି ଖରାପ ହୋଇ ଯାଇଥିଲା। ଆଠଦିନ କାଳ କଟକରେ ରହି ଭାଇଙ୍କୁ ଭଲକରି ଅଜୁ ଫେରିଲା। ସେତେବେଳେ ଟଙ୍କା ପାଇଁ ଭାରି ହଇରାଣ ହେଉଥିଲା। ସୁଧକୁ ହେଉ ପଛେ ତାକୁ ଟଙ୍କା କରେଇ ଦେବାରୁ ଭାଇ ଭଲ ହୋଇ ଫେରିଲେ।''

ଏକଥା ଶୁଣି ଭାଇଙ୍କ ନାସିକା ଘୃଣାରେ କୁଞ୍ଚିତ ହୋଇଗଲା। ତଥାପି ମୁହଁରେ ହସ ଫୁଟାଇ କହିଲେ– ''କ'ଣ କରିବି ଦାଦା, ଛୁଟି ମିଳିଲାନି ସେତିକିବେଳକୁ। ଏତେ ବଡ଼ କମ୍ପାନୀର ମୁଁ ସର୍ବେସର୍ବା। ପ୍ରଥମେ ରାଜକାର୍ଯ୍ୟ, ପରେ ପିତୃକାର୍ଯ୍ୟ ପରା!''
– ''ହଉ, ତୋତେ ଯାହା ଭଲ ଲାଗୁଚି କର!'' ଦାଦା ମୁହଁ ଛିଞ୍ଚାଡ଼ି ଚାଲିଗଲେ।

ସଞ୍ଜକୁ ଆସିଲେ ଭାଇଙ୍କର ପାରିଷଦଗଣ। – ''ଆରେ, ଶୁକଦାଦା ହେରିକା ଆସିଛନ୍ତି। ମିଠା ଆଣି ସେମାନଙ୍କୁ ଦିଅ।'' ମୋ' ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁହାଯାଇଥିବା ଭାଇଙ୍କର ଏ କଥା ସଙ୍ଗେ ସଙ୍ଗେ ପାଳନ କରାଗଲା। ସେଇଠି ଭାଇ ତାଙ୍କ ବ୍ୟାଗ୍ ଖୋଲି ଦେଖାଇଲେ ବାପାଙ୍କ ପାଇଁ ଆଣିଥିବା ନୂଆ ପାଇଜାମା, ବୋଉ ପାଇଁ ଆଣିଥିବା ଶାଢ଼ି, ମୋ' ପାଇଁ ଆଣିଥିବା ପ୍ୟାଣ୍ଟ ଆଉ ଗଞ୍ଜି, ମୋ' ସ୍ତ୍ରୀ ପିଲାଙ୍କ ପାଇଁ ଆଣିଥିବା ଲୁଗାପଟା। ସବୁ ଜିନିଷର ମୂଲ୍ୟ ବି ଗୋଟିଏ ଗୋଟିଏ କରି କହିଚାଲିଥିଲେ ଭାଇ। ଉପସ୍ଥିତ ସଭାସଦ୍‌ମାନେ ଘରର ବଡ଼ପୁଅକୁ ଉଚ୍ଛ୍ୱସିତ ପ୍ରଶଂସାରେ ପୋତି ପକାଉଥିଲେ।

ମୁଁ ଆଣି ଶୁକଦାଦାଙ୍କୁ ପିଇବାକୁ ପାଣି ଗ୍ଲାସ୍ ବଢ଼େଇଲି ତ ସେ କହିଲେ– ''ଦେଖ୍ ଅଜୁ, ଏମିତିକା ଭାଇ ଭାଗ୍ୟରେ ଥିଲେ ମିଳେ। କେଉଁ ଜନ୍ମର ତପସ୍ୟା କରିଥିଲୁ ବୋଲି ଏମିତି ରାମ ପରିକା ଭାଇ ପାଇଛୁ।'' ମୁଁ ଜାଣିଲି ଭାଇଙ୍କ ଆଡ଼କୁ ଶୁକଦାଦା ବଢ଼ଉଥିବା କାଗଜପତ୍ର ହେଉଛି ତାଙ୍କ ପୁଅର ସାର୍ଟିଫିକେଟ୍‌ର ଜେରକ୍ସ।

ଏମିତି କିଏ କିଏ ଭାଇଙ୍କୁ ବାୟୋଡାଟା ଦେଉଥିଲେ। ସମସ୍ତଙ୍କ କଥା ଶୁଣି ଭାଇ ସେମାନଙ୍କୁ ପ୍ରବୋଧନା ଦେଉଥିଲେ। ଭାଇଙ୍କର ଗତଥରର କହିଥିବା କଥା ଅବା ପ୍ରତିଶ୍ରୁତିକୁ କିଏ ଅଭିମାନ କରି ମନେପକାଇ ଦେଉଥିଲା। କିଏ କହୁଥିଲା ଏଥରର ଅଦିନିଆ ବର୍ଷାରେ ପାଚିଲା ଧାନ ଗଜା ହେଇଯିବାର କଥା। ତେଣୁ ବାହାରେ ଚାକିରିର ବ୍ୟବସ୍ଥା କରିବାକୁ ଭାଇଙ୍କୁ ନେହୁରା ହେଉଥିଲା।

ସମସ୍ତେ ଫେରିଗଲା ପରେ ମୁଁ ଭାବୁଥିଲି କହିବା ପାଇଁ, ''ଶୁଣିଲ ତ ଭାଇ, ଗାଁ ଲୋକଙ୍କଠାରୁ ଚାଷବାସ କଥା। ଆଜିକାଲି ଆଉ ଆଗଭଳି ଚାଷରେ ଲାଭ ନାହିଁ। ସାର ଔଷଧର ଦାମ୍ ଆକାଶଛୁଆଁ। ସରକାରୀ ଯୋଜନାରେ ମାଗଣା ଖାଇ ଲୋକ ଏଠି ମୂଲିଆ କାମ କରିବାକୁ ରାଜି ନାହାନ୍ତି। ଯେଉଁ କେତେକ ମୂଲିଆ କାମ କରୁଛନ୍ତି ସେମାନଙ୍କ ଭାଉ କେତେ କ'ଣ! ମୁଁ ବି ଚାହୁଁଛି ବାହାରକୁ ଯାଇ ଖଟିବା ପାଇଁ। ହେଲେ ବାପା ବୋଉ ନିରାଶ୍ରୟ ହୋଇଯିବେ। ବର୍ଷେ ହେବ ବୋଉ ବିଛଣାରେ ପଡ଼ିଛି। ତା' କଥା ବୁଝିବ କିଏ?'' ହେଲେ କିଛି ବି କହି ପାରିଲିନି।

ବରଂ ବୋଉ ଖନେଇ ଖନେଇ କହିଲା– ''ଆରେ ବିଜୁ, ବାହାରେ ରହୁଛୁ ସିନା, ଘର କଥା ଟିକେ ବୁଝୁ। ହେଉ ପଛେ ହଜାର, ଦି'ହଜାର, ପଠା କିଛି। ଖାଲି ମୋ' ଔଷଧ ପାଇଁ ମାସକୁ ହଜାର ଭଳିଆ ଖର୍ଚ୍ଚ ହେଉଛି। ଅଜୁର ରୋଜଗାର ନାହିଁ। କ'ଣ କରିବ ବିଚରା? ବାପାଙ୍କ ଦେହ ଖରାପ ହେଲା ଯେ ବୋହୂର ହାର ବନ୍ଧା ପକେଇ ଟଙ୍କା ସୁଧକୁ ଆଣିଛି। କେମିତି ଶୁଝିବ ସେସବୁ?''

ସବୁ ଶୁଣିଲା ଭାଇ। କହିଲା– ''ହଉ, ଅଜୁକୁ କହିବୁ ତା' ଆକାଉଣ୍ଟ ନମ୍ବର ଦେବ।''

ହେଲେ ମୁଁ ଜାଣିଥିଲି ଏଠୁ ଗଲାପରେ ସେ କିଛି ବି ପଇସା ପଠେଇବେନି। ଗାଁ ଲୋକଙ୍କୁ ଚାକିରି ଲୋଭ ଦେଖାଇଲା ଭଳି ବୋଉକୁ ବି ମିଛ କହି ଯାଉଛନ୍ତି। ତାଙ୍କୁ ଆଉ କହି ବି କିଛି ଲାଭ ନାହିଁ। ବାପାଙ୍କ ଦେହ ଖରାପ ବେଳେ ବି ଜଣାଇଥିଲି ସବୁକଥା। ହେଲେ ଭାଇଙ୍କର ସେଇ ଆଶ୍ୱାସନାର କଥା କେଇପଦ– ''ତୁ ବ୍ୟସ୍ତ ହଅନା, କୋଉଠୁ କେମିତି କରି ଖର୍ଚ୍ଚ କରୁଥା, ମୁଁ ଚେଷ୍ଟା କରୁଚି...''ରେ ସୀମିତ ରହିଥିଲା ତାଙ୍କ ମନୋଭାବ। ଅଥଚ ସେହି ସମୟରେ ଭାଇ ତାଙ୍କ ଶ୍ୱଶୁର ଘର ଲୋକମାନଙ୍କ ସହିତ ବାହାରକୁ ବୁଲିଯାଇଥିବାର ଖବର ମୁଁ ପାଇଥିଲି।

ଯିବାବେଳକୁ ଭାଇ କହିଲେ– ''ଯାହା ଆଣିଥିଲି ସବୁ ଖର୍ଚ୍ଚ ହୋଇଗଲା। ତଥାପି ପିଲାଙ୍କ ଖର୍ଚ୍ଚ ପାଇଁ ରଖିଥା ପାଞ୍ଚଶହ ଟଙ୍କା।'' ମୁଁ ଦ୍ୱିଧାବଶତଃ ଧରିଲି ସେ ଟଙ୍କା।
– ''ତୁ ଗୋଟେ କାମ କର। ଚାଷବାସରେ ଲାଭ ନାହିଁ ତ ବିକ୍ରି କରିଦେ ସବୁ। ମୋ' ଭାଗ ଟଙ୍କା ମୋତେ ଦେଇ ଅବଶିଷ୍ଟ ତୁ ରଖିଦେ। ସେଥିପାଇଁ ମୁଁ ଗାଁକୁ ଆସିଥିଲି। ତୁ ଠିକ୍‌ଠାକ୍ କରି ମୋତେ ଜଣାଇଲେ ଆସିବି। ବାପାଙ୍କୁ ବୁଝାଇ ଏ କାମଟା କରିବୁ।'' ଏପଟସେପଟ ଚାହିଁ ଧୀର ସ୍ୱରରେ କହିଲେ ଭାଇ।

ମୁଁ ଭାଇଙ୍କ ହାତରେ ଧରେଇଲି ବଡ଼ି, ଆଚାର, ନଡ଼ିଆ କୋରା, ବାଦାମ ଲଡ୍ଡୁ, ଆରିସା ପିଠା ଥିବା ବ୍ୟାଗ୍।

ଗଲାବେଳକୁ ବାପାଙ୍କୁ ଦେଖାକଲେ ଭାଇ। ନମସ୍କାର କଲାବେଳକୁ ବାପା କହିଲେ– ''ଆମ ପାଇଁ ଟଙ୍କା ନ ଦେବାର ଅଛି ନ ଦେ। ଏ ଘରଦ୍ୱାର, ଜମିବାଡ଼ି ଉପରେ ଆଖି ପକାନା। ନବଘନ ଦାଦାଙ୍କୁ ଜମି ବିକ୍ରି ବିଷୟରେ ବୁଝିବାକୁ ତୁ କିଏ କହିବାକୁ? ପାଠ ପଢ଼ିଲେ ମଣିଷ ସିନା ପାଠୁଆରେ ଗଣା ହୁଅନ୍ତି, ଶିକ୍ଷିତ ମଣିଷରେ ଗଣା ହୁଅନ୍ତି ନାହିଁ। ଅଜୁ ସିନା ମୋର ଅପାଠୁଆ, ହେଲେ ସେ ଶିକ୍ଷିତ, ତୋ' ଭଳି ଅମଣିଷ ନୁହେଁ...!''

ବାପାଙ୍କ ମୁହଁକୁ ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲି। ଭାଇ ମୁହଁ ଶୁଖେଇ ଘରୁ ବାହାରିଲେ...!

ମୋ: ୯୪୩୮୧୭୫୫୪୨

## ପୁସ୍ତକ ପରିଚୟ

### ଚେତନାର ଚିତ୍ରନଦୀ




**ଲେଖକ:** ନିରଞ୍ଜନ ବେହୁରିଆ
**ପ୍ରକାଶକ:** ବ୍ଲାକ୍ ଈଗଲ୍ ବୁକ୍ସ, ଡବଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/–

ମୋଟ ୨୧ଟି ପ୍ରବନ୍ଧ/ସାହିତ୍ୟ–ସମାଲୋଚନା ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ। ଗୋପୀନାଥ ମହାନ୍ତି, କିଶୋରୀ ଚରଣ ଦାସ, ସୁରେନ୍ଦ୍ର ମହାନ୍ତି, ରାମଚନ୍ଦ୍ର ବେହେରା ଓ ରାଧାବିନୋଦ ନାୟକଙ୍କ ଭଳି ମହୀରୁହପ୍ରତିମ ଓଡ଼ିଆ କଥାକାର ତଥା ଔପନ୍ୟାସିକଙ୍କ ପ୍ରତିନିଧି ସ୍ଥାନୀୟ ପୁସ୍ତକର ଆକଳନ ସାଙ୍ଗକୁ ଗ୍ରନ୍ଥରେ ରହିଛି ବୈକୁଣ୍ଠନାଥ ପଟ୍ଟନାୟକ, କମଳାକାନ୍ତ ଲେଙ୍କା, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ବିବେକ ଜେନା, ଦେବଦାସ ଛୋଟରାୟ, ବେଣୁଧର ରାଉତ ଓ ହୃଷୀକେଶ ମଲ୍ଲିକଙ୍କ ଭଳି ଆଧୁନିକ ତଥା ଉତ୍ତର–ଆଧୁନିକ ପର୍ଯ୍ୟାୟର ଅଗ୍ରଣୀ କବିମାନଙ୍କର କବିତାର ସଯତ୍ନ ଆଲୋଚନା। ତର୍କ ସଂଗତ ବିବେଚନା ଓ ହୃଦୟଗ୍ରାହୀ ଭାଷାର ସମନ୍ୱୟରେ ଆଲୋଚନାଗୁଡ଼ିକ ଏପରି ପଲ୍ଲବିତ, ପାଠକ କାହାଣୀ ପଢ଼ିଲା ପରି ଏଗୁଡ଼ିକ ପଢ଼ିଯିବ। କାହାଣୀ ଓ କବିତାର ଜଟ ଯେଉଁଠି ଅଫିଟା, ସେଇଠି ନିରଞ୍ଜନଙ୍କର ଏହି ତର୍ଜମା ସହଜ ମାର୍ଗଟିଏ ବତାଇଦିଏ ଉପଭୋକ୍ତାଙ୍କୁ। ବିବେକ ଜେନାଙ୍କ ଭଳି ସ୍ୱଳ୍ପାଲୋଚିତ କବିଙ୍କ କବିତା ସମ୍ପର୍କରେ କହିବାକୁ ଯାଇ ପ୍ରାବନ୍ଧିକ କହନ୍ତି: ''ମୋ ମତରେ ବିବେକ ବାବୁ ସ୍ମୃତିର କବି, ବିସ୍ମୃତ ଅତୀତର ଶିଳ୍ପୀ। x x ସରଳତାର କବି। ଭାଷା ସାଧାରଣ ମଣିଷର ଭାଷା।'' କବି କମଳାକାନ୍ତ ଲେଙ୍କାଙ୍କ କବିତାକୁ ବୁଝାଇବାକୁ ଯାଇ ସେ କହନ୍ତି: ''କମଳାକାନ୍ତଙ୍କ କବିତାରେ ଯେଉଁ କବି ବ୍ୟକ୍ତିତ୍ୱଟି ଦେଖିବାକୁ ମିଳେ, ତାହା ଏକ ସଂଗ୍ରାମୀ ବ୍ୟକ୍ତିତ୍ୱ। ଜୀବନ ଅର୍ଥ ତାଙ୍କ ପାଇଁ ଯୁଝିବା।'' ଗୋପୀବାବୁଙ୍କ 'ପରଜା' ଉପନ୍ୟାସକୁ ସାମାଜିକ କାହାଣୀ ଭାବେ ବୁଝିଆସିଥିବା ଓଡ଼ିଆ ମନନଧାରାରେ ବ୍ୟତିକ୍ରମ ଆଣି ନିରଞ୍ଜନ କହନ୍ତି: ''ପରଜାର କାହାଣୀ ସାମାଜିକ ନୁହେଁ, ଅଧିକତର ଭାବେ ପାରିବାରିକ।'' ବିଚାରଦୃଷ୍ଟିରେ ଅଭିନବତା ଓ ସୃଜନଧର୍ମୀ ଉପସ୍ଥାପନା ଯୋଗୁଁ ଆଲୋଚ୍ୟ ଗ୍ରନ୍ଥଟି ନାନା ଶ୍ରେଣୀର ଗ୍ରନ୍ଥଗ୍ରାହୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା।

### ମୋର ସ୍ୱର ମୋର ବ୍ୟଞ୍ଜନ




**କବୟିତ୍ରୀ:** ସାୟଂତନୀ ବେହୁରା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୫/–

୧୫୦ ପୃଷ୍ଠାର କଳେବର ମଧ୍ୟରେ ପତ୍ରସ୍ଥ ହୋଇଛି ୪୭ଟି କବିତା। ପ୍ରଚ୍ଛଦଲେଖରେ କୁହାଯାଇଛି: ''ସାୟଂତନୀଙ୍କ କବିତା ଐନ୍ଦ୍ରିୟ, ଭାବବିଭୋର। ସେ ନାରୀତ୍ୱର ପୀଡ଼ା, ଆନନ୍ଦ, ପ୍ରୟୋଜନକୁ ଜୀବନର ଉତ୍ସବରେ ଭୋଗିନିଏ। x x କବିତା ପାଚି ଲାଲ୍ ହୁଏ, ଦର୍ପ ଦେଖାଇବାର ଆବଶ୍ୟକତା ପଡ଼େ ନାହିଁ।'' ସାମ୍ପ୍ରତିକ ଓଡ଼ିଆ କବିତାରେ ସାୟଂତନୀଙ୍କ ଭିନ୍ନତାକୁ ଚିହ୍ନଟ କରିବା ଲକ୍ଷ୍ୟରେ ଗ୍ରନ୍ଥସ୍ଥ କବିତାଗୁଡ଼ିକରୁ କେତୋଟି ଉଦ୍ଧୃତି ନିଆଯାଇପାରେ: ୧. ''ପରେର୍ ଜାଏଗା, ପରେର୍ ଜମିନ୍/ ଘର୍ ବନାୟା ରଏ/ ଏ ଘର ଆମାର ନଏ ଗାଉଥିବା ଲାଲନ୍ ଫକୀର/ ଭୁବନେଶ୍ୱର...'' (ଭୁବନେଶ୍ୱର), ୨. ''ଆଚ୍ଛା କନକ... କଅଣ ଏମିତି ଅଛି ଯେ/ ତୁମ ବାପଘରେ/ ଯାହା ଆମ ଘରେ ନାଇଁ/ x x ତୁମକୁ ପରା ନ ଜଣେଇ ତୁମ ବାପଭାଇ/ ସବୁ ଜମି ବିକିଦେଲେ/ ଏସବୁ ଇମୋସନର କ'ଣ କିଛି ଦାମ୍ ଅଛି/ x x ଦୟାକରି ତୁମ ଗାଆଁର ଯୋରକୁ/ ଯମୁନା ନଦୀ କୁହନି/ କଥା କହିବା ଶିଖ, କନକ...'' (କନକଲତାର ପୂଜାଛୁଟି)। ଯେଉଁସବୁ ପ୍ରସଙ୍ଗ ଓ ଚରିତ୍ରକୁ ନେଇ ସାୟଂତନୀ କବିତା ଲେଖନ୍ତି, ସେସବୁ ନୂଆ ନହେଲେ ବି ଉପସ୍ଥାପନା ନୂଆ। ଭାଷାଗତ ପୁନରାବୃତ୍ତିରୁ ମୁକ୍ତ ଏ କବିତା। ମନେହୁଏ, ଜୀବନର ଜଟିଳତାକୁ ଆହୁରି ବ୍ୟାପକ ଓ ଗଭୀର ଭାବେ ଆବିଷ୍କାର କରିବେ କବୟିତ୍ରୀ ଆଗକୁ। ଯେତେଥର କଟକବାଟେ ଗଲେ ବି ବୁଝିବା ବାକି ରହେ 'କେମିତି ଦିଶେ ରାତି କଟକରେ'। ଏଇ 'ବୁଝିବା ବାକି ରହିବା' ହିଁ କବିତା– ଏ ଅନୁଭବ ମିଳେ ବହିଟିରୁ।

## କାଳକାଳକୁ



**''ପ୍ରଥମ ପ୍ରେମ ଯଥାର୍ଥ ପ୍ରେମ,
ତା'ପର ପ୍ରେମ ଆପଣାକୁ
ଭୁଲାଇବା ଓ ଭ୍ରମିତ କରିବା।''
– ମନ୍ନୁ ଭଣ୍ଡାରୀ**

**ମନ୍ନୁ ଭଣ୍ଡାରୀ**ଙ୍କ ଜନ୍ମ ୩ ଏପ୍ରିଲ ୧୯୩୧ରେ ବ୍ରିଟିଶ୍ ଭାରତର ଇନ୍ଦୋର ରାଜ୍ୟ ଅନ୍ତର୍ଗତ ଭାନପୁରାରେ ଓ ପରଲୋକ ୧୫ ନଭେମ୍ବର ୨୦୨୧ରେ ହରିୟାଣାର ଗୁରୁଗ୍ରାମରେ। ଲେଖିକା, ପଟକଥା ରଚୟିତା ଓ ନାଟ୍ୟକାର ମନ୍ନୁଙ୍କର ଦେଢ଼ଶହରୁ ଅଧିକ ଗଳ୍ପ ଓ ଏକାଧିକ ଉପନ୍ୟାସ ପ୍ରକାଶ ପାଇଥିବା ସତ୍ତ୍ୱେ ଯେଉଁ ଦୁଇଟି ହିନ୍ଦୀ ଉପନ୍ୟାସ ପାଇଁ ସେ ବହୁବିଦିତ, ସେ ଦୁଇଟି ହେଉଛି– 'ଆପ୍ କା ବଣ୍ଟି' ଓ 'ମହାଭୋଜ'। ହିନ୍ଦୀ ସାହିତ୍ୟର 'ନୟୀ କହାନୀ' ଆନ୍ଦୋଳନର ସେ ଥିଲେ ଅଗ୍ରଣୀ ସାରଥି। ତାଙ୍କ ରଚନାଚୟର କେନ୍ଦ୍ରରେ ଥାଏ ଭାରତୀୟ ମଧ୍ୟବିତ୍ତ ପରିବାରର ଆଶା ନିରାଶା। ଲିଙ୍ଗଗତ ବୈଷମ୍ୟ ଓ ଜାତିଭେଦ ବିପକ୍ଷରେ ସେ ଥିଲେ ସଦା ମୁଖର। ଭାରତୀୟ ସାହିତ୍ୟକୁ ମୂଲ୍ୟବାନ ଅବଦାନ ପାଇଁ ଦିଲ୍ଲୀର ହିନ୍ଦୀ ଅକାଦମୀ, ମହାରାଷ୍ଟ୍ରର ହିନ୍ଦୀ ସାହିତ୍ୟ ଅକାଦମୀ ଓ ରାଜସ୍ଥାନର ସଂଗୀତ ନାଟକ ଅକାଦମୀ ଦ୍ୱାରା ସେ ସମ୍ମାନିତା। ଆତ୍ମଜୀବନୀମୂଳକ ଉପନ୍ୟାସ 'ଏକ୍ କହାନୀ ୟେ ଭୀ' ପାଇଁ କେକେ ବିରଳା ଫାଉଣ୍ଡେସନ ପ୍ରଦତ୍ତ ମର୍ଯ୍ୟାଦାଜନକ 'ବ୍ୟାସ ସମ୍ମାନ'ରେ ଗୌରବାନ୍ୱିତା।

## କବିତା

### ମାଆ! ତୁ ହଜିଯିବା ପରେ

**ପ୍ରତିଭା ପରିଡ଼ା**

କେଜାଣି କେମିତି
ତୀରରୁ ନିଶାଣ ଘୁଞ୍ଚିଯାଏ...
ମନ୍ଦିର ଚୂଡ଼ାରୁ ନେତ ଖସିଯାଏ...
ଭାଗ୍ୟ ନା ସମୟର ଦାଉରେ
ଜିଇବାର ଟାଣ ଭାଙ୍ଗି ଭାଙ୍ଗି ଯାଏ।

ମାଆ!
କିଏ ବା ଜାଣିଥାଏ,
ତୋର ମୋର ଭେଟାଭେଟିର ଗୋପନ କାହାଣୀ
ଅବା ଗୁପ୍ତ ରାଜିନାମା?
କିଏ ବା ଜାଣିଥାଏ
ବୀଜ ପୁଣି ବୀଜ ଅଙ୍କୁରିଯିବାର
ଲଗ୍ନ ଓ ମହିମା?
କିଏ ବା ଜାଣିଥାଏ,
ରକ୍ତ ଖାଳ ଲୁହ ପୁଣି
ନିୟତର ମାଜଣା ପରେ,
ତୋତେ ମିଳିଥାଏ ସାରା ଜୀବନର
ଭରସା ବାଙ୍କିଯିବାର ପାଉଣା?

ଗଛଡାଳରେ ବାୟାବସା ଝୁଲୁଥାଏ,
ଚାରି ପାଖରେ
ଚଉତିଶା ଗାନ, ଭାବ ବନ୍ଧନ,
ମାୟା ନଈର କୁଳୁକୁଳୁ ତାନ,
ଅଥଚ କ'ଣ ଗୋଟେ ଶୂନ୍ୟତା
ମୋତେ ବିନ୍ଧି ଦେଉଥାଏ...
ଆଉ ତୁ ହଜିଯିବାର କାତରତାରେ
ମୋର ଭେଳା ବୁଡ଼ିଯିବାର ଆକୁଳପଣ ବାହୁନୁଥାଏ।

ଏକଥା ସତ,
ସବୁ ଭଲପାଇବା/ଅହଂକାର/
ଅଙ୍ଗୀକାର /ଘୃଣା/ ଆନନ୍ଦ/ବିଷାଦ
ଗୋଟିଏ ଜନ୍ମରେ ଭୋଗ ହୁଏନାହିଁ...
ସବୁ ଥାଏ ପୁଣି କିଛି ବି ନଥାଏ,
ଜମା ବାରି ହୁଏ ନାହିଁ।

ସାରା ପୃଥ୍ୱୀ ନିଶ୍ଚୁପ୍
ନିଶ୍ଚୁପ୍ ପୁଣି ଆକାଶ, ବତାସ, ସମୁଦ୍ର
ନିଶ୍ଚୁପ୍ ପୁଣି
ମାଟି ଆଉ ଜୀବନ ଜଞ୍ଜାଳ କୋହ...
ନିଶ୍ଚୁପ୍ ଏଠି, ସ୍ୱପ୍ନ ସାଥେ
ତାରା ଆଉ ଜହ୍ନ ତୋଳିବାର ମୋହ।

ହୁଏତ ପୁଣି କେଉଁଠି
ଚାରାଟିଏ ରୋପିହେବାର ଥାଏ...
ହୁଏତ ପୁଣି ଥରେ
ନୂଆ ଦୃଶ୍ୟ ସଜଡ଼ା ହେବାର ଥାଏ...
ଆଉ ତୁ ଥିବା ନ ଥିବାର ଲୁଚକାଳି ଖେଳରେ,
ମୁଁ ବିପର୍ଯ୍ୟସ୍ତ ବାଟୋଇଟିଏ,
ବାଉଳା ହୋଇପଡୁଥାଏ।

ପାର୍କ ପାରାଡାଇଜ୍ କଲୋନୀ,
ରଘୁନାଥପୁର, ଭୁବନେଶ୍ୱର
ମୋ: ୮୯୧୭୬୦୩୪୪୨

ଲଘୁ–କବିତା

### ମୋ ରାଣ

**ରାମଚନ୍ଦ୍ର ଦାଶ (ମଳୟ)**

ସମାଜ ଆଗରେ କେବେ କହିବନି
ଅଭାବରେ ଅଛି ବୋଲି,
ପଡ଼ୋଶୀ ଆଗରେ କହିବନି କେବେ
ଘରର ଗୁମର ଖୋଲି।

କେତେ ଧନବଳ ଅଛି ତୁମ ପାଖେ
ବନ୍ଧୁଙ୍କୁ ଜଣାଅ ନାହିଁ,
ଶତ୍ରୁ ଆଗେ କେବେ କହିବନି ଆଉ
ମୋ'ଘରେ ଏକତା ନାହିଁ।

କେତେ ଧନ ସଞ୍ଚି ରଖିବା ଖବର
ସେ କଥା ନ ଜାଣୁ ପୁଅ,
କେତେ ଋଣବୋଝ ଲଦା ତୁମ ମୁଣ୍ଡେ
ସେକଥା ବୁଝେନା ଝିଅ।

ମା' ଆଗେ କେବେ କହିବନି ଖୋଲି
ସ୍ତ୍ରୀର ଦୁର୍ଗୁଣ କଥା,
ବାପା ଆଗେ କେବେ କହିବନି ଖୋଲି
ନିଜ ପରାଜୟ ବ୍ୟଥା।

ମୋତେ ବେଶୀ ଭଲ ପାଉଛନ୍ତି ବାପା
କହିବନି ଭାଇ ଆଗେ,
ଏଇଟା କିଣିଲି ସେଇଟା କିଣିଲି
ଶୁଣିଲେ ଭଉଣୀ ମାଗେ।

ଶ୍ୱଶୁରଙ୍କ ଆଗେ କହିବନି କେବେ
ଟଙ୍କାଟେ ଉଧାର ଦିଅ,
ପତ୍ନୀଙ୍କୁ କେବେ କହିବନି ରାଗେ
ମୋ'ଘରୁ ବାହାରିଯାଅ।

ମୋ' ରାଣ ରହିଲା ଭୁଲିବନି କେବେ
ମୋର ଦୁଇ ପଦ କଥା,
ଭୁଲିଲେ ପାଇବ ମହାମନସ୍ତାପ
ସହିତ ମନରେ ବ୍ୟଥା।

ମୋ: ୭୬୮୩୮୨୬୦୨୫

### ତୁଠ ପଥର

**ମନୋରଞ୍ଜନ ଦାଶ**

ମୁଁ ଆକାଶ, ତୁମେ ଚନ୍ଦ୍ରମା
ଲୋଚିଯାଅ ମୋରି ଛାତିରେ...
ମୁଁ ସାଗର, ତୁମେ ତଟିନୀ
ମିଶିବାକୁ ମୋ' ସାଥେ ଆବେଗରେ...
ମୁଁ ସବୁଜିମା, ତୁମେ ବରଷା
ଭିଜେଇଦିଅ ମୋ' ସମଗ୍ର ଶରୀର
ମୁଁ ତୃଷାର୍ତ୍ତ, ତୁମେ ଜଳ
ଭରିଦିଅ ମୋ' ଜୀବନ
ମୁଁ ବସନ୍ତ, ତୁମେ ମଳୟ ପବନ
ଶିହରିଯାଏ ମୋ' ତନୁ ମନ।
ମୁଁ ସେଇ ତୁଠ ପଥର
ତୁମେ ମୋ ପୁଷ୍କରିଣୀ
ମୁଁ ନୁହେଁ ହତଭାଗା
ତୁମେ ନୁହଁ ହତଭାଗିନୀ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୯୪୩୭୩୧୭୭୨୨

## ପ୍ରଜାପତିର ମନ

**ପଦ୍ମାଳୟା ସାମଲ**

ଲଘୁଗଳ୍ପ



ରାଜେନ୍ଦ୍ର ଜେଜେଙ୍କ ନାଲି ଆଖିରେ ଆଦୌ ବିଚଳିତ ନଥିଲା ସୋନାଲି। ସ୍କୁଲରୁ ଫେରି ସବୁଦିନ ପରି ପିଜୁଳି ଗଛରେ ଚଢ଼ି ପିଜୁଳି ଖାଉଥିଲା ସେ। ଦାଣ୍ଡ ପାଚେରିକୁ ଲାଗିଥିବା ବାଡ଼ିରେ ଆଠ ଦଶଟି ପିଜୁଳି ଗଛରେ ନେନ୍ଥି ନେନ୍ଥି ହୋଇ ପିଜୁଳି ଝୁଲୁଥାଏ। ଏ ଗଛରୁ ସେ ଗଛକୁ ଚଢ଼ି ପିଜୁଳି ଖାଇବାର ମଜା ନେଉଥାଏ ସୋନାଲି।

ହଠାତ୍ ରାଜେନ୍ଦ୍ର ଜେଜେଙ୍କ ତାଗିଦ୍‌ରେ ଗଛ ଉପରୁ ତଳକୁ ଚାହିଁଲା ସୋନାଲି। ରାଜେନ୍ଦ୍ର ଜେଜେ ତା' ଉଦ୍ଦେଶ୍ୟରେ କହୁଥିଲେ– ଆରେ ହେ! ସେ ଗଛ ଉପରେ କିଏ ଚଢ଼ିଛି? ଭଲ ଗତି ଅଛି ତ ତଳକୁ ଓହ୍ଲେଇପଡ଼। ନଚେତ୍ ମୋ' ହାତରେ ଥିବା ବାଡ଼ି ଦେଖ। ଏଥିରେ ପିଟିପିଟି ତତେ ଘରେ ନେଇ ଛାଡ଼ିକି ଆସିବି। ତେବେ ବି ତାଙ୍କ କଥା କାନକୁ ନେଲା ନାହିଁ ସୋନାଲି। ଏଥର ଆଉ ଟିକେ ଚଢ଼ା ଗଳାରେ ରାଜେନ୍ଦ୍ର ଜେଜେ ଗର୍ଜିଲେ– ବୋପା ଗଛ ଭଳିଆ ଚଢ଼ିକି ଖାଉଚୁ, ଲାଜ ଲାଗୁନି ତତେ। ଭଲରେ ଭଲରେ ତଳକୁ ଆସିବୁ ନା ତୋ' ବାପାକୁ ଡାକିବି। ଏତେ ଯଦି ପିଜୁଳି ଖାଇବାର ଇଚ୍ଛା ନିଜ ବାଡ଼ିର ପିଜୁଳି ଗଛରେ ଚଢ଼ିକି ଖାଆ।

ରାଜେନ୍ଦ୍ର ଜେଜେଙ୍କ ଶେଷ ବାକ୍ୟରେ ସୁନା ପିଲାଟି ପରି ତଳକୁ ଓହ୍ଲେଇ ଆସିଲା ଆଠବର୍ଷର ଝିଅ ସୋନାଲି। ତେବେ ବି ବୁଝିପାରୁ ନଥାଏ ପଡ଼ିଶା ଘରର ଜେଜେ ଏମିତି ତାକୁ କାହିଁକି କହିଲେ। ନିଜ ବାଡ଼ିରେ ଥିବା ଗଛରେ ଚଢ଼ି ତ ପିଜୁଳି ଖାଉଥିଲା ସେ। ଘରକୁ ଆସି ଖଟ ଉପରେ ମୁହଁମାଡ଼ି ପଡ଼ି ରହିଲା ବାପାଙ୍କ ସ୍କୁଲରୁ ଫେରିବା ସମୟକୁ ଅପେକ୍ଷା କରି। ଦୁଇଦିନ ତଳର କଥା ତା'ର ମନେପଡ଼ିଲା। ଦୁଇଜଣ ଲୋକ ଆସି ବାପା ଏବଂ ରାଜେନ୍ଦ୍ର ଜେଜେଙ୍କ ଉପସ୍ଥିତିରେ ମାପଚୁପ କରୁଥିଲେ ଘର ସାମ୍ନାରେ ଥିବା ବାଡ଼ିକୁ। ସେଦିନ ସେ କୌତୂହଳରେ ବାପାଙ୍କୁ ପଚାରିଥିଲା– ''ବାପା! ଏମାନେ ଆମ ବାଡ଼ିକୁ କାହିଁକି ମାପୁଛନ୍ତି?'' ବାପାଙ୍କ ସଂକ୍ଷିପ୍ତ ଉତ୍ତର ଥିଲା– ''ତୁ ଛୋଟ ପିଲା, ସେସବୁ କିଛି ବୁଝି ପାରିବୁନି। ଘରକୁ ଯା।'' ବାପାଙ୍କ କଥା ମାନି ସେଦିନ ଘରକୁ ଫେରି ଆସିଥିଲା ସୋନାଲି। ହେଲେ ଆଜି ରାଜେନ୍ଦ୍ର ଜେଜେଙ୍କ କଡ଼ା କଥାରେ ତା' ଛାତି ଭିତରଟା ଯେମିତି କୋରି ହୋଇଯାଉଛି।

ସାଇକେଲ ଘଣ୍ଟିର ଟିଂ ଟିଂ ଶବ୍ଦରେ ସୋନାଲି ଜାଣି ପାରିଲା ବାପା ଆସି ପହଞ୍ଚିଗଲେ ଦାଣ୍ଡରେ। ବଡ଼ବଡ଼ ପାହୁଣ୍ଡ ପକେଇ ଦୌଡ଼ିଗଲା ଦାଣ୍ଡକୁ। ସୋନାଲିର ନିରସ ମୁହଁର ଭାଷାକୁ ପଢ଼ିନେଲେ ଶିକ୍ଷକ ସଦାନନ୍ଦ ବାବୁ। ଘର ଭିତରକୁ ଆସି ସଦାନନ୍ଦ ଝିଅର ମୁଣ୍ଡକୁ ଆଉଁସି ପଚାରିଲେ, ''ଆଜି ମୋ' ଗେହ୍ଲି ଝିଅର ମୁହଁଟା କାହିଁକି ଶୁଖିଲା ଦିଶୁଛି ଜାଣି ପାରେ କି?'' ବାପାଙ୍କ ପାଖକୁ ଲାଗିଯାଇ ସୋନାଲି ଚୁପିଚୁପି ପଚାରିଲା– ''ବାପା! ଆମ ଘର ସାମ୍ନାରେ ପାଚେରିକୁ ଲାଗିଥିବା ବାଡ଼ି ତ ଆମ ନିଜର ବାଡ଼ି ନା! ଜାଣିଛ ବାପା, ଆଜି ସ୍କୁଲରୁ ଫେରି ଆମ ଗଛରେ ଚଢ଼ି ପିଜୁଳି ଖାଉଥିଲି। ରାଜେନ୍ଦ୍ର ଜେଜେ ମତେ ରାଗିକି କହିଲେ ବୋପା ଗଛ ଭଳିଆ ଏଠି ପିଜୁଳିଗଛରେ ଚଢ଼ିକି ଖାଉଛୁ! ଓହ୍ଲା ତଳକୁ। ସେ ଏମିତି କାହିଁକି ମତେ କହିଲେ?''

ଝିଅର ପ୍ରଶ୍ନରେ ସଦାନନ୍ଦ ବାବୁ ତଳକୁ ମୁହଁ ପୋତି କିଛି ସମୟ ନିରୁତ୍ତର ରହିଲେ ଏବଂ ଧୀରେ କହିଲେ, ନାଇଁରେ ମା' ସେ ବାଡ଼ି ଆଉ ଆମ ବାଡ଼ି ହେଇକି ନାହିଁ।

ବାପାଙ୍କର ଦୁଇପଦ କଥା ତା'ର ଅନ୍ତର୍ମନକୁ ଚହଲେଇ ଦେଲା। ସୋନାଲି ସୁନାପିଲାଟି ପରି ବୁଝିଯାଇଥିଲା ସେ ବାଡ଼ି ଏବେ ରାଜେନ୍ଦ୍ର ଜେଜେଙ୍କର ହୋଇଯାଇଛି। ସଞ୍ଚିତ କୋହ ସବୁ ଟପ୍‌ଟପ୍ ତତଲା ଲୁହ ହୋଇ ନିଗିଡ଼ି ପଡ଼ିଲା ତା' ଆଖିରୁ। ଝରକା ଖୋଲି ଚାହିଁଲା ଘର ସାମ୍ନାରେ ଥିବା ବାଡ଼ିକୁ। ଯେଉଁଠି ପ୍ରତିଦିନ ସାନ ଭାଇ ସହ ମିଶି ସକାଳେ ସଞ୍ଜେ ପ୍ରଜାପତି ପରି ଏ ଗଛରୁ ସେ ଗଛକୁ ଡେଇଁ ଖେଳୁଥିଲା ସେ।

ମୋ: ୭୦୦୮୩୪୮୧୭୨


ଯୋଗାଯୋଗ: E-mail:dharitrisahityayana@gmail.com

## କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଜିଲା ଭାଜପା

ଅନୁଗୋଳ,୧୪।୧୧ (ମାନସ ବିଶ୍ୱାଳ)

ବିହାର ପ୍ରଦେଶର ନିର୍ବାଚନରେ ଭାଜପାର ବଡ଼ ବିଜୟ ହୋଇଛି। ବିହାର ନିର୍ବାଚନ ପରିଚାଳନା ଦାୟିତ୍ୱ ତଥା ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଥିବାରୁ ଏଥିପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ବୋଲି ଅନୁଗୋଳ ଜିଲା ଭାଜପା ପକ୍ଷରୁ କୁହାଯାଇଛି। ସେହିପରି ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିଜୟୀ ହୋଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ମଧ୍ୟ ଧନ୍ୟବାଦ ଦିଆଯାଇଛି। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ପୂର୍ବତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ପ୍ରତିମା ମିଶ୍ର, ପର୍ଶୁରାମ ବାରିକଙ୍କ ସମେତ ସମସ୍ତ ଜିଲା ପଦାଧିକାରୀ ଧନ୍ୟବାଦ ଜଣାଇଛନ୍ତି।

# ପ୍ରାକ୍ଟିସ ଆରମ୍ଭ କଲେ ମେଡିକାଲ କଲେଜ ଛାତ୍ରୀଛାତ୍ର

**ଅନୁଗୋଳରେ ମେଡିକାଲ ଶିକ୍ଷାର ନୂଆ ଅଧ୍ୟାୟ**

- ଟ୍ରମା ସେଣ୍ଟରରେ ପ୍ରଥମ ଦିନରୁ ପ୍ରଶିକ୍ଷଣ
- ବିଭିନ୍ନ ବିଭାଗ ପରିଦର୍ଶନ କଲେ ଶିକ୍ଷାର୍ଥୀ


ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜର ଟିଚିଂ ହସ୍ପିଟାଲ ଭାବେ ବ୍ୟବହୃତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାକ୍ଟିସ ଆରମ୍ଭ କରିଛନ୍ତି ଏମ୍‌ବିବିଏସ୍ ଛାତ୍ରୀଛାତ୍ର।

ଅନୁଗୋଳ,୧୪।୧୧(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲାରେ ମେଡିକାଲ ଶିକ୍ଷାର ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଅନୁଗୋଳର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲରେ ପାଠପଢ଼ା ଆରମ୍ଭ ହେବା ସହ ଏଠାରେ ଭର୍ତ୍ତି ହୋଇଥିବା ପ୍ରଥମ ବ୍ୟାଚ୍‌ର ଏମ୍‌ବିବିଏସ୍ ଛାତ୍ରୀଛାତ୍ର ଶୁକ୍ରବାରଠାରୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ଟ୍ରମା ସେଣ୍ଟରରେ ତାଙ୍କର ପ୍ରାକ୍ଟିକାଲ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ପ୍ରାକ୍ଟିସ ଆରମ୍ଭ ପୂର୍ବରୁ ଛାତ୍ରୀଛାତ୍ରମାନେ କଲେଜ ପ୍ରଶାସନ ସହ ଚିକିତ୍ସାଳୟ ପରିସରରେ ଗଛ ଲଗାଇ ପରିବେଶ ସୁରକ୍ଷାର ସନ୍ଦେଶ ପ୍ରଦାନ କରିଥିଲେ। ପରେ ସମ୍ମିଳନୀ ଗୃହରେ ପଢ଼ା ଶେଷ କରିବା ପରେ ଟ୍ରମା, ଅର୍ଥୋପେଡିକ୍ସ, ମେଡିସିନ, ସର୍ଜରି, ଗାଇନି, ପେଡିଆଟ୍ରିକ୍ସ, ଲ୍ୟାବ୍ ଓ ଡାଇଗ୍ନୋଷ୍ଟିକ ବ୍ଲକ୍ ସହିତ ସମସ୍ତ ବିଭାଗ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ଦିନରେ କେଉଁ ବିଭାଗରେ କେଉଁପ୍ରକାର ଶିକ୍ଷା ଏବଂ ପ୍ରାକ୍ଟିସ ହେବ ସେ ନେଇ ସ୍ପଷ୍ଟ ଧାରଣା ଦେଇଛି। ପ୍ରାକ୍ଟିସରେ ୱାର୍ଡ ରାଉଣ୍ଡ, ପେସେଣ୍ଟ ହିଷ୍ଟ୍ରି ନେବା, ରୋଗୀଙ୍କ ସହ ବ୍ୟବହାର, ମୂଳ ଚିକିତ୍ସା ପ୍ରକ୍ରିୟା ଓ ଚିକିତ୍ସା ଅନୁସନ୍ଧାନ ଭଳି ମୂଳ ଦକ୍ଷତା ସମ୍ପର୍କରେ ସେମାନେ ଅଭ୍ୟାସ କରିବେ। ସୂଚନାଯୋଗ୍ୟ, ତାଳଚେରସ୍ଥିତ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜରେ ଚଳିତବର୍ଷ ୧୦୦ ଆସନରେ ଛାତ୍ରୀଛାତ୍ରଙ୍କ ନାମଲେଖା ହୋଇଛି। ସେଥିରୁ ୮୫ ଜଣ ଓଡ଼ିଶାରୁ ଓ ବାକି ୧୫ ଜଣ ଅନ୍ୟ ରାଜ୍ୟରୁ ଭର୍ତ୍ତି ହୋଇଛନ୍ତି। ୨୦୧୮ରୁ ନିର୍ମାଣ ଆରମ୍ଭ ହୋଇଥିବା ଏହି ମେଡିକାଲ କଲେଜ ଚଳତବର୍ଷ କାର୍ଯ୍ୟକ୍ଷମ ହେବା ସହ ଜିଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି। ତେବେ ଏହି ମେଡିକାଲ କଲେଜର ଟିଚିଂ ହସ୍ପିଟାଲ ଭାବେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସ୍ତୁତ କରାଯାଇଛି। ପ୍ରଥମ ଦିନ ପ୍ରାକ୍ଟିସ ବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଡିନ୍ କମ୍ ଅଧ୍ୟକ୍ଷ ପ୍ରଫେସର ଡା. କୀର୍ତ୍ତିରେଖା ମହାପାତ୍ର ଓ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ତରଙ୍ଗିଣୀ ଦାସ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ତାଳଚେର,୧୪।୧୧(ମନୋଜ ନନ୍ଦ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ତାଳଚେରରେ ଏକ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର -୨୦୨୫ ସ୍ଥାନୀୟ ଯୁବରାଜ ହାଇସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ଏସ୍‌ଓ ନାରାୟଣ ମହାପାତ୍ର, ଏକଜିକ୍ୟୁଟିଭ ଇଞ୍ଜିନିୟର ସୁବାସ ଚନ୍ଦ୍ର ରଥ, ଏସ୍‌ଏସ୍‌ଏସ୍‌ଓ ବିନାଶିନୀ ନାଏକ, ବିଏସ୍‌ଏସ୍‌ଓ ପପୁ ବେହେରା, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସଙ୍ଗୀତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଅସ୍ଥି ଶଲ୍ୟରେ ୮୬ ଜଣ, ଦୃଷ୍ଟିବାଧିତ ସମସ୍ୟା ନେଇ ୪୩, ମେଡିସିନରେ ୫୨, ମାନସିକ ଅନଗ୍ରସର ଭାବେ ୪୯, ଇଏନ୍‌ଟିରେ ୪୧ ଜଣ, ଶିଶୁବିଭାଗରେ ୩୮ ଜଣ, ମ୍ୟୁନିସିପାଲିଟି୩୪ ଜଣ ଏବଂ ଅନ୍ୟାନ୍ୟ ଯୋଜନା ପାଇଁ ୩୬ ଜଣଙ୍କୁ ମିଶାଇ ମୋଟ ୩୭୯ ଜଣ ଭିନ୍ନକ୍ଷମ ବ୍ୟକ୍ତି ନାମ ପଞ୍ଜୀକୃତ କରିଥିଲେ। ବିଭିନ୍ନ ଚିକିତ୍ସା ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିଲେ।

## ଜାତୀୟସ୍ତରୀୟ ଜୁଡ଼ୋ ପ୍ରତିଯୋଗିତାରେ ଅନୁଗୋଳର ଆୟୁଷ


ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ଆୟୁଷଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ଅନୁଗୋଳ ବିଧାୟକ।

ଅନୁଗୋଳ,୧୪।୧୧ (ମାନସ ବିଶ୍ୱାଳ)

ହାଇଦ୍ରାବାଦଠାରେ ଆସନ୍ତା ୧୭ ତାରିଖଠାରୁ ଆରମ୍ଭ ହେବାକୁ ଯାଉଛି ଜାତୀୟସ୍ତରୀୟ ଜୁଡ଼ୋ ପ୍ରତିଯୋଗିତା। ଉକ୍ତ ପ୍ରତିଯୋଗିତାରେ ଭାଗ ନେବାକୁ ଅନୁଗୋଳ ଜିଲା ଓଡିଏମ୍ ସ୍କୁଲର ନବମ ଶ୍ରେଣୀ ଛାତ୍ର ଆୟୁଷ ପ୍ରଧାନ ମନୋନୀତ ହୋଇଛନ୍ତି। ଆୟୁଷ ପୂର୍ବରୁ ରାଜ୍ୟସ୍ତରୀୟ ଜୁଡ଼ୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଆୟୁଷଙ୍କୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। ଅନୁଗୋଳ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଅନୁଗୋଳ ଜିଲା ଜୁଡ଼ୋ ସଂଘ ସମ୍ପାଦକ ସୁଧାଂଶୁ ପଣ୍ଡା, ଉପସଭାପତି ପର୍ଶୁରାମ ଦାଶ, ଶକ୍ତି ପ୍ରାସାଦ ପଟ୍ଟନାୟକ, ପ୍ରଦୀପ କୁମାର ଦେବତା, ନିର୍ମଳ ଅଗ୍ରୱାଲ ଶୁଭଛା ଜଣାଇବା ସହ ସଫଳତା କାମନା କରିଛନ୍ତି। ଆୟୁଷ ଜିଲା ସହ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ଠାରୁ ଶିକ୍ଷା ଲାଭ କରୁଛନ୍ତି।

# ପୋଲିସ କବ୍‌ଜାରେ ବ୍ରାଉନସୁଗାର ଯୋଗାଣକାରୀ

ଅନୁଗୋଳ,୧୪।୧୧(ଜ୍ୟୋତିରଞ୍ଜନ ସାହୁ)



ପୋଲିସ ହେପାଜରେ ଥିବା ୨ ଅଭିଯୁକ୍ତ।

ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ଥିବା ବେଆଇନ ନିଶାଦ୍ରବ୍ୟ ବ୍ୟବସାୟୀଙ୍କୁ ବ୍ରାଉନସୁଗାର୍ ଯୋଗାଉଥିବା ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଖା ଗାଁର ଏସ୍.କେ.ସିରାଜୁଲ(୩୫)ଙ୍କ ଗିରଫ କରିଛି ଅନୁଗୋଳ ପୋଲିସ। ଗତ ଅକ୍ଟୋବର ୨୨ ତାରିଖରେ ପୋଲିସ ଟାଉନ ହାଇସ୍କୁଲ ସମ୍ମୁଖରେ ଥିବା ଭେଣ୍ଡିଂଜୋନ ନିକଟରେ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଜଣେ ଅଭିଯୁକ୍ତ ପରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଜେରା ସମୟରେ ଗିରଫ ଅଭିଯୁକ୍ତମାନେ ଏସ୍.କେ. ସିରାଜୁଲଙ୍କ ପାଖରୁ ଏହି ବ୍ରାଉନସୁଗାର୍ ଆଣିଥିବା କହିଥିଲେ। ପରେ ପୋଲିସ ଏ ନେଇ ଅଧିକ ପ୍ରମାଣ ମଧ୍ୟ ପାଇଥିଲା। ଶେଷରେ ଏହି ମାମଲାରେ ପୋଲିସ ଏସ.କେ. ସିରାଜୁଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ୨୦୨୪ ମସିହା ଜାନୁଆରୀରେ ହେମସୁରପଡ଼ା ଅଞ୍ଚଳରେ ପୋଲିସ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କୁ ପଚରାଉଚରା ସମୟରେ ସେମାନେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଶାସନବଦା ଗାଁର ମମିନ ଖାଁ ଓରଫ ଚାଚି(୨୨)ଙ୍କ ପାଖରୁ ଏହି ବ୍ରାଉନସୁଗାର୍ ଆଣିଥିବା କହିଥିଲେ। ଏହି ମାମଲାରେ ପୋଲିସ ମମିନ ଖାଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଦୃଢ଼ମନା ହୋଇ କାର୍ଯ୍ୟ କଲେ ଲକ୍ଷ୍ୟ ହାସଲ କରିହେବ

ଅନୁଗୋଳ,୧୪।୧୧(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହରସ୍ଥିତ ରୋଟାରି ପବ୍ଲିକ ସ୍କୁଲରେ ଶୁକ୍ରବାର ଶିଶୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚଳିତବର୍ଷର ଓଏଏସ୍ ଟପ୍ପର ପ୍ରିୟାଂଶୁ ପାଲ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦୃଢ଼ମନା ହୋଇ କାର୍ଯ୍ୟ କଲେ ଲକ୍ଷ୍ୟ ହାସଲ ସରଳ ଏବଂ ସହଜ ହେବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଏବଂ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପଲତା ଦାଶ ଯୋଗଦେଇ ଶିଶୁ ଦିବସର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଇଣ୍ଟରଆକ୍ଟ କ୍ଲବ ତରଫରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ଆନନ୍ଦବଜାର ଓ ଖାଦ୍ୟ ମେଳା ମୁଖ୍ୟଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନିର୍ମଳ କୁମାର ମିଶ୍ରଙ୍କ ସମେତ ନିଖିଲ ରଞ୍ଜନ ମିଶ୍ର, ସଇଲେନ ମିଶ୍ର, ସରୋଜ ସାହୁ, ସୁଜିତ ସାହୁ, ଅଭିଷେକ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।



ରୋଟାରି ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳନ ଅବସରରେ ଅତିଥିମାନେ।

# ଶିଶୁଙ୍କ ନୈତିକ ଶିକ୍ଷା ଦିଗରେ ଯତ୍ନବାନ୍ ହେବା ଆବଶ୍ୟକ



ଶିଶୁଦିବସ ପାଳନ ଅବସରରେ ମଞ୍ଚାସୀନ ବିଚାରପତି ଓ ଅନ୍ୟମାନେ।

ଆଠମଲ୍ଲିକ,୧୪।୧୧(ଉଦୀପ୍ତ ପୁରୋହିତ)

ତାଲୁକ ଆଇନ ସେବା କମିଟି ଆଠମଲ୍ଲିକ ତରଫରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୂତାର, ଏସ୍‌ଡିଜେଏମ୍ ଶିଳ୍ପନ ରଏ, ଆଠମଲ୍ଲିକ ବାର୍ ଆସୋସିଏଶନ ସଭାପତି ସୁଶାନ୍ତ କୁମାର ମହାପାତ୍ର, ପ୍ରଧାନ ଶିକ୍ଷକ ଚିଦାନନ୍ଦ ସେଠୀ ପ୍ରମୁଖ ଯୋଗଦେଇ ଆଜିର ଶିଶୁ କାଲିର ଭବିଷ୍ୟତ ହୋଇଥିବାରୁ ଶିଶୁମାନଙ୍କୁ ସମସ୍ତେ ଆଦରର ସହିତ ଶିକ୍ଷା, ନୈତିକ ଶିକ୍ଷା ଦେବାକୁ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ର ଭାଗ ନେବା ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭାଜପାର ବିଜୟ ଉତ୍ସବ ପାଳନ


ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି।

ବଇଣ୍ଡା,୧୪।୧୧(ପରିକ୍ଷିତ ସାହୁ)

ନୂଆପଡ଼ା ଓ ବିହାରରେ ଭାଜପାର ବିଜୟକୁ ନେଇ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଶୁକ୍ରବାର ବିଜୟ ଉତ୍ସବ ପାଳନ ହୋଇଯାଇଛି। ଜିଲା ଭାଜପା ଉପସଭାପତି ଅର୍ଜୁନ କୁମାର ସାହୁଙ୍କ ନେତୃତ୍ୱରେ ଭାଜପା ନେତା ରାଜେନ୍ଦ୍ର ସାହୁ, ଧ୍ରୁବ ଚରଣ ସାହୁ, ମଳୟ ସାହୁ, ଦୀପକ ବେହେରା, ରାଜେନ୍ଦ୍ର ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗଦେଇ ଏହି ବିଜୟ ଉତ୍ସବ ପାଳନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଲୋକେ ଭାଜପାକୁ ଜିତାଇଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଛେଣ୍ଡିପଦା, ୧୪।୧୧ (ଅଜିତ୍ ଧଳ)

ଛେଣ୍ଡିପଦା ବ୍ଲକ ବାଲିପଟା ମେଡିକାଲ ପଡ଼ିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ମତ୍ସ୍ୟ ଅଧିକାରୀ, ସମ୍ବଲପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ ଓ ବ୍ଲକ୍ ପ୍ରତିନିଧି ବିଜୟ କୁମାର ମାଝୀ, ସରପଞ୍ଚ ସୁଦାମ ପ୍ରଧାନ, ଆତ୍ମା ଅଧ୍ୟକ୍ଷ ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ଅତିରିକ୍ତ ପ୍ରାଣୀସମ୍ପଦ ଅଧିକାରୀ ଡା. ପ୍ରତାପ କୁମାର ପଟ୍ଟନାୟକ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଜୟଶ୍ରୀ ଛତରିଆ, ସିଏସ୍‌ଆର୍ ପ୍ରବନ୍ଧକ ଜୟନ୍ତ କୁମାର ମହାନ୍ତି, ପ୍ରାଣୀସମ୍ପଦ ଉପ ନିର୍ଦ୍ଦେଶକ ଡା.କେଶବ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଛେଳି, କୁକୁଡ଼ା, ଗୋପାଳନ, ମତ୍ସ୍ୟ ଚାଷ ସମ୍ପର୍କିତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ୧୦ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨ଜଣ ଚାଷୀଙ୍କୁ ସବ୍‌ସିଡି ଅର୍ଥ ପ୍ରଦାନ କରାଯାଇଥିଲା।


**ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ଯୋଧପୁର**
(ଏକ ଜାତୀୟ ମହତ୍ତ୍ୱଧାରୀ ଅନୁଷ୍ଠାନ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର)
ଏନ୍‌ଏଚ୍ ୬୨, ନାଗୌର ରୋଡ୍, କରୱାର, ଯୋଧପୁର, ରାଜସ୍ଥାନ - ୩୪୨୦୩୦
ବିଜ୍ଞାପନ ସଂଖ୍ୟା: ଆଇଆଇଟିଜେ/ଓଆର୍(ଏନ୍‌ଏଫ୍)/୨୦୨୫-୨୬/୬୨

**ରେଜିଷ୍ଟ୍ରାର ପଦବୀ ପାଇଁ ନିଯୁକ୍ତି**

ରେଜିଷ୍ଟ୍ରାର (କାର୍ଯ୍ୟକାଳ/ଡେପୁଟେଶନରେ) ପଦବୀ ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଉଛି । ଅନ୍‌ଲାଇନ୍ ଆବେଦନ ଦାଖଲ ପ୍ରକ୍ରିୟା ୧୭ ନଭେମ୍ବର, ୨୦୨୫ଠାରୁ ଆରମ୍ଭ ହେବ ଏବଂ ୦୮ ଡିସେମ୍ବର, ୨୦୨୫ରେ ସମାପ୍ତ ହେବ ।
ସବିଶେଷ ବିଜ୍ଞାପନ ଏବଂ ଅନ୍‌ଲାଇନ ଆବେଦନ ଫର୍ମ ପ୍ରତିଷ୍ଠାନର ୱେବ୍‌ସାଇଟ୍ - www.iitj.ac.inରେ ଉପଲବ୍ଧ ।
CBC 21305/12/0005/2526 ସ୍ୱା./- ରେଜିଷ୍ଟ୍ରାର (ଓଏଫ୍‌ଏଫ୍‌ଜି.)



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍‌ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ (୨)ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୯୬ ତାରିଖ: ୦୪।୧୧।୨୦୨୫
ସନ୍ଦର୍ଭ: କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ (୨) ଅଧୀନରେ ଓଡ଼ିଶା ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୭୮୪୯୨୬୨ | ୟୁ୪୭୯୧୨ଓଡି୨୦୨୪ପିଟିସି୦୪୪୭୨୮ | ଗିପ୍ପି ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୮୫୧୭୨୨୧ | ୟୁ୨୪୨୩୨ଓଆର୍୨୦୧୨ପିଟିସି୦୧୫୨୭୪ | ଜିଆର୍‌ଏସ୍ ଲାବୋରେଟୋରିଜ୍ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0462/2526



**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
UPPER KOLAB HYDRO ELECTRIC PROJECT
AT/PO : BARINPUT, DIST-KORAPUT-764006, ODISHA
PHONE : (06854)242001, FAX-(06854)242093, e-mail : sgmel.ukhep@gmail.com
CIN : U40101OR1995SGC003963

**TENDER CALL NOTICE NO. UKHEP-33/2025-26, DATED. 12.11.2025**

**No.CAD-2306 :** Sealed tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers for "Manufacturing & Supply of New designed M56 Eccentric Pin and Link Pin with M56 Matching Nut and self-lubricated Bush for UKHEP, Bariniput, Dist:Koraput, Odisha" and supplied such spares of guide apparatus (50MW or More) to any Govt. owned Hydro Power Plants in the last three years and having annual turnover more than 1 Crore.

| Sl No. | Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Manufacturing & supply of New designed M56 Eccentric Pin with M56 Matching Nut and Self Lubricated Bush for UKHEP, Bariniput | 7080/- (Rs.6000/-+18% GST) | 12800/- |

The sale of Tender Paper will be from : **From Dt.17.11.25 to 11:00 Hrs of Dt.01.12.2025**
The last date & time of receipt of Tender : **12:00 Hrs of Dt.01.12.2025**
The date and time of opening of Tender : **At 12:30 Hrs of Dt.01.12.2025**
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

Sd./- C&P Head
Upper Kolab H.E.Project
Bariniput
OIPR-



**OFFICE OF THE NOTIFIED AREA COUNCIL, CHANDBALI**
Pin:- 756133 (Odisha), E-mail:chandbali.nac@gmail.com
No.C-1454 **PAPER TENDER NOTICE**
Tender Call Notice No.2945/CN-01-2025-26, Date:11.11.2025

1. Name of the Work : Individual Civil Construction works as published the Chandbali NAC website i.e. www.chandbalinac.in
2. No. of Works put to tender : 81 Nos.individual works
3. Estimated Cost : Varies from Rs.1,50,000.00 to Rs.5,00,000.00 (including GST)
4. Period of Completion : Varies from 15 days to 30 Days.
5. Date and Time of availability of bid document at the Municipality Office : From 11.00 hours of Dt.15.11.2025 to 17.30 hours of Dt.27.11.2025
6. Last date/time for receipt of bids : 17.30 hours of Dt.28.11.2025
7. Date and time of opening of bid : 11.00 hours of Dt.29.11.2025
8. Namd and address of the Officer Inviting Bid : Executive Officer, Chandbali NAC

Further details can be seen from the Chandbali NAC website www.chandbalinac.in
OIPR- Sd./-Executive Officer,Chandbali NAC



**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୪୧, ତାରିଖ: ୧୪।୧୧।୨୦୨୫ ।
''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ (₹) |
|---|---|---|---|---|---|
| ୧ | ୪୦୨୫୩୧୦୫ | ୦୨।୧୨।୨୦୨୫ | କପର୍ କେବୁଲ୍, ୯୫ ବର୍ଗ ମିମି, ସିଙ୍ଗଲ୍ କୋର୍ ଷ୍ଟ୍ରାଣ୍ଡେଡ୍ ଆନିଲ୍‌ଡ ଟିନ୍ କୋଟେଡ୍ ଇ-ବିମ୍ ଇରାଡିଏଟେଡ୍ କ୍ରସ୍ ଲିଙ୍କ୍‌ଡ ପଲିଓଲେଫିନ୍ ଇନ୍‌ସୁଲେଟେଡ୍ କେବୁଲ୍ ଯାହା ୧.୮/୩ କେଭି ଗ୍ରେଡ୍ ଆଦି ପାଇଁ ଉପଯୁକ୍ତ | ୧୭୨୦୦ ମିଟର | ୪,୯୪,୭୬୦ |
| ୨ | ୩୮୨୫୩୯୧୦ | ୨୮।୧୧।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ଆଦି ପାଇଁ ଅପ୍‌ଗ୍ରେଡେଡ୍ ହାଇ କାପାସିଟି ଡ୍ରାଫ୍ଟ ଗିୟର୍ | ୫୧୦୦ ଗୋଟି | ୨୦,୦୦,୦୦୦ |
| ୩ | ୩୮୨୫୪୦୭୮ବି | ୦୮।୧୨।୨୦୨୫ | ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ ଡିଜାଇନ୍-ବି, ଆଦି | ୧୩୪୦୦ ଗୋଟି | ୭,୯୮,୮୨୦ |
| ୪ | ୩୩୨୫୫୦୨୩ | ୧୫।୧୨।୨୦୨୫ | ପାୱାର କାର୍‌ଗୁଡ଼ିକର ଡିଏ ସେଟ୍ସ ପାଇଁ ରେଡିଏଟର ଆସେମ୍ବ୍ଲି | ୦୪ ଗୋଟି | ୧,୩୨,୮୦୦ |
| ୫ | ୨୯୨୫୪୮୪୮ସି | ୨୧।୧୧।୨୦୨୫ | ସିଲିକନ୍ ଇମ୍ପ୍ରେଗ୍ନେଟିଂ ରେଜିନ୍ ସିଲ୍‌ରେସ୍ ଏଚ୍୬୨ସି ୧୫୨୩ | ୧୫୨୩ ଗୋଟି | ୧,୧୭,୮୨୦ |
| ୬ | ୨୯୨୫୫୧୦୪ଏ | ୨୪।୧୧।୨୦୨୫ | ଜିର୍କୋନିୟମ୍ କପର୍ ପଞ୍ଚଡ୍ ଡିଜାଇନ୍ ରେଜିଷ୍ଟାନ୍ସ ରିଙ୍ଗ୍ ଆଦି ବ୍ୟବହାର କରୁଥିବା କମ୍ପ୍ଲିଟ୍ ରୋଟର୍ | ୧୦ ଗୋଟି | ୧,୫୩,୪୦୦ |
| ୭ | ୨୫୨୫୧୨୭୩ | ୦୧।୧୨।୨୦୨୫ | ଇଣ୍ଟରମିଡିଏଟ୍ ଓଭରହଲିଂ (ଆଇଓଏଚ୍) ରିପ୍ଲେସ୍‌ମେଣ୍ଟ କିଟ୍ ଆଦି | ୨୦୯ ସେଟ୍ | ୨,୯୭,୧୮୦ |
| ୮ | ୨୫୨୫୩୭୩୬ | ୦୧।୧୨।୨୦୨୫ | ଡବ୍ଲ୍ୟୁଏଜିୱି ଲୋକୋର କମ୍ପେନ୍‌ସେଟିଂ ବିମ୍ ମଡିଫାଏଡ୍ ଆଦି | ୧୫୯ ଗୋଟି | ୧,୩୮,୪୬୦ |
| ୯ | ୨୯୨୫୫୦୨୯ସି | ୧୦।୧୨।୨୦୨୫ | କନ୍‌ଭର୍ଟର/ଟ୍ରାନ୍ସଫର୍ମର୍ ପାଇଁ ଅଏଲ୍ କୁଲର୍ ରେଡିଏଟର୍ ଆଦି | ୮୬ ଗୋଟି | ୮,୨୪,୬୨୦ |
| ୧୦ | ୨୯୨୫୧୩୧୮ଏ | ୧୦।୧୨।୨୦୨୫ | କନ୍‌ଭର୍ଟର୍ ପାଇଁ ଅଏଲ୍ କୁଲର୍ ରେଡିଏଟର୍ | ୭୩ ଗୋଟି | ୬,୫୪,୬୬୦ |
| ୧୧ | ୫୦୨୫୫୦୧୫ | ୧୦।୧୨।୨୦୨୫ | ୪୮ ଓଏଫ୍‌ସି ଆଦିର ଯୋଗାଣ ପାଇଁ ରନିଂ କଣ୍ଟ୍ରାକ୍ଟ | ୩୪୦ କିମି | ୪,୦୩,୬୦୦ |
| ୧୨ | ୩୩୨୫୩୪୫୮ଏ | ୨୩।୧୨।୨୦୨୫ | ବ୍ରେକ୍ କାଲିପର ୟୁନିଟ୍ ରାଇଟ୍ ଭର୍ସନ୍ ଆଦି | ୪୮ ଗୋଟି | ୧,୯୪,୨୦୦ |
| ୧୩ | ୩୦୨୫୩୦୮୭ଏ | ୧୭।୧୨।୨୦୨୫ | ସିଓଏ ସହ ଫିଟ୍ ହୋଇଥିବା ସିବିସିର ସପୋର୍ଟିଂ ଡିଭାଇସ୍ | ୪୪୯ ଗୋଟି | ୧,୯୦,୬୨୦ |
| ୧୪ | ୩୩୨୫୩୦୧୨ଏ | ୧୨।୧୨।୨୦୨୫ | ବଲ୍ କଏଣ୍ଟ ଟ୍ରାକ୍ସନ୍ ଲିଭର୍ | ୬୧୪୦ ଗୋଟି | ୧,୨୭,୦୮୦ |
| ୧୫ | ୩୩୨୫୩୪୬୩ଏ | ୨୯।୧୨।୨୦୨୫ | ବ୍ରେକ୍ କାଲିପର ୟୁନିଟ୍ ଲେଫ୍ଟ ଭର୍ସନ୍ ଆଦି | ୪୪ ଗୋଟି | ୧,୭୮,୫୪୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-840)



बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ୍: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।
ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ପରିଚାଳନା ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ବାଲଗୋପାଳ ମିନେରାଲ୍ସ, ପରିଚାଳନା ନିର୍ଦ୍ଦେଶକ: ଦିନେଶ ଅଗ୍ରୱାଲ (ବନ୍ଧକଦାତା), ପିତା: ହରିରାମ ଅଗ୍ରୱାଲ, ଠିକଣା-୧: ମୁନିସିପାଲ ଅଫିସ୍ ନିକଟ, ସା/ପୋ: ଯୋଡା, କେନ୍ଦୁଝର - ୭୫୮୦୩୪, ଠିକଣା-୨: କ୍ରୀଷ୍ଣା କୁଞ୍ଜ, ଓଲ୍ଡ ମୁନିସିପାଲ ଅଫିସ୍ ନିକଟ, ଭିଉପଏଣ୍ଟ ହୋଟେଲ ନିକଟ, ବନସାପାଣି ରୋଡ, ଯୋଡା, କେନ୍ଦୁଝର-୭୫୮୦୩୪ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶୁଭେନ୍ଦୁ ପଟ୍ଟନାଏକ, ପିତା: ଶ୍ରୀ ସନ୍ତୋଷ ପଟ୍ଟନାଏକ, ଯୋଡା ବସ୍ତି, ଯୋଡା, କେନ୍ଦୁଝର - ୭୫୮୦୩୪, ୨) ଶ୍ରୀ କମଳ କୁମାର ପାତ୍ର, ସହିଦନଗର, ଯୋଡା, କେନ୍ଦୁଝର - ୭୫୮୦୩୪, ୩) ଶ୍ରୀ ମୁନ୍ନା ବେହେରା, ପିତା: ଶ୍ରୀ କିର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ଟେରେସା ସ୍କୁଲ ନିକଟ, ଯୋଡା, କେନ୍ଦୁଝର - ୭୫୮୦୩୪ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ପ୍ଲଟ୍ ନଂ.: ୪୫, ଖାତା ନଂ.: ୨୯/୧୪, କ୍ଷେତ୍ର: ଏକର ୧.୩୭ ଡିସିମିଲି, ମୌଜା: ଜଜହରି, ତହସିଲ: ବଡବିଲ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୨,୭୭,୨୩,୧୭୫/- + (ଲାଗୁ ହୋଇନଥିବା ପ୍ରଯୁଜ୍ୟ ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ଦେୟ ତା.୦୯.୦୮.୨୦୨୫ ସୁଦ୍ଧା ଟ.୧୨,୬୫,୦୭,୬୫୨.୪୨ + ଦେୟ ଏବଂ ଖର୍ଚ୍ଚ | ୦୫.୧୨.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୭,୪୦,୦୦୦/- / ଟ.୨,୭୪,୦୦୦/- / ଟ.୧୫,୦୦୦/- | ଭୌତିକ | ୦୩.୧୨.୨୦୨୫ (ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | ଋଣଗ୍ରହୀତା: ମେସର୍ସ ସିଦ୍ଧେଶ୍ୱର ଫିଲିଙ୍ଗ୍ ଷ୍ଟେସନ, ସ୍ୱତ୍ୱାଧିକାରୀ: ଶ୍ରୀ ଶୁଭ୍ରଙ୍କ ଲେଙ୍କା, ପିତା: ଯୋଗେଶ୍ୱର ଲେଙ୍କା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସରିତା କର, ସ୍ୱାମୀ: ଶ୍ରୀ ଶୁଭ୍ରଙ୍କ ଲେଙ୍କା, ଉଭୟଙ୍କ ଠିକଣା- ସା: କୁଣ୍ଡୁପୁର, ପୋ: ହଳଦିଆପଡା, ଥାନା: ବସ୍ତା, ଜିଲ୍ଲା: ବାଲେଶ୍ୱର-୭୫୬୦୨୯ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ଖାତା ନଂ.: ୪୫୪/୧୧୯, ପ୍ଲଟ୍ ନଂ.: ୭୫୩, କ୍ଷେତ୍ର: ଏକର୦.୧୦୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୭୫୨, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ମୌଜା: କୁଣ୍ଡୁପୁର, ଥାନା: ବସ୍ତା, ଜିଲ୍ଲା: ବାଲେଶ୍ୱର, ସମୁଦାୟ ୧ଟି ମୌଜା, ୧ଟି ଖାତା, ୨ଟି ପ୍ଲଟ୍ ଏବଂ ସମୁଦାୟ କ୍ଷେତ୍ର: ଏକର୦.୨୧୦ ଡିସିମିଲି | ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୧୪,୭୪,୭୨୨/- + (ଲାଗୁ ହୋଇନଥିବା ପ୍ରଯୁଜ୍ୟ ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ଦେୟ ତା.୧୧.୧୦.୨୦୨୫ ସୁଦ୍ଧା ଟ.୬୩,୩୨,୨୭୭.୫୫ + ଦେୟ ଏବଂ ଖର୍ଚ୍ଚ | ୨୨.୧୨.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୫,୨୫,୦୦୦/- / ଟ.୫୨,୫୦୦/- / ଟ.୧୫,୦୦୦/- | ଭୌତିକ | ୨୦.୧୨.୨୦୨୫ (ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : https://www.bankofbaroda.bank.in/e-auction.htm ଏବଂ https://baanknet.com ଦେଖନ୍ତୁ । ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ:
କ୍ର.ନଂ. ୧ ନିମନ୍ତେ: ତା.୦୫.୧୨.୨୦୨୫ ଏବଂ କ୍ର. ନଂ. ୨ ନିମନ୍ତେ: ୨୨.୧୨.୨୦୨୫ ଅପରାହ୍ନ ୬.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୧୪.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତୀୟ ଦଳରେ ଓଡ଼ିଶାରୁ ୪



ଓଡ଼ିଶାର ୪ ଖେଳାଳି ଅନମୋଲ ଏକ୍କା, ରୋହିତ କୁଲୁ, ଅଦ୍ରୋହିତ ଏକ୍କା ଓ ରୋଶନ କୁଜୁର।

**ନୂଆଦିଲ୍ଲୀ, ୧୪।୧୧(ପି.ଟି.)**

### ଜୁନିୟର ହକି ବିଶ୍ୱକପ୍

ତାମିଲନାଡୁରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ହେବାକୁଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍ ପାଇଁ ଶୁକ୍ରବାର ୧୮ଜଣିଆ ଜୁନିୟର ପୁରୁଷ ହକି ଦଳ ଘୋଷଣା କରାଯାଇଛି। ଡ୍ରାଗ୍‌ଫ୍ଲିକର ରୋହିତ୍‌ଙ୍କୁ ଦଳର ଅଧିନାୟକ ଘୋଷଣା କରିଛି ହକି ଇଣ୍ଡିଆ। ଏହି ଦଳରେ ଓଡ଼ିଶାର ୪ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଅନମୋଲ ଏକ୍କା, ରୋହିତ କୁଲୁ, ଅଦ୍ରୋହିତ ଏକ୍କା ଓ ରୋଶନ କୁଜୁର। କିମ୍ବଦନ୍ତୀ ପି.ଆର୍. ଶ୍ରୀଜେଶଙ୍କଠାରୁ କୋଚିଂ ନେଉଥିବା ଭାରତୀୟ ଦଳ ପୁଲ୍‌'ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଥିବା ଅନ୍ୟ ଦେଶଗୁଡ଼ିକ ହେଲେ ଚିଲି, ସୁଇଜରଲାଣ୍ଡ ଏବଂ ପାକିସ୍ତାନ ବଦଳରେ ଟୁର୍ନାମେଣ୍ଟରେ ସ୍ଥାନ ପାଇଥିବା ଓମାନ୍। ସୂଚନାଯୋଗ୍ୟ, ଡିଫେଣ୍ଡର ରୋହିତ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ନିକଟରେ ମାଲେସିଆରେ ଅନୁଷ୍ଠିତ ସୁଲ୍‌ତାନ ଅଫ୍ ଜୋହର କପ୍‌ରେ ଭଲ ପ୍ରଦର୍ଶନକରି ରୌପ୍ୟ ଜିତିଥିଲା।

ବିକ୍ରମ୍‌ଜିତ ସିଂ ଓ ପ୍ରିନ୍ସଦୀପ ସିଂଙ୍କୁ ଦଳରେ ଗୋଲ୍‌କିପର ଭାବେ ନିଆଯାଇଛି। ରୋହିତ୍ ଓ ଅମିର ଅଲି ଭାରତର ଡିଫେନ୍ସର ଅଂଶବିଶେଷ ରହିବେ। ଜୁନିୟର ବିଶ୍ୱକପ୍‌ର ଗତ ସଂସ୍କରଣରେ ଦୁହେଁ ଖେଳିଥିଲେ। ଏମାନଙ୍କ ବ୍ୟତୀତ ବ୍ୟାକ୍ ଲାଇନ୍‌ରେ ଅଭିଜ୍ଞ ଅନ୍‌ମୋଲ ଏକ୍କା, ରବନୀତ ସିଂ, ଟାଲେମ ପ୍ରିୟୋ ବାର୍ଟା, ସୁନୀଲ ପାଲାକ୍ଷାପ୍ପା ବେନୁର ଓ ଶ୍ରଦ୍ଧାନନ୍ଦ ତିୱାରୀ ପ୍ରମୁଖ ରହିଛନ୍ତି। ଭାରତର ମିଡ୍‌ଫିଲ୍ଡ ପାଇଁ ଅଙ୍କିତ୍ ପାଲ୍, ରୋହିତ କୁଲୁ, ଆଦ୍ରୋହିତ ଏକ୍କା, ଥାନାଓଜାମ ଇଙ୍ଗାଲେମ୍ବା ଲୁୱାଙ୍ଗ, ମନମିତ୍ ସିଂ ଓ ରୋଶନ କୁଜୁରଙ୍କୁ ମନୋନୀତ କରାଯାଇଥିବା ବେଳେ ଫରୱାର୍ଡ ଲାଇନ୍ ପାଇଁ ସୌରଭ ଆନନ୍ଦ କୁଶ୍ୱାହା, ଅର୍ଶଦୀପ ସିଂ, ଅଜିତ୍ ଯାଦବ, ଦିଲରାଜ ସିଂ ଓ ଗୁରଜୋତ୍ ପ୍ରମୁଖଙ୍କୁ ଦଳରେ ନିଆଯାଇଛି। ଗୁର୍‌ଜୋତ ଗତବର୍ଷ ଚାଇନାରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ସିନିୟର ଦଳରେ ତାଙ୍କର ପ୍ରଥମ ପଦାର୍ପଣ କରିଛନ୍ତି। ଭାରତୀୟ ଦଳ କିନ୍ତୁ ଅଭିଜ୍ଞ ଅରାଇଜିତ୍ ସିଂ ହୁଣ୍ଡାଲଙ୍କ ଅନୁପସ୍ଥିତି ଅନୁଭବ କରିବ। ତାଙ୍କ କାନ୍ଧରେ ଆଘାତ ଲାଗିଥିବାରୁ ସେ ଜୁନିୟର ବିଶ୍ୱକପ୍‌ରେ ଖେଳିପାରିବେ ନାହିଁ।

# ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଅବସର

**ଭୁବନେଶ୍ୱର, ୧୪।୧୧ (ତପନ ସ୍ୱାଇଁ)**



ଓଡ଼ିଶାର ମିଡିୟମ ପେସ୍‌ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ଶୁକ୍ରବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୧୬ ବର୍ଷରୁ କମ୍ କ୍ରିକେଟଠାରୁ ଆରମ୍ଭ କରି ସିନିୟର ସ୍ତର ପର୍ଯ୍ୟନ୍ତ ସୂର୍ଯ୍ୟକାନ୍ତ ସମସ୍ତ ଏଜ୍ ଗ୍ରୁପ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେ ୬୨ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳି ୧୯୭ ଉଇକେଟ ନେଇଛନ୍ତି। ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ଥିଲା ୭/୪୦। ସେହିପରି ୩୫ଟି ଲିଷ୍ଟ-ଏ ମ୍ୟାଚରେ ସେ ୪୬ଟି ଉଇକେଟ ଅକ୍ତିଆର କରିଛନ୍ତି। ଟି୨୦ ଫର୍ମାଟରେ ୫୨ଟି ମ୍ୟାଚ ଖେଳି ୪୭ ଉଇକେଟ ହାସଲ କରିଛନ୍ତି। ୨୦୧୩ ନଭେମ୍ବର ୨୮ରେ ସେ କର୍ଣ୍ଣାଟକ ବିପକ୍ଷରେ ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିଲେ। ୨୦୧୪ ନଭେମ୍ବର ୧୩ରେ ସେ ମହାରାଷ୍ଟ୍ର ବିପକ୍ଷରେ ନିଜର ଶେଷ ମ୍ୟାଚ ଖେଳିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ ସମସ୍ତ କର୍ମକର୍ତ୍ତା ସୂର୍ଯ୍ୟକାନ୍ତଙ୍କୁ ଭବିଷ୍ୟତର କାର୍ଯ୍ୟପନ୍ଥା ଲାଗି ଶୁଭେଚ୍ଛା ଜଣାଇଛନ୍ତି।

# ବୈଭବଙ୍କ ବିସ୍ଫୋରକ ଶତକରେ ଭାରତ 'ଏ' ବିଜୟୀ

**ଦୋହା, ୧୪।୧୧ (ପି.ଟି.):**

### ଏସିଆ କପ୍ ରାଇଜିଂ ଷ୍ଟାର ଟୁର୍ନାମେଣ୍ଟ

ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ୧୪୪ ରନ (୪୨ ବଲ୍, ୧୧ ଚୌକା ଓ ୧୫ ଛକା) ବଳରେ ଭାରତ 'ଏ' ଏଠାରେ ଚାଲିଥିବା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟି୨୦ କ୍ରିକେଟ ପ୍ରତିଯୋଗିତାରେ ସଂଯୁକ୍ତ ଆରବ ଏମିରେଟ୍ସକୁ ଏକତରଫା ୧୪୮ରନରେ ପରାସ୍ତ କରିଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ଇନିଂସରେ ବଡ଼ ଅବଦାନ ରଖିଥିବା ଅନ୍ୟ ବ୍ୟାଟର ହେଲେ ଅଧିନାୟକ ଜିତେଶ ଶର୍ମା (୩୨ ବଲ୍‌ରୁ ୮୩ରନ)। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୨୯୭ରନ କରିଥିଲା। ଜବାବରେ ୟୁଏଇ ନିର୍ଦ୍ଧାରିତ ଓଭରରେ ୧୪୯/୭ କରିପାରିଥିଲା। ଟପ୍ ସ୍କୋରର ଶୋଏବ ଖାନ୍ ୪୧ ବଲ୍‌ରୁ ୬୩ରନ କରିଥିଲେ। ଭାରତର ସଫଳ ବୋଲର ଗୁର୍‌ଜପନୀତ ସିଂ ୧୮ରନ ବିନିମୟରେ ୩ ଉଇକେଟ ନେଇଥିଲେ। ମ୍ୟାଚରେ କିନ୍ତୁ ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ମୁଖ୍ୟ ଆକର୍ଷଣ ଥିଲେ। ସେ ୩୨ ବଲ୍‌ରେ ତାଙ୍କ ଶତକ ପୂରଣ କରି ରିଷଭ ପନ୍ତଙ୍କ ସମକକ୍ଷ ହୋଇଥିଲେ। ପନ୍ତ ୨୦୧୮ରେ ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚରେ ୩୨ ବଲ୍‌ରେ ଶତକ ହାସଲ କରି ଟି୨୦ରେ ଜଣେ ଭାରତୀୟ ଭାବେ ଦ୍ରୁତ ଶତକ ହାସଲ କରିଥିବା ବ୍ୟାଟର ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିଲେ।

ପୂର୍ବରୁ ଟି୨୦ କ୍ରିକେଟରେ ଜଣେ ଭାରତୀୟ ବ୍ୟାଟର ଭାବେ ଦ୍ରୁତତମ ଶତକ ହାସଲ କରିବାରେ ମିଳିତ ରେକର୍ଡ ବିଶ୍ୱର ନମ୍ବର-୧ ଅନ୍ତର୍ଜାତୀୟ ଟି୨୦ ବ୍ୟାଟର ଅଭିଷେକ ଶର୍ମା ଏବଂ ଗୁଜରାଟର ଉର୍ବିଲ ପଟେଲଙ୍କ ନାମରେ ରହିଛି। ୨୦୨୪-୨୫ରେ ସୟଦ ମୁସ୍ତାକ୍ ଅଲି ଟି୨୦ ଟ୍ରଫିରେ ଉଭୟେ ମାତ୍ର ୨୮ ବଲ୍‌ରେ ଶତକ ହାସଲ କରିଥିଲେ।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭାଗବତ ପାଢୀ**

ଆବିର୍ଭାବ- ୧୯.୦୨.୧୯୪୩
ତିରୋଧାନ- ୦୪.୧୧.୨୦୨୫

ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲେ। ଆଜି ୧୫.୧୧.୨୦୨୫ ଶନିବାର ଦ୍ୱାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ହତଭାଗ୍ୟ ପତ୍ନୀ, ଭାଇ, ଭୋଉଣୀ, ଭାଇବୋହୂ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭାଣିଜୀ, ବନ୍ଧୁ ଓ ପରିବାରବର୍ଗ।

ଧ-୨୫୬୮


# ଟିମ୍ ସୌଦି କେକେଆର୍ ବୋଲିଂ କୋଚ୍

**କୋଲ୍‌କାତା, ୧୪।୧୧(ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆସନ୍ତା ସିଜନ ପାଇଁ କୋଲ୍‌କାତା ନାଇଟ ରାଇଡର୍ସ (କେକେଆର୍) ଶୁକ୍ରବାର ନ୍ୟୁଜିଲାଣ୍ଡ କ୍ରିକେଟ କିମ୍ବଦନ୍ତୀ ଟିମ୍ ସୌଦିଙ୍କୁ ଦଳର ବୋଲିଂ କୋଚ୍ ଭାବେ ନିଯୁକ୍ତି ଦେଇଥିବା ଘୋଷଣା କରିଛି। ସୌଦି ତାଙ୍କ ଦେଶ ତରଫରୁ ୧୦୭ ଟେଷ୍ଟ ମ୍ୟାଚ, ୧୬୧ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୨୬ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳି ୭୭୬ ଉଇକେଟ ଅକ୍ତିଆର କରିଛନ୍ତି। ସୌଦି ପୂର୍ବରୁ ୨୦୨୧, ୨୦୨୨ ଓ ୨୦୨୩ ଆଇପିଏଲ୍ ସିଜନରେ କେକେଆର୍ ଦଳ ପାଇଁ ଖେଳିଛନ୍ତି। କେକେଆର୍‌ର ସିଇଓ ଭେଙ୍କି ମୟୀସୂର କହିଛନ୍ତି, ଟିମ୍ ସୌଦି କେକେଆର୍ ପରିବାରକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଆମେ ବହୁତ ଖୁସି। ଏଥର ଖେଳାଳି ନୁହେଁ, ତାଙ୍କୁ ଜଣେ କୋଚ୍ ହିସାବରେ ଆମେ ପାଇଛୁ।

# ରାଜ୍ୟ ଟେବୁଲ ଟେନିସ ୨୧ରୁ

**ଭୁବନେଶ୍ୱର, ୧୪।୧୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ୩୧ତମ ଆନ୍ତଃଜିଲ୍ଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଚଳିତ ମାସ ୨୧ରୁ କଟକର ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଆରମ୍ଭ ହେବ। ଆଗାମୀ ଦିନରେ ହେବାକୁଥିବା ଜାତୀୟ ଟୁର୍ନାମେଣ୍ଟ ଲାଗି ଏହି ପ୍ରତିଯୋଗିତାରୁ ଖେଳାଳି ଚୟନ ହେବ। ରାଜ୍ୟ ଚାମ୍ପିୟନଶିପ୍‌ରେ ମୋଟ ୧୫ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। କେବଳ ପୁରୁଷ ଓ ଜୁନିୟର ବାଳକ ବର୍ଗରେ ଦଳଗତ ପ୍ରତିଯୋଗିତା ଆୟୋଜନ କରାଯିବ। ଏହା ବ୍ୟତୀତ ସିନିୟର ମହିଳା ଓ ପୁରୁଷ ଏବଂ ୧୯ (ୟୁଥ୍), ୧୭ (ଜୁନିୟର), ୧୫ (ସବ୍‌ଜୁନିୟର), ୧୩ (କ୍ୟାଡେଟ) ଓ ୧୧ (ହୋପ୍ସ) ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗରେ ପ୍ରତିଯୋଗିତା ହେବ। ଭେଟେରାନ ବିଭାଗରେ ବ୍ୟକ୍ତିଗତ ସିଙ୍ଗଲ୍ସ ମୁକାବିଲା ହେବ। ଓଡ଼ିଶାର ଯେ କୌଣସି ଜିଲ୍ଲା ଓ ଅନୁଷ୍ଠାନ ଆସନ୍ତା ୧୭ ତାରିଖ ମଧ୍ୟରେ ନାମ ପଞ୍ଜୀକୃତ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ରକାଶ କରିଛନ୍ତି।

# ଲକ୍ଷ୍ୟ ସେନ୍ ସେମିଫାଇନାଲରେ

**କୁମାମୋତୋ(ଜାପାନ), ୧୪।୧୧(ପି.ଟି.)**

ଭାରତର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ କୁମାତୋ ମାଷ୍ଟର୍ସ ଜାପାନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ତଥା ଏଠାରେ ସପ୍ତମ ସିଡ୍ ମାନ୍ୟତାପ୍ରାପ୍ତ ସେନ୍ କ୍ୱାର୍ଟର ଫାଇନାଲରେ ବିଶ୍ୱର ୯ ନମ୍ବର ଖେଳାଳି ସିଙ୍ଗାପୁରର ଲୋ କିନ୍ ୟୁ'ଙ୍କୁ ୨୧-୧୩, ୨୧-୧୭ରେ ହରାଇ ଦେଇଛନ୍ତି।


# Classified Everyday

0674-2580101, 9692975378



**REAL ESTATE SALE**

Gharabari bounded plot 2400 sqft for sale Adjacent to Meera's Courtyard, near kuranga football field 200mtrs from Niali- Nakhara, SH Cuttack Sadar. Contact- 9937012712. D-2574

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

Plot Area 25000 sft Near Rasulgada Square Bhubaneswar. 8480204021. D-2581

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫


ସ୍ଥିତିବାନ ପ୍ଲଟ୍ ଧଉଳି, ବାଳକାଟି ବଜାର, ଗୁଡ଼ିଆ ପୋଖରି ପାଖରେ ମିଳୁଛି- 8249776268. ଧ-୭୬୩୦୪

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବା -7008634668 ଧ-୦୮

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06




3Bedroom, 3Bathroom, Living Room, Kitchen, Balcony, Covered Parking, Shakti Nagar Near Axis Bank, Jharpada. Contact: 7377075640. D-2515




The massage felt totally professional! & comfortable at all times- 7978109255. D-211

Full body massage by odia therapist in homely atmosphere. 9078618337. D-2566

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**MISSING**



ନାମ- ଦିନବନ୍ଧୁ ଧଳସାମନ୍ତ, ପିତା- ସ୍ୱର୍ଗତ ଦିବ୍ୟସିଂହ ଧଳସାମନ୍ତ, ଗ୍ରାମ- ଚନ୍ଦ୍ରଶେଖର ପ୍ରସାଦ, ଥାନା- ଢେଙ୍କାନାଳ ସଦର, ଜିଲ୍ଲା- ଢେଙ୍କାନାଳ, ଉଚ୍ଚତା- ୫ଫୁଟ ୧୦ଇଞ୍ଚ, ରଙ୍ଗ- ଶ୍ୟାମଳ, କଳା ପ୍ୟାଣ୍ଟ, କଫି କଲର ସାର୍ଟ ପିନ୍ଧିଥିଲେ ସନ୍ଧାନ ପାଇଲେ ମୋ. ୮୯୨୬୩୫୬୪୦୩/ ୭୦୦୮୯୨୮୮୪୫ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୫୬୨

**AFFIDAVIT**

By virtue of an affidavit sworn before Aswini Kumar Pradhan, Notary Public, Bhubaneswar, dated- 14.11.2025, I, ROJALINI PATRA wife of Abhisek Nayak, Address Plot No.- 154, Bharatpur GA Colony, P.O.- Baramunda, P.S.- Bharatpur, Bhubaneswar, Dist.- Khordha, Odisha- 751003, declare that I have changed my name from ROJALIN PATRA (OLD NAME) to ROJALINI PATRA (NEW NAME). Henceforth, I shall be known as ROJALINI PATRA for all purposes.
Rojalini Patra
D-212

By virtue of an affidavit sworn before the Executive Magistrate, Keonjhar, dated- 24.10.2025, I, Chhatray Mahanta, Vill.- Musanali, P.O.- Musakhori, P.S.- Patna, Dist.- Kendujhar, Odisha, PIN- 758030 declare that I have changed the name of my daughter from Damayanti Mahanta to Debasmita Mahanta. Henceforth, she shall be known as Debasmita Mahanta for all purposes.
Chhatray Mahanta
D-2580

By virtue of an affidavit sworn before the Executive Magistrate, Dharamgarh, date- 4.2.2025, I, Hiralal Pande, Village- Jharkundamal, P.O.- Tarapur, P.S.- Koksara, Dist.- Kalahandi declare that, I have changed the name of my son and his date of birth from Aleu Pande DOB- 01.01.2005 to Sagar Pande, DOB- 11.04.2010. Henceforth, he shall be known as Sagar Pande, DOB- 11.04.2010 for all future purposes.
Hiralal Pande
D-2579

ସମସ୍ତଙ୍କର ଅବଗତି ନିମନ୍ତେ ଜଣାଯାଉଛି ଆମ୍ଭର ପିତା ଶ୍ରୀ କୃଷ୍ଣ ଚନ୍ଦ୍ର ଦାଶ, ୰ପିତା ଫକିର ଦାଶ, ମୌଜା- ଦାଶଗୋବା, ଜିଲ୍ଲା- ପୁରୀ ନାନା ପ୍ରକାର ରୋଗରେ ପୀଡ଼ିତ ଥିବାରୁ ତାଙ୍କ ସମ୍ପତ୍ତିକୁ ଖଳ ଲୋକମାନେ ନିଜ ନାମରେ କରାଇ ମାଲିକାନା ସ୍ୱତ୍ୱ ଉପରେ କୌଣସି ଦାବି କଲେ ଆମ୍ଭେ ସେଥିପାଇଁ ଦାୟୀ ରହିବୁ ନାହିଁ।
ସ୍ୱା.- ଶ୍ରୀ ପ୍ରଦିପ କୁମାର ଦାଶ
ଧ-୨୫୬୩

By virtue of affidavit sworn before Executive Magistrate, Delang Dtd.- 12.11.2025, I, Pratikshyapalli Ray, D/o.- Bibhudatta Ray, Village- Sujanapur, Post/P.S.- Delang, PIN- 752015, District- Puri, Odisha have changed my name from Pratikhyapalli Ray to Pratikshyapalli Ray. I shall be known as Pratikshyapalli Ray Henceforth for all purposes. D-2568

By virtue of an affidavit sworn before Executive Magistrate, Place- Bolagarh, Dtd.- 10.11.25 At about 12.30 PM, I, Sila Ghadei, W/o.- Gangadhar Ghadei, At- Bolagarh, P.O.- Bolagarh, P.S.- Bolagarh, Dist.- Khordha declare that I have changed my name from Sila Naik to Sila Ghadei Henceforth, I shall be known as Sila Ghadei for all purposes.
Sila Ghadei
D-2577

By virtue of an affidavit sworn before Executive Magistrate, Erasama, dated- 25.10.2025, I Balaram Puhan, Address- VTC- Gadabishunpur, P.O.- Borikina, Sub District- Erasama, District- Jagatsinghpur, State- Odisha, PIN code- 754110. Declare that I have changed the name of my daughter from Lipi Puhan to Tophani Puhan. Henceforth, she shall be known as Tophani Puhan for all purpose.
Balaram Puhan
D-2576

**LEGAL NOTICE**

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୧, ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୩୦/୨୦୨୫
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ରେଣୁକା କୁମାରୀ ଜେନା ........ବାଦୀ
ବନାମ
ନେତ୍ରାନନ୍ଦ ମହାନ୍ତି ଓ ଅନ୍ୟମାନେ .... ପ୍ରତିବାଦୀମାନେ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ.୧- ନେତ୍ରାନନ୍ଦ ମହାନ୍ତି, ପିତା- ସ୍ୱର୍ଗତ ମଦନ ମୋହନ ମହାନ୍ତି, ୨- ଉଲ୍ଲାସ ଚନ୍ଦ୍ର ମହାନ୍ତି, ୩- ରମେଶ ଚନ୍ଦ୍ର ମହାନ୍ତି, ପ୍ରତିବାଦୀ ନଂ.୨ ଓ ୩ଙ୍କର ପିତା- ସ୍ୱର୍ଗତ ଅଗଣି ମହାନ୍ତି, ୪- ମିନକେତନ ମହାନ୍ତି, ୫- ରାମଚନ୍ଦ୍ର ମହାନ୍ତି, ପ୍ରତିବାଦୀ ନଂ.୪ ଓ ୫ଙ୍କର ପିତା- ସ୍ୱର୍ଗତ ନରହରି ମହାନ୍ତି, ୬- ଲକ୍ଷ୍ମଣ ମହାନ୍ତି, ପିତା- ସ୍ୱର୍ଗତ ସଦାଶିବ ମହାନ୍ତି, ୭- ଭ୍ରମରବର ମହାନ୍ତି, ୮- ପଦ୍ମ ଚରଣ ମହାନ୍ତି, ୯- ଅଗାଧୁ ମହାନ୍ତି, ୧୦- ରାଧାଶ୍ୟାମ ମହାନ୍ତି, ପ୍ରତିବାଦୀ ନଂ.୭ରୁ ୧୦ଙ୍କର ପିତା- ସ୍ୱର୍ଗତ ହୃଷୀକେଶ ମହାନ୍ତି, ୧୧- କେଲୁଚରଣ ମହାନ୍ତି, ୧୨- ବଂଶୀଧର ମହାନ୍ତି, ୧୩- ରତ୍ନାକର ମହାନ୍ତି, ପ୍ରତିବାଦୀ ନଂ.୧୧ରୁ ୧୩ଙ୍କର ପିତା- ସ୍ୱର୍ଗତ ନାରାୟଣ ମହାନ୍ତି, ୧୪- ପ୍ରତାପ ଚନ୍ଦ୍ର ମହାନ୍ତି, ପିତା- ସ୍ୱର୍ଗତ ଗୋଲଖ ମହାନ୍ତି, ୧୫- ବର୍ଣ୍ଣମାଳା ମହାନ୍ତି, ପିତା- ସ୍ୱର୍ଗତ ଗୋଲଖ ମହାନ୍ତି, ୧୬- ଝରଣାବାଳା ମହାନ୍ତି, ୧୭- କିରଣବାଳା ମହାନ୍ତି, ପ୍ରତିବାଦୀ ନଂ.୧୬ ଏବଂ ୧୭ଙ୍କର ପିତା- ସ୍ୱର୍ଗତ ଉଗ୍ରସେନ ମହାନ୍ତି, ୧୮- ପବିତ୍ର ମହାନ୍ତି, ପିତା- ସ୍ୱର୍ଗତ ଉଗ୍ରସେନ ମହାନ୍ତି, ୧୯- ଧୀରୁପମା ମହାନ୍ତି, ୨୦- ଉନୁପମା ମହାନ୍ତି, ୨୧- କାହ୍ନୁ ଚରଣ ମହାନ୍ତି, ପ୍ରତିବାଦୀ ନଂ.୧୯ରୁ ୨୧ଙ୍କର ପିତା- ସ୍ୱର୍ଗତ ଅଟଳ ବିହାରୀ ମହାନ୍ତି, ପ୍ରତିବାଦୀମାନଙ୍କ ଗ୍ରାମ- ଗୋଠପାଟଣା, ପୋଷ୍ଟ- ମାଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୧ ରେ ମୋକଦ୍ଦମା ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜଲାସରେ ଆସନ୍ତା ତା.୨୨।୧୨।୨୦୨୫ରିଖ ଦିବା ୧୧.୪୫ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଗୋଠପାଟଣା ସାବକ: ଖାତା ନମ୍ବର- ୮୪, ପ୍ଲଟ୍ ନମ୍ବର- ୪୧୬, ରକବା ଏ୦.୨୭୫ ଡେସିମିଲରୁ ଏ୦.୦୮୦ ଡେସିମିଲ, ସବ୍ ପ୍ଲଟ୍ ନମ୍ବର- ୪୧୬/ଖ, ହାଲ: ଖାତା ନମ୍ବର- ୨୯୩, ପ୍ଲଟ୍ ନମ୍ବର- ୧୮୮୧, ରକବା- ଏ୦.୨୬୦୦ ଡେସିମିଲରୁ ଏ୦.୦୮୦ ଡେସିମିଲ, କିସମ- ଶାରଦ ଅଣଜଳସେଚିତ ତିନି।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ କିମ୍ବା ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୧୪।୧୧।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ,
ସ୍ୱା./- କୋର୍ଟ ଅଫିସର
ଧ-୨୫୬୯

## ନୃତ୍ୟ ସଙ୍ଗୀତ ସହ ମଞ୍ଚ ନାଟକକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉ



ବରଗଡ଼ର ସଙ୍ଗୀତ ନୃତ୍ୟଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

**ଢେଙ୍କାନାଳ,୧୪।୧୧(ରତନ ନାୟାର)**

ଢେଙ୍କାନାଳର ପ୍ରମୁଖ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ମାଇକ୍ରୋମିଡିଆ ଆୱାରନେସ୍‌ର ୨୩ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ହେଉଥିବା କପିଳାସ ମହୋତ୍ସବର ପ୍ରଥମ ସନ୍ଧ୍ୟା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳରେ ମଞ୍ଚ ନାଟକର ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ସାଂସ୍କୃତିକ ଅନୁଷ୍ଠାନମାନେ ବିଭିନ୍ନ ସମୟରେ କରୁଥିବା ଉତ୍ସବରେ ମଞ୍ଚ ନାଟକ ଆୟୋଜନ ପାଇଁ ମଧ୍ୟ ପ୍ରାଧାନ୍ୟ ଦେବା ପାଇଁ ଅତିଥିମାନେ ମତ ପ୍ରକାଶ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ ଯୋଗଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନିର୍ଦ୍ଦେଶକ କବି ଅଥୟ କୁମାର ସାହୁ ସଭାପତିତ୍ୱ

### କପିଳାସ ମହୋତ୍ସବ ଉଦ୍‌ଘାଟିତ

କରିଥିଲେ । ସମ୍ପାଦିକା ମଧୁସ୍ମିତା ସାହୁ ବିବରଣୀ ପାଠ କରିଥିଲେ । ଆବାହକ ସୌମ୍ୟବ୍ରତ ସାହୁ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବରଗଡର ବିଶିଷ୍ଟ ନୃତ୍ୟ, ସଙ୍ଗୀତ ଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କୁ ବିଶିଷ୍ଟ ଶିକ୍ଷାବିତ୍ ଡ. ବିଧାନଚନ୍ଦ୍ର ମିଶ୍ର ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନ୍ୟମାନଙ୍କ ମଧ୍ୟରେ ମଞ୍ଚ କଳାକାର ଅଶୋକ କୁମାର ଦାଶ, ମାଲକାନଗିରିର ସମାଜସେବୀ ପ୍ରସାଦ ନାୟକ, ବରଗଡ଼ ଜିଲାର ସମାଜସେବୀ ମହେନ୍ଦ୍ର କୁମାର ସାହୁ, ଅନୁଗୋଳ ଜିଲାର ବିଶିଷ୍ଟ କ୍ରୀଡ଼ାବିତ୍ ପ୍ରକାଶ ଗଡ଼ନାୟକ, ଓଡ଼ିଆ ସିନେ ସାମ୍ବାଦିକ ଶ୍ରୀରାମ ରାୟଙ୍କ ସମେତ ଢେଙ୍କାନାଳ ଖମାରସାହିର ବିକାଶ ୟୁଥ୍ କ୍ଲବ ଓ ସତରୂପା ଓଡ଼ିଶୀ ନୃତ୍ୟ ରିସର୍ଚ୍ଚ ସେଣ୍ଟରକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁଶାନ୍ତ ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ସୁକାନ୍ତ କୁମାର ମିଶ୍ର, ସୁଶାନ୍ତ ପାଣି ଓ ସୌମ୍ୟବ୍ରତ ସାହୁ ଅତିଥି ଭାବେ ମଞ୍ଚାସୀନ ଥିବା ବେଳେ ଅଥୟ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅପରାହ୍ନରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବାହାଦୁର ପାଟସାହାଣୀ, ପୂର୍ବତନ ସଦସ୍ୟା ପୁଷ୍ପଲତା ରଥ, ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ସନ୍ଧ୍ୟା ୫ଟାରେ ସାଂସ୍କୃତିକ ଶୋଭାଯାତ୍ରା ଓ ଲୋକକଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

**ପରଜଙ୍ଗ, ୧୪।୧୧ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ ବାରିହାପୁର ଗୋବିନ୍ଦପୁର ସାହିରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଗାଁର ପଞ୍ଚାନନ ବେହେରା ଓ ରୋହିତ ବେହେରାଙ୍କ ଘରେ ବିଦ୍ୟୁତ୍ ସଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ପିନ୍ଧା ବସ୍ତ୍ର ବ୍ୟତୀତ ପରିବାର ଲୋକେ କିଛି ବି ଉଦ୍ଧାର କରିପାରି ନ ଥିଲେ। ପରଜଙ୍ଗ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆରଆଇ ଆଲୋକ ଲେଙ୍କା ପହଞ୍ଚି ପଲିଥିନ ଯୋଗାଇ ଦେଇଛନ୍ତି।

## ଢେଙ୍କାନାଳ ବନଖଣ୍ଡର ବାର୍ଷିକ ସମୀକ୍ଷା ବୈଠକ

**ଢେଙ୍କାନାଳ,୧୪।୧୧(ରତନ ନାୟାର)**



ଢେଙ୍କାନାଳ ବନଖଣ୍ଡ ବିଭାଗର ବାର୍ଷିକ ସମୀକ୍ଷା ବୈଠକ ଶୁକ୍ରବାର ପୂର୍ବାହ୍ନରେ ମହିଷାପାଟସ୍ଥିତ ବହୁମୁଖୀ ପ୍ରକୋଷ୍ଠଠାରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ବନାଞ୍ଚଳ ପ୍ରକଳ୍ପ-୨, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଢେଙ୍କାନାଳ ଦ୍ୱାରା ଆୟୋଜିତ ଏହି ସମୀକ୍ଷା ବୈଠକରେ ଯୋଗଦେଇ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଲାଇନ୍ ଡିପାର୍ଟମେଣ୍ଟମାନେ ଗୋଟିଏ ପ୍ଲାଟଫର୍ମରେ କପିଳାସ ବ୍ରାଣ୍ଡିଂ ନାମରେ ଜିଲାର ସମସ୍ତ ଉତ୍ପାଦଗୁଡ଼ିକୁ ମିଶନ ଶକ୍ତି ମାଧ୍ୟମରେ ଉଚିତ ମୂଲ୍ୟ ସହ ବିକ୍ରି ବୃଦ୍ଧି ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ । ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ସହଯୋଗ ଯୋଗୁ ବନାୟନ ଯୋଜନା ସଫଳ ହୋଇପାରିଛି ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ । ୨୦୧୭-୧୮ ଆର୍ଥିକ ବର୍ଷରୁ ଚାଲିଥିବା ଏହି ବନାୟନ ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ବିଭିନ୍ନ ଉତ୍ପାଦନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । କାଜୁ କ୍ଲଷ୍ଟର କପିଳାସର ସଭାପତି ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ ଏବଂ ତାଙ୍କର ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ନିକଟ ଅତୀତରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସୁଭଦ୍ରା ମେଳାରେ ଅଂଶଗ୍ରହଣ କରି କ୍ଲଷ୍ଟର ଉତ୍ପାଦ, କାଜୁ, ମହୁ ଓ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟ ବିକ୍ରୟ କରି ପୁରସ୍କୃତ ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ବିଭାଗର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏହାକୁ କିଭଳି ଅଧିକ ପ୍ରଚାରପ୍ରସାର କରାଯିବ, ସେ ସମ୍ପର୍କରେ ଅବଗତ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଅତିଥି ଭାବେ ଯୋଗଦେଇଥିଲେ । ଜୀବନ ଜୀବିକାର ବିଶେଷଜ୍ଞ ଅମିୟ ରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ ।


DADLS-61



**ମହାନ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**

**୧୫ ନଭେମ୍ବର, ୨୦୨୫**

ସକାଳ ୮.୩୦ ମିନିଟ୍ -ଜାଭିଅର ମାର୍ଗ, ମୈତ୍ରୀ ବିହାର, ଭୁବନେଶ୍ୱରସ୍ଥିତ
ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ପୂର୍ବାହ୍ନ ୧୦.୩୦ ମିନିଟ୍ -ଓଡ଼ିଶା ବିଧାନସଭା ୩ ନମ୍ବର ଗେଟ ସ୍ଥିତ ଶହୀଦ ବିର୍ସା ମୁଣ୍ଡା ଙ୍କ ପ୍ରତିମୂର୍ତ୍ତିରେ
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**, ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଶ୍ରୀମତୀ ସୁରମା ପାଢ଼ୀ**, ବାଚସ୍ପତି, ଓଡ଼ିଶା ବିଧାନ ସଭା
ତଥା ବିଶିଷ୍ଟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
**ସୂଚନା ଓ ଲୋକସମ୍ପର୍କ ବିଭାଗ,ଓଡିଶା ସରକାର**

OIPR-



DSPL-355



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

4th NATIONAL EMRS SPORTS MEET ODISHA 2025

୧୧ - ୧୫ ନଭେମ୍ବର, ୨୦୨୫

# ସମାପନ ସମାରୋହ

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀ ଜୁଏଲ ଓରାମ**
ମନ୍ତ୍ରୀ, ଜନଜାତି ବ୍ୟାପାର ମନ୍ତ୍ରାଳୟ, ଭାରତ ସରକାର

**ଶ୍ରୀ ଭବାନୀ ଶଙ୍କର ଭୋଇ**
ଉପ ବାଚସ୍ପତି, ବିଧାୟକ, ତଳସରା

**ଶ୍ରୀ ଲକ୍ଷ୍ମଣ ମୁଣ୍ଡା**
ବିଧାୟକ ,ବଣାଇଗଡ

**ଶ୍ରୀ ଯୋଗେଶ କୁମାର ସିଂ**
ବିଧାୟକ, ସଦର, ସୁନ୍ଦରଗଡ଼

**ଶ୍ରୀ ସାରଦା ପ୍ରସାଦ ନାୟକ**
ବିଧାୟକ, ରାଉରକେଲା

**ଶ୍ରୀ ଦୁର୍ଗା ଚରଣ ତନ୍ତି**
ବିଧାୟକ, ରଘୁନାଥପଲ୍ଲି

୧୫ ନଭେମ୍ବର ୨୦୨୫ । ରାଉରକେଲା, ସୁନ୍ଦରଗଡ଼ ଓ ରାଜଗାଙ୍ଗପୁର





ଆୟୋଜକ
**National Education Society for Tribal Students**
(କେନ୍ଦ୍ର ଜନଜାତି ମନ୍ତ୍ରାଳୟ ,ଭାରତ ସରକାର)

ଆତିଥେୟତା
**Odisha Model Tribal Education Society**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-

ଧରିତ୍ରୀ
DHARITRI
ଧରିତ୍ରୀ 51 Years

www.orissakhabar.com/ www.dharitri.com  ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26.  ଭୁବନେଶ୍ୱର, ଶନିବାର, ନଭେମ୍ବର ୧୫/୨୦୨୫  Bhubaneswar, Saturday, November 15/ 2025







# ଇଡେନ୍‌ରେ ବୁମ୍‌ରାଙ୍କ ଯାଦୁ

- ପ୍ରଥମ ଦିବସରେ ୧୧ ଉଇକେଟର ପତନ
- ଦକ୍ଷିଣ ଆଫ୍ରିକା ୧୫୯, ଭାରତ ୩୭/୧

**କୋଲକାତା, ୧୪।୧୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜ୍‌ର ପ୍ରଥମ କ୍ରିକେଟ ଟେଷ୍ଟ ଶୁକ୍ରବାର ଇଡେନ୍ ଗାର୍ଡେନ୍ସରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ମୋଟ୍ ୧୧ଟି ଉଇକେଟର ପତନ ହୋଇଥିବାବେଳେ ଯଶପ୍ରୀତ ବୁମ୍‌ରା ଚମତ୍କାର ବୋଲିଂ କରି ୫ ଉଇକେଟ ସଫଳତା ଲାଭ କରିଛନ୍ତି। ଦକ୍ଷିଣ ଆଫ୍ରିକା ୧୫୯ ରନ୍‌ରେ ଅଲ୍‌ଆଉଟ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଭାରତ ୧ ଉଇକେଟ ହରାଇ ୩୭ ରନ୍ ସଂଗ୍ରହ କରିଛି। ଯଶସ୍ୱୀ ଜୟସ୍ୱାଲ ୧୨ ରନ୍‌କରି ମାର୍କୋ ଜାନସେନଙ୍କ ଦ୍ୱାରା ବୋଲ୍ଡ ହୋଇଥିବାବେଳେ ଲୋକେଶ ରାହୁଲ ୧୩ ଓ ୱାଶିଂଟନ ସୁନ୍ଦର ୬ ରନ୍‌ରେ ଅପରାଜିତ ରହିଛନ୍ତି। ୯ ଉଇକେଟ ସୁରକ୍ଷିତ ରହିଥିବାବେଳେ ଭାରତ ଆଉ ୧୨୨ ରନ୍ ପଛରେ ରହିଛି।

## ଟସ୍ ନିଷ୍ପତ୍ତି ବୁମେରାଂ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା। ବଡ଼ ସ୍କୋର କରି ଭାରତ ଉପରେ ଚାପ ପକାଇବା ଥିଲା ମୁଖ୍ୟ ଲକ୍ଷ୍ୟ। ମାତ୍ର ସମ୍ଭବତଃ ସେ ପିଚ୍‌ର ପ୍ରକୃତିକୁ ପଢ଼ିପାରି ନ ଥିଲେ। ପିଚ୍‌ର ଆର୍ଦ୍ରତାରୁ ଫାଇଦା ଉଠାଇ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ଯଶପ୍ରୀତ ବୁମ୍‌ରା। ସେ କ୍ୟାରିୟରର ୧୬ଶ ୫ ଉଇକେଟ ସଫଳତା ହାସଲ କରିବା ସହ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ୨ଟି ଲେଖାଏ ଏବଂ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକା ଓପ୍‌ନିଂ ଯୋଡ଼ିରେ ୫୭ ରନ୍ ଯୋଗକରିଥିଲେ ହେଁ ଏହାର ଫାଇଦା ଉଠାଇପାରି ନ ଥିଲା। ୧୧ତମ ଓଭରର ୩ୟ ବଲ୍‌ରେ ର୍ୟାନ୍ ରିକେଲ୍‌ଟନଙ୍କୁ ବୁମ୍‌ରା ବୋଲ୍ଡ କରିବାପରେ ଦକ୍ଷିଣ ଆଫ୍ରିକା ଇନିଂସ୍ ତାସ୍‌ଘର ଭଳି ଭୁଶୁଡ଼ି ପଡ଼ିଥିଲା। ବ୍ୟାଟରମାନେ କ୍ରିଜ୍‌ରେ ତିଷ୍ଠି ରହିବାକୁ ସଂଘର୍ଷ କରିଥିଲେ। ଏଡେନ୍ ମାରକ୍ରମ ସର୍ବାଧିକ ୩୧ ଏବଂ ୱିଆନ ମୁଲ୍ଡର ଓ ଟୋନି ଡି ଜର୍ଜି ୨୪ ରନ୍ ଲେଖାଏ କରିଥିଲେ। ରିକେଲଟନ ୨୩ ରନ୍‌କରି ପାଭିଲିୟନ ଫେରିଥିଲେ। ବଡ଼ ପାର୍ଟନରଶିପ୍‌ର ଅଭାବ ଯୋଗୁ ଦକ୍ଷିଣ ଆଫ୍ରିକା ବଡ଼ ସ୍କୋର କରିପାରି ନ ଥିଲା।


୫ ଉଇକେଟ ହାସଲରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍‌ରା।


ଟେଷ୍ଟ ସିରିଜ ଟ୍ରଫି ନିକଟରେ ଦୁଇ ଅଧିନାୟକ ଶୁବମନ ଗିଲ୍ ଓ ଟେମ୍ବା ବଭୁମା।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ୍: ୧୫୯/ଅଲ୍‌ଆଉଟ (ଏଡେନ୍ ମାରକ୍ରମ-୩୧, ୱିଆନ ମୁଲ୍ଡର-୨୪, ଟୋନି ଡି ଜର୍ଜି-୨୪, ଯଶପ୍ରୀତ ବୁମ୍‌ରା-୫/୨୭, ମହମ୍ମଦ ସିରାଜ-୨/୪୭, କୁଲଦୀପ ଯାଦବ-୨/୩୬, ଅକ୍ଷର ପଟେଲ-୧/୨୧)। ଭାରତ ପ୍ରଥମ ଇନିଂସ: ୩୭/୧।

**ଏସିଆନ୍ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍**

# ଭାରତୀୟ ମାଷ୍ଟର୍ସ ମହିଳା ହକି ଦଳରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୧୪।୧୧(ତପନ ସ୍ୱାଇଁ):** ହଂକଂଠାରେ ୨୦୨୫ ଏସିଆନ୍ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ଚଳିତ ମାସ ୨୬ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ୩୫ ବର୍ଷରୁ ଉର୍ଦ୍ଧ୍ୱ ଭାରତୀୟ ମାଷ୍ଟର୍ସ ମହିଳା ହକି ଦଳରେ ଓଡ଼ିଶାରୁ ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପୁନମ୍ ଟପ୍ପୋ, ସରିତା ରୋଶନ ମିଞ୍ଜ୍, ସରିତା ଲାକ୍ରା ଓ ରଞ୍ଜିତା ବେକ୍। ଭାରତୀୟ ଦଳରେ ମନୋନୀତ ଖେଳାଳିଙ୍କୁ ନେଇ ହରିୟାଣାର ସୋନିପତସ୍ଥିତ ସାଇ ସେଣ୍ଟରରେ ଏକ କୋଚିଂ କ୍ୟାମ୍ପ୍ ଚଳିତ ମାସ ୧୮ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ଭାରତୀୟ ଦଳ:** ଚିଙ୍ଗଶୁଭମ ସାଙ୍ଗାଇ ଇବେମହଲ, ଇନ୍ଦରଜିତ କୌର, ପ୍ରୀତମ ସିୱାଚ, ନିଶି ଶିଭେନଦାସ ସିଂ, ସୋନିକା ଯାଦବ, ପୁନମ୍ ଟପ୍ପୋ, ସରିତା ରୋଶନ ମିଞ୍ଜ, ସରିତା ଲାକ୍ରା, ରଞ୍ଜିତା ବେକ୍, କ୍ରିଷ୍ଟି ଏଲିନା ଏଡୱାର୍ଡ, ନାଦାୟାଲ ଭେଲାନ୍ଦି ଟିନା, ଆଣ୍ଟୋନୀ ଜୁଏଲ ପ୍ରଭୁ ରସନା, ସୌମ୍ୟା ମନି, ଭିନିତା ଭାଝାକ୍କୁନ୍ନାଥୁ ଥୋମାସ, ବଲଜିତ୍ କୌର, ବଲଜିତ୍ କୌର ମାରାର, ମନାକ୍ଷୀ, ନୀତି। ମ୍ୟାନେଜର: ରେଖା ଜନାର୍ଦ୍ଦନ, ସହକାରୀ ମ୍ୟାନେଜର: ଲକ୍ଷ୍ମୀ ବୈକୁଣ୍ଠ।

# ଶ୍ରୀଲଙ୍କା ଦଳ ସୁରକ୍ଷା ଦାୟିତ୍ୱରେ ପାକିସ୍ତାନ ସେନା

**ରାୱଲପିଣ୍ଡି, ୧୪।୧୧ (ପି.ଟି.):** ପାକିସ୍ତାନ ସରକାର ଭ୍ରମଣକାରୀ ଶ୍ରୀଲଙ୍କା କ୍ରିକେଟ ଦଳର ସୁରକ୍ଷା ଦାୟିତ୍ୱ ପାକିସ୍ତାନ ସେନାକୁ ହସ୍ତାନ୍ତର କରିବା ପରେ ସେମାନେ ଦେଶରେ ଟୁର୍ ଜାରି ରଖିବାକୁ ରାଜି ହୋଇଛନ୍ତି। ଇସ୍‌ଲାମବାଦରେ ଆତଙ୍କବାଦୀଙ୍କ ଦ୍ୱାରା ସିରିଅଲ ବୋମା ବିସ୍ଫୋରଣ ପରେ ସୁରକ୍ଷା ଦୃଷ୍ଟିରୁ ଶ୍ରୀଲଙ୍କା କ୍ରିକେଟ ଦଳ ଟୁର୍ ଅଧାରୁ ସ୍ୱଦେଶ ଫେରିଯିବାକୁ ଚାହିଁଥିଲା। ମାତ୍ର ସେନାମୁଖ୍ୟ ଅସିମ ମୁନିରଙ୍କ ହସ୍ତକ୍ଷେପ ପରେ ଭ୍ରମଣକାରୀ ଦଳକୁ ରାଜ୍ୟସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ଫଳରେ ପୋଲିସ ସହିତ ପାକିସ୍ତାନର ଆର୍ମି ଓ ରେଞ୍ଜରମାନଙ୍କୁ ଖେଳାଳିମାନଙ୍କ ସୁରକ୍ଷାରେ ନିୟୋଜିତ କରାଯାଇଛି।


ଭାରତ ତୀର୍ଥସାଥୀ ପ୍ୟାକେଜ୍ ଟୁର୍
ପରିଚାଳକ: ରାମଚନ୍ଦ୍ର ପଣ୍ଡା,ଯାଜପୁର,ମୋ-୯୪୩୭୭୫୩୫୮୮/୯୬୯୨୫୭୪୯୭୨

୧ମ ଯାତ୍ରା:(ଦକ୍ଷିଣ ଭାରତ) ତା.୨୪.୦୧.୨୦୨୬ ଭୁବନେଶ୍ୱରରୁ ବାହାରି ତିରୁପତି, ମାନ୍ଦ୍ରାଜ, ମଦୁରାଇ, ମିନାକ୍ଷୀଦେବୀ, ରାମେଶ୍ୱର ଧାମ, କନ୍ୟାକୁମାରୀ, ତ୍ରିଭେନ୍ଦ୍ରମ୍-ପଦ୍ମନାଭସ୍ୱାମୀ, ବାଙ୍ଗାଲୋର୍-ମହୀଶୂର, ମହାରାଜା ପ୍ୟାଲେସ୍, ସମର୍ ପ୍ୟାଲେସ୍, ଚାମୁଣ୍ଡିଦେବୀ, ବୃନ୍ଦାବନ ଗାର୍ଡେନ ଇତ୍ୟାଦି ଜ୍ୟୋତିର୍ଲିଙ୍ଗ-ଶ୍ରୀଶୈଳମ୍-ମଲ୍ଲିକାର୍ଜୁନ ଦର୍ଶନ କରି ତା.୦୪.୦୨.୨୦୨୬ରେ ଭୁବନେଶ୍ୱରରେ ପହଞ୍ଚିବେ। ୨ୟ ଯାତ୍ରା: (ପଶ୍ଚିମ ଭାରତ) ତା.୦୮.୦୨.୨୦୨୬ରେ ଯାତ୍ରା କରି ଉଜ୍ଜୟିନୀ ଜ୍ୟୋତିର୍ଲିଙ୍ଗ, ମହାକାଳେଶ୍ୱର, ଜ୍ୟୋତିର୍ଲିଙ୍ଗ ଓଁକାରେଶ୍ୱର, ଆଜମିର୍-ପୁଷ୍କରତୀର୍ଥ ମାଉଣ୍ଟଆବୁ, ଅହମ୍ମଦାବାଦ, ଗାନ୍ଧି ଆଶ୍ରମ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ-୧୮୪ ମି. ଉଚ୍ଚତା, ଓଖା-ଦ୍ୱାରିକା ଧାମ୍, ଜଳ ଦ୍ୱାରିକା, ଜ୍ୟୋତିର୍ଲିଙ୍ଗ-ନାଗେଶ୍ୱର, ଜ୍ୟୋତିର୍ଲିଙ୍ଗ ସୋମନାଥ, ପ୍ରଭାସ ତୀର୍ଥ, ପୁନା-ନାସିକ୍, ପଞ୍ଚବଟି, ଜ୍ୟୋତିର୍ଲିଙ୍ଗ ତ୍ର୍ୟମ୍ବକେଶ୍ୱର, ଜ୍ୟୋତିର୍ଲିଙ୍ଗ ଭୀମାଶଙ୍କର, ଜ୍ୟୋତିର୍ଲିଙ୍ଗ ଘୃଷ୍ଣେଶ୍ୱର, ଶନିସିଗ୍ନାପୁର, ଶିରିଡ଼ି ସାଇ ହୋଇ ତା.୨୩.୦୨.୨୦୨୬ରେ ଭୁବନେଶ୍ୱର ପହଞ୍ଚିବେ। ୩ୟ ଯାତ୍ରା: (ଉତ୍ତର ଭାରତ) (ନବଦୋଳ ଉପଲକ୍ଷେ) ତା.୦୭.୦୩.୨୦୨୬ରେ ଭୁବନେଶ୍ୱରରୁ ବାହାରି ଏହ୍ଲାବାଦ୍(ପ୍ରୟାଗରାଜ) ଅସ୍ଥି ବିସର୍ଜନ ଓ ପିଣ୍ଡ ଦାନ, ମଥୁରା, ଗୋପ, ବୃନ୍ଦାବନ, ଆଗ୍ରା-ବିଶ୍ୱବିଖ୍ୟାତ ତାଜମହଲ, ହରିଦ୍ୱାର, ଋଷିକେଶ, ଲଛମନ୍‌ଝୁଲା, ଅଯୋଧ୍ୟା-ନୂତନ ମନ୍ଦିରରେ ରାମଲାଲାଙ୍କ ଦର୍ଶନ, ସରଜୁ ସ୍ନାନ, ହନୁମାନଗଡି, ଦଶରଥ ମହଲ, କାଶୀ-ବାରାଣାଶି (କାଶୀ ବିଶ୍ୱନାଥ ଜ୍ୟୋର୍ତିଲିଙ୍ଗ), ଗୟାରେ ମଧୁମାସରେ ପିଣ୍ଡଦାନ କରି ତା.୧୭.୦୩.୨୦୨୬ ମଧ୍ୟାହ୍ନରେ ପୁରୀ ପହଞ୍ଚିବେ ଓ ଯାତ୍ରା ଶେଷ। ଟିକେଟ୍‌ର ମୂଲ୍ୟ-ପ୍ରଥମ ଯାତ୍ରା ତ୍ରିତଳ ଶୟନ ଯାନ ରେଳ ଭଡା + ଦୁଇ ବେଳା ନିରାମିଷ ଖାଦ୍ୟ + ଧର୍ମଶାଳା / ଲଜିଂ ରହଣି + ଦର୍ଶନୀୟ ସ୍ଥାନ ଭ୍ରମଣ ଖର୍ଚ୍ଚ ସହ ଜଣ ପ୍ରତି ୧ମ ଯାତ୍ରା-୧୮,୫୦୦/-, ୨ୟ ଯାତ୍ରା-୧୮,୫୦୦/-, ୩ୟ ଯାତ୍ରା-୧୩,୫୦୦/-। ବ୍ୟବସ୍ଥା- ଭଲ ଗାଇଡ୍, ରୁଚିକର ଖାଦ୍ୟ, ବୃଦ୍ଧବୃଦ୍ଧାଙ୍କ ଦାୟିତ୍ୱ। ନିମ୍ନ ଠିକଣାରେ ଯୋଗାଯୋଗ ସହ ୨୦୦୦/- ଟଙ୍କା ଦେଇ ସିଟ୍ ରିଜର୍ଭ କରନ୍ତୁ।
ବିଶେଷ ଦ୍ରଷ୍ଟବ୍ୟ- ବିଜ୍ଞାପନ ପ୍ରକାଶ ପାଇବାର ୮ ଦିନ ମଧ୍ୟରେ ଯାତ୍ରା ପାଇଁ ଯୋଗାଯୋଗ ନିହାତି ଆବଶ୍ୟକ।

ଯୋଗାଯୋଗ : ଭୁବନେଶ୍ୱର-୯୭୭୮୯୭୫୪୦, କଟକ- ୭୦୦୮୬୯୩୦୪୪, ଖୋର୍ଦ୍ଧା-୯୯୩୭୭୭୫୨୫୮, ଚୌଦ୍ୱାର- ୭୩୭୦୨୫୨୮୧୧, ବାଲେଶ୍ୱର-୯୮୬୧୦୭୫୩୨୮, ସମ୍ବଲପୁର-୯୭୭୭୪୭୨୪୪୧, ନିମାପଡ଼ା-୭୯୭୮୭୯୪୬୨୯, ଢେଙ୍କାନାଳ- ୯୩୩୭୧୬୩୫୫୧, ଭବାନୀପାଟଣା-୯୫୮୩୪୭୫୭୪୦, ଜୁନାଗଡ଼-୮୯୮୪୨୨୬୦୭୯, ଅନୁଗୋଳ-୭୬୮୨୮୫୨୪୪୧, ରାଉରକେଲା - ୮୬୩୭୨୩୯୯୪୯, ଝାରସୁଗୁଡା - ୮୭୫୮୨୮୫୬୭୫, ବ୍ରହ୍ମପୁର - ୯୮୬୧୬୪୩୮୭୫, ଯାଜପୁର ରୋଡ୍ - ୯୦୯୦୩୩୨୬୨୮, ଚଣ୍ଡିଖୋଲ - ୯୭୭୮୫୦୧୪୪
ବି.ଦ୍ର.: ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଉପରଲିଖିତ ପରିଚାଳକଙ୍କୁ ଫୋନ୍ କରନ୍ତୁ।


# ଓଡ଼ିଶାରୁ ଭାଗନେବେ ୩୧ ପ୍ରତିଯୋଗୀ



ଜାତୀୟ ପାରା ସନ୍ତରଣରେ ଭାଗ ନେଉଥିବା ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।

**ଜାତୀୟ ପାରା ସନ୍ତରଣ**

**ଭୁବନେଶ୍ୱର, ୧୪।୧୧ (ତପନ ସ୍ୱାଇଁ)**

ଚଳିତ ମାସ ୧୫ରୁ ୧୮ ପର୍ଯ୍ୟନ୍ତ ୨୫ତମ ଜାତୀୟ ପାରା ସନ୍ତରଣ ଚାମ୍ପିୟନଶିପ୍ ହାଇଦ୍ରାବାଦର ଗାଚିବାଓଲିସ୍ଥିତ ଜିଏମସି ବାଲାୟୋଗୀ ଆକ୍ୱାଟିକ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ ୩୧ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୧୦ ମହିଳା ଓ ୨୧ ପୁରୁଷ ପ୍ରତିଯୋଗୀ ସାମିଲ। ପ୍ରତିଯୋଗୀଙ୍କ ସହ କୋଚ ସୁନିତା ବହିଦାର, ଟିମ ଅଫିସିଆଲ ମାର୍କଣ୍ଡ ରେଡି, ପୂର୍ଣଚନ୍ଦ୍ର ସେଠୀ, ପରମ ହଂସ ରେଡି, ବିକାଶ ସ୍ୱାଇଁ, ଓ ଲିପ୍ସା ମିଶ୍ର ପ୍ରମୁଖ ଶୁକ୍ରବାର ହାଇଦ୍ରାବାଦ ଯାତ୍ରା କରିଛନ୍ତି। ଓଡିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମର ଏଚପିସି ସେଣ୍ଟରରେ ୧୫ ଦିନର ପ୍ରଶିକ୍ଷଣ ବ୍ୟବସ୍ଥାନ କରାଯାଇଥିଲା। ଫଳରେ ଓଡ଼ିଶା ଅଧିକ ପଦକ ଜିତିବା ଆଶା କରାଯାଉଛି।

# ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୪।୧୧(ତପନ ସ୍ୱାଇଁ)**

ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଆଇଏସ୍‌ଏଫ୍) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର ମିଳିତ ଆନୁକୂଲ୍ୟରେ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆ।ଇଓସିପିଏଲ୍)-୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ଭାଜପାର ଉପ ସଭାପତି ଗୋଲକ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନାଳନ୍ଦା ନାଇଟ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷ୍‌ଙ୍କ ସହ ଗୋଟିଚାଳନା କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏସ୍‌ଆରବି ଆସୋସିଏଟ୍ସର ରାଜୀବ ଶେଖର ସାହୁ, ସୋଆ ବିଶ୍ୱବିଦ୍ୟାଳୟର ଡିନ୍(ଛାତ୍ର କଲ୍ୟାଣ) ଜ୍ୟୋତି ରଞ୍ଜନ ଦାସ, ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶ୍ରୁ ସତ୍ୟପ୍ରଜ୍ଞ, ସୋନପୁର ଫାମିଲି କୋର୍ଟରେ ବିଚାରପତି ପ୍ରଶାନ୍ତ କୁମାର ମିଶ୍ର, ଏସ୍‌ଏମ୍ ଆସୋସିଏଟ୍ସର ସିଏସ୍ ସୁନୀତା ମହାନ୍ତି ପ୍ରମୁଖ ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ସଭାପତିତ୍ୱରେ ଉକ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ଆଇଏସ୍‌ଏଫ୍‌ର ରାଜ୍ୟ ଆବାହକ ରାଶି ଅଗ୍ରୱାଲଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହ ଶେଷରେ ନିର୍ଦ୍ଦେଶିକା ଚିଦାତ୍ମିକା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଆଇଏସ୍‌ଏଫ୍‌ର ଅନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଅର୍ବିଟର୍ ସୁରେଶ ସାହୁ, ତାପସ ମହାନ୍ତି, ପିଙ୍କି ମହାପତ୍ର, ଅଭିଷେକ ଆଚାର୍ଯ୍ୟ ପ୍ରମୁଖ ଲିଗ୍ ପରିଚାଳନା ଦାୟିତ୍ୱରେ ଅଛନ୍ତି।

ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ୧୨ ଦଳ ହେଲେ କୋଣାର୍କ କିଙ୍ଗ୍ସ, କଳିଙ୍ଗ ୱାରିୟର୍ସ, ଅମ୍ବର ଆଭେଞ୍ଜର୍ସ, ମହାନଦୀ ଫାଲ୍‌କନ୍ସ, ବାରବାଟୀ ବ୍ୟାଟଲର୍ସ, ଗୋଲକୋଣ୍ଡା ଗାର୍ଡିଆନ୍ସ, ଭିକ୍ଟୋରିଆ ଭିକ୍ଟର୍ସ, ରାଜଧାନୀ ଚ୍ୟାଲେଞ୍ଜର୍ସ, ଏଲୋରା ଇଲାଇଟ୍ସ, ଚୋଳା ଚାମ୍ପିୟନ୍ସ, ନାଳନ୍ଦା ନାଇଟ୍ସ ଓ ସାଞ୍ଚି ଷ୍ଟ୍ରାଟେଜିଷ୍ଟ୍ସ। ପ୍ରଥମ ଦିବସରେ ମୋଟ୍ ୪ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ୨ ଗ୍ରାଣ୍ଡମାଷ୍ଟର, ୧୪ ଅନ୍ତର୍ଜାତୀୟ ମାଷ୍ଟର, ୩ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୮ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର, ୬ କ୍ୟାଣ୍ଡିଡେଟ୍ ମାଷ୍ଟର ଓ ଜଣେ ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟରଙ୍କ ସହ ୩୭ଜଣ ଫିଡେ ଟାଇଟଲଧାରୀଙ୍କୁ ମିଶାଇ ମୋଟ ୯୬ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଆସନ୍ତା ରବିବାର ଏହି ଲିଗର ଫାଇନାଲ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ମୁଖ୍ୟ ସଞ୍ଜୟ ଚୌଧୁରୀ ଓ ଚିଦାତ୍ମିକା ଖଟୁଆ ସୂଚନା ଦେଇଛନ୍ତି।



ପ୍ରଥମ ଦିବସ ଖେଳ ଅବସରରେ ପ୍ରତିଯୋଗୀମାନେ।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ